

ଆକ୍ସନ୍ ହିରୋ ହେବେ ଅହାନ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-35 ♦WEDNESDAY ♦29 JULY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୩୫ ♦ବୁଧବାର ♦୨୯ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଜାପାନରେ ୭.୧ ତୀବ୍ରତାର ଭୂକମ୍ପ; ସୁନାମି ସତର୍କତା

■ ଟୋକିଓ, ୨୮।୭ (ଏଜେନ୍ସି): ଦକ୍ଷିଣ ଜାପାନର କୁମାମୋଟୋ ପ୍ରଦେଶରେ ମଙ୍ଗଳବାର ୭.୧ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ହୋଇଛି। ଭୂକମ୍ପ ପରେ ଜାପାନ ପାଣିପାଗ ବିଭାଗ ପକ୍ଷରୁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପାଇଁ ସୁନାମି ସତର୍କତା ଜାରି କରାଯାଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ କ୍ୟୁଶୁ ଦ୍ୱୀପର କୁମାମୋଟୋ ପ୍ରଦେଶରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୧୦ କିମି ଗଭୀରରେ ରହିଥିବା ଜଣାପଡ଼ିଛି। ଭୂମିକମ୍ପ ପରେ ସମୁଦ୍ରରେ ପ୍ରାୟ ୧ ମିଟର ଉଚ୍ଚର ସାମୁଦ୍ରିକ ଲହରୀ ଆସିବା ସମ୍ଭାବନା ରହିଥିବା ଦୃଷ୍ଟିରୁ ସତର୍କତା ଜାରି ହୋଇଛି। ଉପକୂଳବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି। ଅନେକ ସ୍ଥାନରେ ଉଚ୍ଚତାର ଲହରୀ ପହଞ୍ଚିବା ଆରମ୍ଭ ହୋଇଛି। ଜାପାନରେ ଅନେକ ପ୍ରଦେଶ ପାଇଁ ମଧ୍ୟ ଜରୁରୀକାଳୀନ ଭୂମିକମ୍ପ ସତର୍କତା ଜାରି କରାଯାଇଛି। ସୂଚନାଯୋଗ୍ୟ, ଜାପାନ ବିଶ୍ୱର ଅନ୍ୟତମ ଅଧିକ ଭୂମିକମ୍ପ ପ୍ରବଣ ଦେଶ। ଏହି ଦେଶ ପ୍ରଶାନ୍ତ ମହାସାଗରୀୟ 'ରିଙ୍ଗ ଅଫ ଫାୟାର' ଉପରେ ରହିଛି। ଚଳିତ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଭୂମିକମ୍ପ ଝଟକା। ପୂର୍ବରୁ ଜୁନ୍




୨୫ରେ ଉତ୍ତର ଜାପାନରେ ୭.୨ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ତେବେ ଭୂକଂପ ଯୋଗୁଁ ଟୋକିଓର ଏକ ମଲରେ ବିସ୍ଫୋରଣ ହେବା ପରେ ଏହା ଭୁଶୁଡ଼ି ପଡ଼ିଛି। ଏଥିରେ ଅନେକ ଲୋକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ଏହାଛଡ଼ା ଅନ୍ୟ କୌଣସି ସ୍ଥାନରୁ ବଡ଼ ଧରଣର କ୍ଷୟକ୍ଷତି ରିପୋର୍ଟ ମିଳିନାହିଁ।

ବଦଳିବ ପିୟୁସିସି ବୈଧତା ନିୟମ

# ବିଏସ୍-୬ ଯାନର ପିୟୁସିସି ୩ ବର୍ଷ ହେବ

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଦେଶର ଲକ୍ଷ ଲକ୍ଷ କାର ଏବଂ ବାଇକ୍ ମାଲିକଙ୍କ ପାଇଁ ବଡ଼ ଆଶ୍ୱସ୍ତି ଖବର। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନିୟମରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ସରକାରଙ୍କ ନୂତନ ପ୍ରସ୍ତାବ ଅନୁଯାୟୀ, ବିଏସ୍-୬ ବ୍ୟକ୍ତିଗତ ଯାନ ପାଇଁ ପିୟୁସିସି ପ୍ରମାଣପତ୍ରର ବୈଧତା ଏବେ ୩ ବର୍ଷ ରହିବ। ଏଥିପାଇଁ ମନ୍ତ୍ରଣାଳୟ କେନ୍ଦ୍ରୀୟ ମୋଟର ଯାନ (ସଂଶୋଧନ) ନିୟମ ୨୦୨୬ର ଏକ ଚିଠା ବିଜ୍ଞପ୍ତି ଜାରି କରିଛି। ଏହି ନୂତନ ପ୍ରସ୍ତାବ ଉପରେ ସରକାର ୩୦ ଦିନ ମଧ୍ୟରେ ଜନସାଧାରଣ ଏବଂ ଅଂଶୀଦାରଙ୍କଠାରୁ ପରାମର୍ଶ ଏବଂ ଆପତ୍ତି ଲୋଡିଛନ୍ତି। ଯାନବାହନର ବର୍ଗ ଅନୁସାରେ ପିୟୁସିର ନୂତନ ବୈଧତା ସ୍ଥିର କରାଯାଇଛି। ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ର ବୈଧତା ଯାନର ନିର୍ଗମନ ମାନଦଣ୍ଡ ଏବଂ ଏହାର ଉଦ୍ଦେଶ୍ୟ ବ୍ୟବହାର (ବାଣିଜ୍ୟିକ କିମ୍ବା ବ୍ୟକ୍ତିଗତ ଯାନ) ଉପରେ ଆଧାର କରି ନିର୍ଣ୍ଣୟ କରାଯିବ। ଯଦି ଜଣେ ଗାଡ଼ି ମାଲିକ ତାଙ୍କ ପିୟୁସିସିର ମିଆଦ ଶେଷ




ହେବାର ୧୫ ଦିନ ମଧ୍ୟରେ ଏକ ନୂତନ ପ୍ରମାଣପତ୍ର ପାଆନ୍ତି, ତେବେ ନୂତନ ପ୍ରମାଣପତ୍ର ପୂର୍ବ ପ୍ରମାଣପତ୍ରର ମିଆଦ ଶେଷ ହେବାର ତାରିଖରୁ କାର୍ଯ୍ୟକାରୀ ହେବ ବୋଲି ବିବେଚନା କରାଯିବ।

# ଉତ୍ତର ଓଡ଼ିଶାରେ ଭୀଷଣ ବନ୍ୟା

## ବିପଦ ସଙ୍କେତ ଉପରେ ବୈତରଣୀ; ବଢୁଛି ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା



### ଅଗଷ୍ଟ ୫ରେ ଆଉ ଏକ ଲଘୁଚାପ

■ ଭୁବନେଶ୍ୱର, ୨୮।୭ (ସମିସ): ଗଭୀର ଅବପାତ ରାଜ୍ୟରେ ଭୀଷଣ ବର୍ଷା କରାଇବା ପରେ ଏବେ ଝାଡ଼ଖଣ୍ଡ ମୁହାଁ ହୋଇଛି। ଫଳରେ ଝାଡ଼ଖଣ୍ଡ ସମେତ ଓଡ଼ିଶା ସୀମାନ୍ତବର୍ତ୍ତୀ ଜିଲ୍ଲାରେ ବର୍ଷା ଜାରି ରହିଛି। ଏହା ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ (୨୦୦ ମିମିରୁ ଅଧିକ) ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଛି। ଅନ୍ୟପଟେ ଏହି ଲଘୁଚାପର ପ୍ରଭାବ ନ କମୁଣୁ ଅଗଷ୍ଟ ପ୍ରଥମ ସପ୍ତାହ ଅର୍ଥାତ ୫ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୩ ତାରିଖରୁ ▶ପୃଷ୍ଠା-୭

■ ଭୁବନେଶ୍ୱର/ବାଲେଶ୍ୱର, ୨୮।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ହୋଇଥିବା ଭୀଷଣ ବର୍ଷା ପ୍ରଭାବରେ ଅଧା ଓଡ଼ିଶାରେ ସୃଷ୍ଟି ହୋଇଛି ବନ୍ୟା ଆଶଙ୍କା। ଏବେ

- ଭଦ୍ରକ ସ୍ଥିତି ଅଣାୟତ୍ତ, ଯାଜପୁର ଉବୁଟୁବୁ
- ବାଲେଶ୍ୱର ସହର ଭିତରେ ଅଣ୍ଟାଏ ପାଣି
- ୮ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର ସ୍ଥିତି ଉଦ୍‌ବେଗଜନକ ରହିଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ମହାନଦୀରେ ମଧ୍ୟ ଜଳସ୍ତର ବ୍ୟାପକ ଭାବେ ବଢ଼ିବାର ଆଶଙ୍କା କରାଯାଉଛି। ଉତ୍ତର ଓଡ଼ିଶା ଉପରେ ଅବପାତର ସର୍ବାଧିକ ପ୍ରଭାବ ରହିଥିବା ହେତୁ ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀରେ ମୁଣ୍ଡରେଅତ୍ୟନ୍ତ ପ୍ରବଳବର୍ଷା ରେକର୍ଡ ହୋଇଛି। ଏହାସହିତ ମଙ୍ଗଳବାର ରାତିଠାରୁ ଏହି ନଦୀର ଉପରମୁଣ୍ଡ ଅର୍ଥାତ ଝାଡ଼ଖଣ୍ଡରେ ମଧ୍ୟ ଭୀଷଣ ବର୍ଷା ରେକର୍ଡ ହୋଇଛି। ଏହାର ଫଳସ୍ୱରୂପ ଝାଡ଼ଖଣ୍ଡ ଏହି ତିନି ପ୍ରମୁଖ ନଦୀରେ ବଡ଼ ବନ୍ୟା ଆଶଙ୍କା ରହିଛି। ବୈତରଣୀ ଇତିମଧ୍ୟରେ ବିପଦ ସଙ୍କେତ ଟପି ସାରିଥିବାରୁ ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଅନେକ ଗାଁ ଜଳମଗ୍ନ ହୋଇ ସାରିଛି। ସେହିପରି ବାଲେଶ୍ୱରରେ ଆଜି ୫ ଘଣ୍ଟାରେ ୧୭୦ ମିମି ବର୍ଷା ସହ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବାଲେଶ୍ୱରରେ ଏବେ ଅନେକ ଗାଁ ଜଳବନ୍ଦୀ ଅବସ୍ଥାରେ ଅଛି। ସହର ଭିତରେ ଅଣ୍ଟାଏ ପାଣି ବୋହୁଛି। ଅନ୍ୟପଟେ ବୁଧବାର ପୂର୍ଣ୍ଣିମା ଥିବାବେଳେ ଏବେ ଦୁଇ ଦିନ ସମୁଦ୍ର ପାଣି ଟାଣିବ ନାହିଁ। ତେଣୁ ବନ୍ୟାର ଭୀଷଣ ପ୍ରକୋପ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ମଙ୍ଗଳବାର ସନ୍ଧ୍ୟା ୮ଟା ସୁଦ୍ଧା ବୈତରଣୀ ନଦୀ ଉଭୟ ଆଖୁଆପଦା ଓ ଆନନ୍ଦପୁରଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ଜଳକା ନଦୀ ମଧ୍ୟ ମଥାନିଠାରେ ବିପଦ ସଙ୍କେତ ଉପରେ ବହୁଛି। ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ସ୍ତର ୧୮.୩୩ ମିଟର ଥିବା ବେଳେ ଏବେ ୧୯.୩୫ ମିଟର ଉପରେ ଜଳସ୍ତର ରହିଛି ଓ ବୁଧବାର ▶ପୃଷ୍ଠା-୭

**ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ**

### ୩ ଜିଲ୍ଲା ପାଇଁ ୩ ସ୍ୱତନ୍ତ୍ର ଅଧିକାରୀ

**ପ୍ରଭାବିତ ଅଞ୍ଚଳରେ ସ୍ଥାନାନ୍ତରଣ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨୮।୭ (ସମିସ): ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ତଥା ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସାଧାରଣ ଲୋକେ ପ୍ରଶାସନିକ ସେବା ଏବଂ ସହାୟତା ନେଇ ସୁରକ୍ଷିତ ରହିବା ଦରକାର ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟରେ ଲଗାଣ ବର୍ଷାଜନିତ ସୃଷ୍ଟ ବନ୍ୟା ପରିସ୍ଥିତିର ସମୀକ୍ଷାପାଇଁ ମଙ୍ଗଳବାର ମନ୍ତ୍ରୀ ଶ୍ରୀ ପୂଜାରୀ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ଏହାପରେ ଜିଲ୍ଲାପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ ହୋଇ କାର୍ଯ୍ୟ କରିବାକୁ କହିଛନ୍ତି। ଏହାସହିତ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜଳସ୍ତର ବୃଦ୍ଧି ଉପରେ ନଜର ରଖିବା ପାଇଁ ରାତିସାରା ଏସଆରସି କାର୍ଯ୍ୟାଳୟ ଖୋଲା ରଖିବାକୁ ମନ୍ତ୍ରୀ ▶ପୃଷ୍ଠା-୭

# ପ୍ରଶ୍ନପତ୍ର ଲିକ୍ ନିରୋଧୀ ବିଲ୍ ନେଇ ବର୍ଷିଲେ ବିରୋଧୀ

**ବିବାଦ ସତ୍ତ୍ୱେ ଏନ୍‌ଟିଏ ଅଧ୍ୟକ୍ଷଙ୍କୁ ହଟାଯାଇନି କାହିଁକି?**

**ନିଟ୍ ବର୍ଷକୁ ଦୁଇ ଥର କରିବାକୁ ବିଜେପି ସହଯୋଗୀଙ୍କ ଦାବି**

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଚଳିତ ମୌସୁମୀ ଅଧିବେଶନରେ ୬ ଦିନ ଧରି ପ୍ରବଳ ହଙ୍ଗାମା ଯୋଗୁଁ ଅଚଳ ରହିଥିବା ସଂସଦରେ ଆଜି ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଦ୍ଦିଷ୍ଟ 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍ ଉପରେ ଆଲୋଚନା ଆରମ୍ଭ ହୋଇଛି। ସରକାର ଏହି ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିବା ବେଳେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠାଇବା ସହିତ କହିଛନ୍ତି ପୂର୍ବ ପରି ଏହି ଆଇନ ମଧ୍ୟ ବିଫଳ ହେବ। ସରକାରର କେତେକ ଅଂଶୀଦାର ଦଳ ନିଟ୍ ପରୀକ୍ଷା ବର୍ଷକୁ ଦୁଇଥର କରିବାକୁ ଦାବି କରିଛନ୍ତି। ଲୋକସଭାରେ ଆଜି ବିଲ୍ ଉପରେ ଆଲୋଚନା ଆରମ୍ଭ କରି କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ସଂଶୋଧିତ ବିଲ୍ ବ୍ୟବସ୍ଥାରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ ସରକାରଙ୍କ ଆନ୍ତରିକତା ଥିଲା ବୋଲି ଜଣାପଡୁ ନାହିଁ। କେବଳ ଲୋକଙ୍କ ମନ ବୁଝାଇବା ଲାଗି ଏଭଳି ବିଲ୍ ଆଗତ କରାଯାଇଛି। ଦୁଇ ବର୍ଷ ତଳେ ସରକାର ଏଭଳି ବିଲ୍ ଆଗତ କରିଥିଲେ। ସେତେବେଳେ ସରକାର ଦାବି କରିଥିଲେ ଯେ ପ୍ରଶ୍ନପତ୍ର ଲିକ ରୋକିବାରେ ଏହା ଫଳପ୍ରଦ ପ୍ରମାଣିତ ହେବ। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହେଲାନାହିଁ। ୨୦୨୪ରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ୪୫ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରୁ ▶ପୃଷ୍ଠା-୭

**କେନ୍ଦ୍ରର ନିରବତା, ସୁପ୍ରିମକୋର୍ଟଙ୍କ ଆଦେଶକୁ ନେଇ ଆପତ୍ତି**

# ବିଜେଡିର ପୁଣି ଆନ୍ଦୋଳନ ଧମକ

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର କରିବା ସହିତ ଗିରଫ ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ସଂକ୍ରାନ୍ତରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପ୍ରତି ସମ୍ମାନ ଜଣାଉ ନାହାନ୍ତି। ଆନ୍ଦୋଳନକାରୀଙ୍କ ବିରୋଧରେ ଏବେ ବି ଦମନଲୀଳା ଚାଲିଛି। ଏସମ୍ପର୍କରେ କେନ୍ଦ୍ର ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସରକାର ନିରବ ରହିଛନ୍ତି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଏଫଆଇଆର ପ୍ରତ୍ୟାହାର ସହ ସମସ୍ତ ଆନ୍ଦୋଳନକାରୀଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ଦାବି କରିଛି କଂଗ୍ରେସ୍ ଜନତା ପାର୍ଟି (ବିଜେଡି)। ନଚେତ ଦେଶବ୍ୟାପୀ ପୁଣି ଆନ୍ଦୋଳନ କରିବାକୁ ଧମକ ଦେଇଛି। ଆଜି ସମ୍ବାଦରେ କଂଗ୍ରେସ୍ ଜନତା ପାର୍ଟି (ବିଜେଡି)ର ମୁଖପାତ୍ର ସୌରଭ ଦାସ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ନେଇ ସୁପ୍ରିମ କୋର୍ଟ ଆଜି ଯେଉଁ ଆଦେଶ ଦେଇଛନ୍ତି, ତାହାକୁ ଅଗ୍ର କରି ପ୍ରଶାସନ ଆନ୍ଦୋଳନକାରୀଙ୍କୁ ହଇରାଣ କରିବାର ସମ୍ଭାବନା ରହିଛି।



**ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ଆଧାରରେ ଯାଞ୍ଚ କରିବାକୁ କୋର୍ଟ ଦେଇଥିବା ଆଦେଶ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। କାରଣ ଏହା କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତିର ସଂପୂର୍ଣ୍ଣ ବିପରୀତ। ସମସ୍ତ ଏଫଆଇଆର ▶ପୃଷ୍ଠା-୭

**ପଶ୍ଚିମ ଓଡ଼ିଶାକୁ ପୁଣି ପ୍ରତାରଣା**

# ସମ୍ବଲପୁରରେ ନାହିଁ ଦ୍ୱିତୀୟ ଏମ୍ସ ପ୍ରସ୍ତାବ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୭ (ସମିସ): ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ତତ୍କାଳୀନ ବିଜେଡି ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ବାରମ୍ବାର ଦାବି ବୋହରାଇ ଥିବାବେଳେ ୨୦୨୦ରେ ତତ୍କାଳୀନ ମୁଖ୍ୟ ସଚିବ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ବର୍ତ୍ତମାନ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗତବର୍ଷ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ। ସେହିପରି ନୂଆଖାଇ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ହେବ ବୋଲି କହିଥିଲେ। ଗତ ଜାନୁଆରୀ ୧୦ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

- ସିଧାସିଧା ମନା କଲା କେନ୍ଦ୍ର, ସାଂସଦ ମାନସଙ୍କ ଉଦ୍‌ବେଗ
- ନୂଆଖାଇ ଉତ୍ସବରେ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ
- କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟି ଦାବି କରିଥିଲେ ଉପମୁଖ୍ୟମନ୍ତ୍ରୀ
- କେନ୍ଦ୍ର ନିକଟରେ ମଧ୍ୟ ଦାବି କରିଥିଲା ବିଜେଡି ସରକାର

ଏହାସତ୍ତ୍ୱେ କେନ୍ଦ୍ର ସରକାର ସମ୍ବଲପୁର ବା ଓଡ଼ିଶାରେ ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ କୌଣସି ପ୍ରସ୍ତାବ ନାହିଁ ବୋଲି ଲୋକସଭାରେ ମନା କରିଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦ୍ୱିତୀୟ ଏମ୍ସ ସ୍ଥାପନ ଏକାନ୍ତ ବାଞ୍ଛନୀୟ। ମାତ୍ର କେନ୍ଦ୍ର ଏଥିରୁ ଓହରିଯିବା ଅତ୍ୟନ୍ତ କ୍ଷୋଭର ବିଷୟବୋଲି ସେ କହିଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ପ୍ରତାପରାଓ ଯାଧବ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧୀନରେ ସ୍ଥାପିତ ଏମ୍ସ ଭୁବନେଶ୍ୱର ସଫଳତାର ସହ କାର୍ଯ୍ୟ କରୁଛି। ଏହାର ▶ପୃଷ୍ଠା-୭

**ମାମଲା ବୋଝରେ ଚେପା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ**

# ବିଚାରାଧୀନ ରହିଛି ଅଢ଼େଇ ଲକ୍ଷ ମାମଲା

■ ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ମହିଳା ଓ ଶିଶୁଙ୍କ ବିରୋଧରେ ଯୌନ ଅପରାଧର ଶୀଘ୍ର ବିଚାର ପାଇଁ ବିଭିନ୍ନ ରାଜ୍ୟ ସରକାର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଗଠନ କରୁଛନ୍ତି। ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ପ୍ରଦାନ କରାଯାଉଛି। ବିଶେଷ ବର୍ଗ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ବ୍ୟୟର ୯୦ ଭାଗ ଅଂଶ ପ୍ରଦାନ କରୁଛନ୍ତି ଓ ଅନ୍ୟ ୧୦% ସମ୍ପୃକ୍ତ ରାଜ୍ୟଗୁଡ଼ିକ ବହନ କରୁଛନ୍ତି। ସେହିପରି ଅନ୍ୟ ରାଜ୍ୟଗୁଡ଼ିକରେ ଫାଷ୍ଟ ଟ୍ରାକ୍ କୋର୍ଟ ପାଇଁ ବ୍ୟୟ ଅର୍ଥରାଶିର ୬୦ ପ୍ରତିଶତ କେନ୍ଦ୍ର ସରକାର ପ୍ରଦାନ କରୁଛନ୍ତି ଓ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ବ୍ୟୟ କରୁଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୧୨୭୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଦେଶର ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକରେ ଦୁଇ ଲକ୍ଷ ୪୫ ହଜାର ୫୭୯ଟି ମାମଲା ବିଚାରାଧୀନ ରହିଛି।

ସଂସଦରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଦେଶର ବିଭିନ୍ନ ରାଜ୍ୟର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟଗୁଡ଼ିକରେ ୨୦୨୩ ମସିହାରେ ୮୯,୪୭୭ଟି ନୂଆ ମାମଲା ରୁଜୁ ହୋଇଥିବା ବେଳେ ୭୭,୩୧୯ଟି ମାମଲାର ଫଇସଲା ହୋଇଥିଲା ଓ ବର୍ଷ ଶେଷ ସୁଦ୍ଧା ୨,୦୨,୧୭୫ଟି ମାମଲା ବିଚାରାଧୀନ ରହିଥିଲା। ସେହିପରି ୨୦୨୪ ମସିହାରେ ୮୮,୯୦୭ଟି ନୂଆ ମାମଲା ରୁଜୁ ହୋଇଥିଲା ଓ ୮୫,୫୯୫ଟି ମାମଲାର ସମାଧାନ ହୋଇଥିଲା। ମାତ୍ର ସବୁଠୁ ଚିନ୍ତାଜନକ ସ୍ଥିତି ୨୦୨୫ ମସିହାରେ ଦେଖାଯାଇଛି। ଏହି ବର୍ଷ ୧,୪୩,୧୩୭ଟି ନୂଆ ମାମଲା ରୁଜୁ ହୋଇଥିବା ବେଳେ ମାତ୍ର ୬୬,୫୦୦ଟି ମାମଲାର ଫଇସଲା ହୋଇପାରିଛି। ଫଳରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ି ୨,୪୫,୫୭୯ରେ ପହଞ୍ଚିଛି। ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକରେ ପ୍ରତିବର୍ଷ ନୂଆ ମାମଲା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସମାଧାନ ବା ମାମଲାର ବିଚାର ହାର ହ୍ରାସ ପାଉଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ

**କେନ୍ଦ୍ର ଦେଇଛି ୧୨୭୦ କୋଟି ଅନୁଦାନ**

ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଯୋଜନା କେନ୍ଦ୍ର ପ୍ରାୟୋଜିତ ଯୋଜନା ଭାବେ କାର୍ଯ୍ୟକାରୀ ହେଉଛି। ଏଥିରେ ସାଧାରଣ ରାଜ୍ୟ ପାଇଁ କେନ୍ଦ୍ର ଓ ରାଜ୍ୟର ଅର୍ଥ ଅଂଶୀଦାରୀ ୬୦:୪୦ ଏବଂ ପୂର୍ବୋତ୍ତର ଓ ବିଶେଷ ବର୍ଗର ରାଜ୍ୟ ପାଇଁ ୯୦:୧୦ ଅନୁପାତରେ ରହିଛି। ପ୍ରତ୍ୟେକ ଫାଷ୍ଟ ଟ୍ରାକ୍ କୋର୍ଟ ପାଇଁ ଜଣେ ବିଚାରପତି, ସାତଜଣ ସହାୟକ କର୍ମଚାରୀଙ୍କ ବେତନ ସହ ଦୈନନ୍ଦିନ ପ୍ରଶାସନିକ ଖର୍ଚ୍ଚ ପାଇଁ ଫ୍ଲେକ୍ସି ଗ୍ରାଣ୍ଟ ବ୍ୟବସ୍ଥା ରହିଛି। ଯୋଜନା ଆରମ୍ଭ ହେବା ପରଠାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମୋଟ ୧,୨୬୯.୫୧ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଦିଆଯାଇଛି। ଏହିଅର୍ଥ ରାଜ୍ୟମାନଙ୍କ ଖର୍ଚ୍ଚ ବିବରଣୀ ପ୍ରାପ୍ତ ହେବା ପରେ ପରିଶୋଧ କରାଯାଉଥିବା ଜଣାପଡ଼ିଛି।

ମାତ୍ର ମାମଲାର ନିଷ୍ପତ୍ତି ବା ବିଚାର ଶେଷ ହେବାର ହାର ହ୍ରାସ କେନ୍ଦ୍ର ସରକାରଙ୍କ ପାଇଁ ଶିରପୀଡ଼ା ପାଲଟିଛି। ଏଥିପାଇଁ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖି ପୋକ୍‌ସୋ ଆଇନ ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାମଲାର ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କ ଭାଇରାଲ୍ ଭିଡିଓ ହଟାଇବା ଘଟଣାରେ କ୍ଷମା ମାଗିଲା ମେଟା

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ସାମାଜିକ ଗଣମାଧ୍ୟମ ଫେସବୁକର ମାଲିକାନା ସଂସ୍ଥା ମେଟା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଭାଇରାଲ୍ ସେଲଫି ଭିଡିଓକୁ କିଛି ସମୟ ପାଇଁ ହଟାଇ ଦେଇଛି। ଏହି ଖବର ଜଣାପଡ଼ିବା ପରେ ମଙ୍ଗଳବାର ମେଟା କ୍ଷମା ପ୍ରାର୍ଥନା କରିଛି। ତେବେ ଏହି ଘଟଣାକୁ କେନ୍ଦ୍ର ସରକାର ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରି ମେଟା ଏବଂ ଇନଷ୍ଟାଗ୍ରାମର ମୁଖ୍ୟଙ୍କୁ ସମନ ଜାରି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ସମ୍ବୋଧିତ କରୁଥିବା ଏହି ଭିଡିଓଟିକୁ ବୈଷୟିକ ତ୍ରୁଟି ଯୋଗୁଁ ଫେସବୁକରୁ ହଟାଇ ଦିଆଯାଇଥିଲା ବୋଲି ଜଣାପଡ଼ିଛି। ତେବେ ପରେ ଏହାକୁ ପୁନଃସ୍ଥାପିତ କରାଯାଇଛି। ମେଟା ପ୍ରବକ୍ତା ଏକ ବିବୃତ୍ତିରେ କହିଛନ୍ତି ଭୁଲବଶତଃ ଏହି କଣ୍ଟେଣ୍ଟକୁ ହଟାଇ ଦିଆଯାଇଥିଲା। ଏହି ସାମୟିକ ବିଚ୍ୟୁତିକୁ ନେଇ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ମେଟାର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସ୍ପଷ୍ଟୀକରଣ ରଖିବା ପାଇଁ ଡକାଇଛନ୍ତି। ବିଜେପିର ନେତାମାନେ ଏହି ଘଟଣାକୁ ତୀବ୍ର ସମାଲୋଚନା କରିଛନ୍ତି। ବିଜେପି ନେତା ତଜିନ୍ଦର ବଗ୍ଗା ଏକ୍ସରେ ପ୍ରଶ୍ନ କରିଛନ୍ତି ଯେ, 'ଭାରତର ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟକୁ କାଣ୍ଟଛାଣ୍ଟ କରିବା ପାଇଁ ଏହି ବିଦେଶୀ ପ୍ଲାଟଫର୍ମକୁ କିଏ ଅଧିକାର ଦେଲା?' ଗତ ଗୁରୁବାର ମଧ୍ୟରାତ୍ରିରେ ପ୍ରଧାନମନ୍ତ୍ରୀ ୩ ମିନିଟର ଭିଡିଓଟି ପୋଷ୍ଟ କରିଥିଲେ। ଏଥିରେ ସେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସରକାର ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ ଦୋଷୀମାନଙ୍କୁ ଜେଲ ପଠାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଭିଡିଓଟି ବେଶ୍ ଭାଇରାଲ ହୋଇଥିଲା। ଇନଷ୍ଟାଗ୍ରାମରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଏହା ୩୦୩ ନିୟୁତରୁ ଅଧିକ ଲୋକ ଦେଖି ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା। ଏହି ବିପୁଳ ଜନସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ପରବର୍ତ୍ତୀ ସମୟରେ ଏକ ଧନ୍ୟବାଦ ଭିଡିଓ ପୋଷ୍ଟ କରି ଦେଶର ଯୁବପିଢ଼ିଙ୍କୁ କୃତଜ୍ଞତା ଜଣାଇଥିଲେ।

**କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ସମନ**

## ଅମରନାଥ ଯାତ୍ରୀବାହୀ ବସ୍ ଦୁର୍ଘଟଣା; ୩୦ ଜଣ ଆହତ

ଗାନ୍ଦେରବାଲ୍, ୨୮।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ଗାନ୍ଦେରବାଲ୍ ଜିଲ୍ଲାରେ ମଙ୍ଗଳବାର ସକାଳେ ବାଲ୍‌ଟାଲ୍ ବେସ୍ କ୍ୟାମ୍ପରୁ ଶ୍ରୀନଗର ଅଭିମୁଖେ ଯାଉଥିବା ଅମରନାଥ ଯାତ୍ରୀବାହୀ ବସ୍ ସୋନମାର୍ଗ ରାସ୍ତାରେ ଓଲଟି ପଡ଼ିଛି। ଏହି ଘଟଣାରେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଟି ପ୍ରାୟ ୫୦ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିଲା। ଗାନ୍ଦେରବାଲ୍ ଜିଲ୍ଲାର ସୋନାମାର୍ଗ ରୋଡ୍‌ରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରୁ ପ୍ରାୟ ୨୦-୨୫ ମିଟର ତଳକୁ ଖସି ପଡ଼ିଥିଲା। ବସ୍‌ଟି ଗଡ଼ିଯାଇ ପାହାଡ଼ ତଳେ ଥିବା ଏକ ଘରର ଛାତ ଉପରେ ଅଟକି ରହିଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଆଟିବିପି, ସିଆର୍‌ପିଏଫ୍ ଏବଂ ଜମ୍ମୁ-କାଶ୍ମୀର ପୁଲିସ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନି ଘଟିନାହିଁ ଏବଂ ଅଧିକାଂଶ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।

# ଦିଲ୍ଲୀରେ 'ରେଡ୍ ଆଲର୍ଟ'; ପ୍ରବଳ ବର୍ଷାରେ ବେହାଲ ରାଜଧାନୀ



ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କିଛି ଦିନର ପ୍ରବଳ ଗୁଳୁଗୁଳି ପରେ ଏବେ ଦିଲ୍ଲୀ-ଏନସିଆରରେ ମୌସୁମୀ ବାୟୁ ଅଧିକ ସକ୍ରିୟ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ ପାଇଁ ରେଡ୍ ଆଲର୍ଟ ଜାରି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା, ବଜ୍ରପାତ ଏବଂ ଘଡ଼ଘଡ଼ିର ସତର୍କ ସୂଚନା ଦେଇଛି। ମଙ୍ଗଳବାର ସକାଳୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ସକାଳ ୮.୩୦ ସୁଦ୍ଧା ସଫଦରଜଙ୍ଗରେ ୩୨.୪ ମିଲିମିଟର ଏବଂ ରିଜ୍ ପାଣିପାଗ କେନ୍ଦ୍ରରେ ୩୭.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ସ୍ଥଳଭାଗକୁ ଗତି କରିବା ଫଳରେ ମୌସୁମୀ ବାୟୁ ଅଧିକ ଶକ୍ତିଶାଳୀ ହୋଇଛି। ଫଳରେ 'ମୌସୁମୀ ଟ୍ରଫ୍' ଦିଲ୍ଲୀ ଆଡ଼କୁ ଗତି କରିଛି। ଏହା ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁକୁ ଉତ୍ତର-ପଶ୍ଚିମ ଭାରତ ଆଡ଼କୁ ଟାଣି ଆଣୁଛି। ଏହାଦ୍ୱାରା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପ୍ରବଳ ମେଘ ସୃଷ୍ଟି ହେବା ସହ ଝଡ଼ବର୍ଷା ଜାରି ରହିଛି। ଆଇଏମ୍‌ଡିର ଆକଳନ ଅନୁସାରେ, ବୁଧବାର ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ଦିଲ୍ଲୀ ସମେତ ପଡୋଶୀ ହରିୟାଣାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ ପବନର ବେଗ ମଧ୍ୟ ଅଧିକ ରହିପାରେ, ଯାହା ଫଳରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ଟ୍ରଫ୍ ଏବଂ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଯୋଗୁଁ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ସମଗ୍ର ଉତ୍ତର ଭାରତରେ ବର୍ଷା ଜାରି ରଖିବ ବୋଲି ପାଣିପାଗ ବିଭାଗ କହିଛି।

**ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ ଆକ୍ରମଣ ମାମଲା**

# ଏକେ-୪୭, ପେଲେଟ୍ ଗନ୍ ମାଡ଼ କାହିଁକି?: ପ୍ରିୟଙ୍କା




ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆନ୍ଦୋଳନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସର ଅମାନୁଷିକ ଏବଂ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ସରକାରଙ୍କ ଉପରେ ପୁଣି ବର୍ଷିଛନ୍ତି ବିରୋଧୀ ଦଳ। ସଂସଦରେ ଏହି ପ୍ରସଙ୍ଗ ଉଠାଇ ସେମାନେ ସରକାରଙ୍କୁ ଘେରିଛନ୍ତି। ନିଜର ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପେଲେଟ୍ ଗନ୍ ଏବଂ ଏକେ-୪୭ ରାଇଫଲ ବ୍ୟବହାର କାହିଁକି କରାଗଲା ? ସେମାନେ କଣ ଆତଙ୍କବାଦୀ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ଆଜି ଲୋକସଭାରେ ପ୍ରଶ୍ନପତ୍ର ଲିକ୍ ଆଲୋଚନା ବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କାହିଁକି କରାଗଲା ଏବଂ ଏଥିପାଇଁ କିଏ ନିର୍ଦ୍ଦେଶ ଦେଇଥିଲା? ଏହି ପ୍ରଶ୍ନର ଉତ୍ତର କିଏ ଦେବ ବୋଲି ସେ ପଚାରିଥିଲେ। ଶାନ୍ତିପୂର୍ଣ୍ଣ ରୂପେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଲୁହବୁହା ଗ୍ୟାସ, ୱାଟର କାନନ ଏବଂ ଲାଠିମାଡ଼ କରିବା କଣ ଜରୁରୀ ଥିଲା ? ଆନ୍ଦୋଳନରେ ସାମିଲ ଯୁବତୀମାନଙ୍କର କପଡ଼ା ଚିରିବା ଏବଂ ସେମାନଙ୍କୁ ଅମାନବୀୟ ଭାବେ ମାଡ଼ ମାରିବା କେତେଦୂର ଯୁକ୍ତିଯୁକ୍ତ ? ପିଲାମାନଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନା ସ୍ୱରାଷ୍ଟ୍ର ମନ୍ତ୍ରୀ? ଏହି ପ୍ରଶ୍ନର ଉତ୍ତରକୁ ସାରା ଦେଶ ଅପେକ୍ଷା କରିଛି ବୋଲି ସେ କହିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଲେ ଯେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଆଦୌ ଗ୍ରହଣୀୟ ନୁହେଁ। ସେ କହିଲେ ଯେ ଛାତ୍ରଛାତ୍ରୀଙ୍କ ଉପରେ କଣ୍ଟା ଲଗା ଲାଠି ମାଡ଼ କରାଯାଇଛି। କେବଳ ଏତିକି ନୁହେଁ, ସେମାନଙ୍କୁ ବିଦ୍ୟୁତ ଲାଠିରେ ମଧ୍ୟ ମାଡ଼ କରାଯାଇଛି। ଏଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ କିଏ ଅନୁମତି ଦେଲା। ଏଭଳି କାର୍ଯ୍ୟାନୁଷ୍ଠାନ ଏମର୍ଜେନ୍ସି ବେଳର ନିର୍ଯାତନାକୁ ମନେ ପକାଉଛି ବୋଲି ସେ କହିଥିଲେ।

## ପ୍ରହ୍ଲାଦ ଯୋଶୀଙ୍କୁ ନେଇ ସରକାର-ବିରୋଧୀ ମୁହାଁମୁହିଁ



ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ମଙ୍ଗଳବାର ନବନିଯୁକ୍ତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ନେଇ ଦେଇଥିବା ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଏଭଳି ମନ୍ତବ୍ୟ ପାଇଁ ସେମାନେ କ୍ଷମା ମାଗନ୍ତୁ ବୋଲି ଶାସକ ଦଳ ଦାବି କରିଛି।

ରାହୁଲ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯାହାକୁ ଶିକ୍ଷା ମନ୍ତ୍ରୀ କରିଛନ୍ତି ସେ ବଳାତ୍କାରୀଙ୍କୁ ସୁରକ୍ଷା ଦେଉଛନ୍ତି। ଯିଏ ବଳାତ୍କାରୀଙ୍କୁ ସୁରକ୍ଷା ଦେବା କଥା କହେ, ତା'ଠାରୁ ଭଲ ଆଶା କରାଯାଇପାରିବ ନାହିଁ। ଏହି ଅଭିଯୋଗ ପଛରେ କାରଣ ହେଉଛି ୨୦୨୨ରେ ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାର ଦୋଷୀମାନଙ୍କୁ ଗୁଜରାଟ ସରକାରଙ୍କ ଦ୍ୱାରା ମୁକ୍ତ କରାଯିବାକୁ ନେଇ ପ୍ରହ୍ଲାଦ ଯୋଶୀ ଦେଇଥିବା ପୂର୍ବ ପ୍ରତିକ୍ରିୟା। ଯୋଶୀ ସେତେବେଳେ ଏହି ନିଷ୍ପତ୍ତିକୁ ଆଇନସମ୍ମତ କହି ସମର୍ଥନ କରିଥିଲେ। ଯଦିଓ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଏହି ମୁକ୍ତି ଆଦେଶକୁ ରଦ୍ଦ କରି ଦୋଷୀମାନଙ୍କୁ ପୁଣି ଜେଲ୍ ପଠାଇଥିଲେ।

ରାହୁଲଙ୍କ ମନ୍ତବ୍ୟ ପୂର୍ବରୁ ତାଙ୍କ ଭଉଣୀ ତଥା କଂଗ୍ରେସ ସାଂସଦ ପ୍ରିୟଙ୍କା ଭାଦ୍ରା ମଧ୍ୟ ଲୋକସଭାରେ ଯୋଶୀଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ। ଅନ୍ୟପଟେ, କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ପ୍ରିୟଙ୍କା ଗାନ୍ଧୀ ସଂସଦରେ ମିଥ୍ୟା ତଥ୍ୟ ପ୍ରଚାର କରୁଛନ୍ତି ଏବଂ ଏଥିପାଇଁ ସେ କ୍ଷମା ମାଗିବା ଉଚିତ୍। ସରକାରୀ ଦଳର ସଭ୍ୟମାନେ ମଧ୍ୟ କହିଛନ୍ତି ଯେ ପ୍ରିୟଙ୍କାଙ୍କ ଠାରୁ ଏଭଳି ଭାଷା ଆଶା କରାଯାଏ ନାହିଁ। ଗୃହ ବିବରଣୀରୁ ଏହି ବକ୍ତବ୍ୟ ହଟାଇବା ଲାଗି ସେମାନେ ବାଚସ୍ପତିଙ୍କ ନିକଟରେ ଦାବି କରିଛନ୍ତି।

## ଛାତ୍ର ଆନ୍ଦୋଳନକାରୀଙ୍କୁ ପେଲେଟ୍ ଗନ୍ ମାଡ଼ ହୋଇଛି: ରିପୋର୍ଟ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ରାଜଧାନୀରେ ଗତ ଜୁଲାଇ ୨୦ରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଂସଦ ପଦଯାତ୍ରା ସମୟରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବାଦ ବିବାଦ ଚାଲିଥିବା ବେଳେ ନୂତନ ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ପୁଲିସ ପକ୍ଷରୁ ପେଲେଟ୍ ଗନ୍ ବ୍ୟବହାର କରାଯାଇଥିବା ଅଭିଯୋଗକୁ ପ୍ରଥମେ ପ୍ରତ୍ୟାଖ୍ୟାନ କରାଯାଇଥିଲେ ହେଁ, ପୁଲିସ ଦସ୍ତାବେଜ ଏହାକୁ ଭୁଲ ପ୍ରମାଣ କରିଛି। ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାର ଜୁଲାଇ ୨୨ର ଏକ ଜେନେରାଲ୍ ପୁଲିସ ଡାଏରୀରେ ହୋଇଥିବା ଏଣ୍ଟ୍ରି ଅନୁଯାୟୀ, ଜୁଲାଇ ୨୦ରେ ଯନ୍ତର ମନ୍ତରଠାରେ ନିୟୋଜିତ ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍) କର୍ମଚାରୀମାନେ ଦିଲ୍ଲୀ ପୁଲିସର ଜଣେ ଡିସିପି ପାହ୍ୟାର ଅଧିକାରୀଙ୍କ ନିର୍ଦ୍ଦେଶରେ ଦୁଇଥର ଆଣ୍ଟି-ରିଅଟ୍ ଗନ୍ ବ୍ୟବହାର କରିଥିଲେ। ଏହି ଡାଏରୀରେ ସ୍ପଷ୍ଟ କରାଯାଇଛି ଯେ, ଯନ୍ତର ମନ୍ତରର ଜୋନ୍-୧ରେ ନିୟୋଜିତ ଆର୍‌ଏଏଫ୍ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଡିସିପିଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ।

ରିପୋର୍ଟ ଅନୁଯାୟୀ, ସେହିଦିନ ଉତ୍ୟକ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ଏଏଫ୍ ଦ୍ୱାରା ୫୫ଟି ଅଣ-ବୈଦ୍ୟୁତିକ ସେଲ୍‌ଫ, ୧୫ଟି ବୈଦ୍ୟୁତିକ ୫ଟି ଲୁହବୁହା ଗ୍ୟାସ୍ ଗ୍ରେନେଡ୍, ୨ ରାଉଣ୍ଡ ଆଣ୍ଟି-ରିଅଟ୍ ଗନ୍ ବ୍ୟବହାର କରାଯାଇଥିଲା। ଏହି ଆଣ୍ଟି-ରିଅଟ୍ ଗନରେ ପ୍ଲାଷ୍ଟିକ୍ ପେଲେଟ୍ ଥିବା ବାଲିଷ୍ଟିକ୍ କାର୍ଟ୍ରିଜ୍ ବ୍ୟବହାର କରାଯାଇଥିଲା, ଯାହା ଫଳରେ ୪ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବନ୍ଧୁକରୁ ବାହାରୁଥିବା ଗୋଟିଏ କାର୍ଟ୍ରିଜ୍ ଅନେକ ଖଣ୍ଡରେ ବିଭକ୍ତ ହୋଇ ଏକାସାଙ୍ଗରେ ଅନେକ ଲୋକଙ୍କୁ ଆଘାତ କରିପାରେ। ଏହି ଘଟଣାକୁ ନେଇ ପୂର୍ବତନ ଆଇପିଏସ୍ ଅଧିକାରୀ ଯଶୋବର୍ଦ୍ଧନ ଆଜାଦ୍ ଏବଂ ଅନ୍ୟ ଦୁଇଜଣ ଆହତ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀମାନେ ବେସାମରିକ ସମାବେଶକୁ ଘଉଡ଼ାଇବା ପାଇଁ ପେଲେଟ୍ ଗନ୍ ବା ପମ୍ପ ଆକ୍ସନ୍ ରାଇଫଲ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବାକୁ ଦାବି କରିଛନ୍ତି। ଘଟଣା ପରେ ଆର୍‌ଏଏଫ୍‌ର ଆଇଜି ସୀମା ଧୁଣ୍ଡିଆ ଏକ ଭର୍ଚୁଆଲ୍ ବୈଠକରେ କହିଛନ୍ତି ଯେ, ଯନ୍ତର ମନ୍ତରରେ ଅତ୍ୟଧିକ ବଳ ପ୍ରୟୋଗ ଅନ୍ୟାୟପୂର୍ଣ୍ଣ ଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ବଳ ପ୍ରୟୋଗ ସର୍ବଦା ନିର୍ଦ୍ଧାରିତ ପ୍ରୋଟୋକଲ୍ ଏବଂ ପ୍ରଶିକ୍ଷଣ ଅନୁଯାୟୀ ହେବା ଉଚିତ୍।

# ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ବିନା ତଦନ୍ତ ନିରର୍ଥକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଜୁଲାଇ ୨୦ରେ ଆୟୋଜିତ ଛାତ୍ର ଆନ୍ଦୋଳନ ସମୟରେ ହୋଇଥିବା ହିଂସାକାଣ୍ଡକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। 'ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ନକରି କରାଯାଉଥିବା ତଦନ୍ତର କୌଣସି ମୂଲ୍ୟ ନାହିଁ' ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ କରି କୋର୍ଟ କହିଛନ୍ତି ଯେ, ଆନ୍ଦୋଳନ ସମୟରେ ପୂର୍ବରୁ ନିର୍ଦ୍ଧାରିତ ନିୟମାବଳୀକୁ ପୁଲିସ ପାଳନ କରିନାହିଁ, ତେଣୁ ଏଥିପାଇଁ ଏକ ନୂତନ ପ୍ରୋଟୋକଲ୍ ବା ନିୟମାବଳୀର ଆବଶ୍ୟକତା ରହିଛି। ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଆସନ୍ତା ସୋମବାର ସୁପ୍ରିମକୋର୍ଟ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ ସୂଚନା ଦେଇଛନ୍ତି। ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି କିମ୍ବା ପୂର୍ବତନ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଏହି କମିଟି ଗଠନ କରାଯିବା ବୋଲି କୁହାଯାଇଛି। ପୁଲିସ ଦ୍ୱାରା ହୋଇଥିବା ଅତ୍ୟାଚାରର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟିର ଆବଶ୍ୟକତା ଥିବା କୋର୍ଟ ଦର୍ଶାଇଛନ୍ତି। ଏହା ସହିତ କେନ୍ଦ୍ର ସରକାରଙ୍କ ସମେତ ଅନ୍ୟ ୭ଟି ରାଜ୍ୟ ଯଥା ଆସାମ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ କେରଳକୁ କୋର୍ଟ ଜବାବ୍ ମାଗିଛନ୍ତି।



■ କକ୍ରୋଚ୍ ଆନ୍ଦୋଳନ ବେଳେ ହିଂସା
■ କମିଟି ଗଠନ ହୋଇପାରେ

ସୂଚନାଯୋଗ୍ୟ, ଜୁଲାଇ ୨୦ରେ ଯନ୍ତର ମନ୍ତରରୁ ସଂସଦ ଅଭିମୁଖେ ସିଜେପି ସମର୍ଥକ ଓ ଛାତ୍ରଛାତ୍ରୀ ସଂସଦ ଘେରଉ ପାଇଁ ବାହାରିଥିଲେ। ସେମାନଙ୍କୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ଏବଂ ଲାଠିଚାଳନା କରିଥିଲା। ଛାତ୍ରଙ୍କ ପକ୍ଷରୁ ଓକିଲ ଶ୍ୟାମ ଦିୱାନ କୋର୍ଟରେ ଯୁକ୍ତି କରିଥିଲେ ଯେ, ପୁଲିସ ପକ୍ଷରୁ ପେଲେଟ୍ ଗନ୍ ବ୍ୟବହାର କରାଯିବା ସହ ସାଧା ପୋଷାକରେ ଥିବା କର୍ମଚାରୀମାନେ ହିଂସା ଘଟାଇଥିଲେ। ଏହାର ଉତ୍ତରରେ କେବଳ ଆନ୍ଦୋଳନ ହେଉଛି ବୋଲି ପୁଲିସ ଲାଠିଚାଳନା କରିପାରିବ ନାହିଁ ବୋଲି କୋର୍ଟ କଡ଼ା ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି ବିରୋଧ ପ୍ରଦର୍ଶନକୁ ଗଣତନ୍ତ୍ରର ଏକ ଅଂଶ ବୋଲି କହିଛନ୍ତି। ଏହାସହ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଆନ୍ଦୋଳନରେ ବାହାରୁ ଆସିଥିବା କିଛି ଅସାମାଜିକ ତତ୍ତ୍ୱ ପ୍ରବେଶ କରି ହିଂସା ଘଟାଇଥାଇ ପାରନ୍ତି ବୋଲି କୋର୍ଟ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ, ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି ଯେ, ଏହି ହିଂସାରେ ପ୍ରାୟ ୨୫୦ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ଏବଂ ଏଥିରେ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ସାମିଲ ଥିଲେ। ତେବେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କେହି ସୀମା ଲଂଘନ କରିଥାନ୍ତି, ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନଥିବା ଗିରଫ ଛାତ୍ରଛାତ୍ରୀଙ୍କୁ ମୁକ୍ତ କରିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## କକ୍ରୋଚ୍ ଆନ୍ଦୋଳନରେ ୨, ୮୭୩ ଅପରାଧୀ ସାମିଲ: ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ସିଜେପି ପକ୍ଷରୁ 'ସଂସଦ ଚଲୋ' ପଦଯାତ୍ରାରେ ବହୁ ସଂଖ୍ୟାରେ ଅପରାଧୀ ସାମିଲ ଥିବା ନେଇ ଦିଲ୍ଲୀ ପୁଲିସ ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛି। ସିସିଟିଭି ଫୁଟେଜ୍ ଏବଂ ଫେସିଆଲ୍ ରିକଗ୍ନିସନ୍ ସିଷ୍ଟମ ପରି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପୁଲିସ ପ୍ରାୟ ୨, ୮୭୩ ଜଣ ଅପରାଧୀଙ୍କୁ ଚିହ୍ନଟ କରିଛି। ଏହି ଅପରାଧୀମାନେ ବିକ୍ଷୋଭ ପ୍ରଦର୍ଶନରେ ସକ୍ରିୟ ଥିଲେ ବୋଲି ପୁଲିସ ସୂଚନା ଦେଇଛି। ଦିଲ୍ଲୀ ପୁଲିସର ରେକର୍ଡ ଅନୁଯାୟୀ, ଚିହ୍ନଟ ହୋଇଥିବା ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ୯୮୯ ଜଣଙ୍କ ବିରୋଧରେ ଅତି ଗୁରୁତର ଆପରାଧିକ ମାମଲା ରହିଛି। ବିଶେଷ କରି ୧୦୧ ଜଣ ହତ୍ୟା ଅଭିଯୁକ୍ତ ଏହି ଆନ୍ଦୋଳନରେ ସାମିଲ ଥିଲେ। ପୁଲିସ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ବିକ୍ଷୋଭକାରୀଙ୍କ ମଧ୍ୟରେ ୧୦୧ ଜଣ ହତ୍ୟା ଅଭିଯୁକ୍ତ, ୬୨ ଜଣ ହତ୍ୟା ଉଦ୍ୟମ ଅଭିଯୁକ୍ତ, ୨୮୪ ଜଣ ଡକାୟତି ଓ ରାହାଜାନି, ୬୧ ଜଣ ଦୁଷ୍କର୍ମ ଅଭିଯୁକ୍ତ ଏବଂ ୬ ଜଣଙ୍କ ବିରୋଧରେ ପକ୍ସୋ ମାମଲା ରହିଛି। ସେହିପରି ମହିଳାଙ୍କ ବିରୋଧରେ ଅପରାଧ (୨୫), ଅସ୍ତ୍ରଶସ୍ତ୍ର ଆଇନ ବା ଆର୍ମସ ଆକ୍ଟ (୨୨୯), ଛିନତାଇ (୧୩୫), ଅପହରଣ (୧୯) ଏବଂ ନିଶାଦ୍ରବ୍ୟ କାରବାର (୬୭) ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନେ ମଧ୍ୟ ଏହି ଭିଡ଼ରେ ଉପସ୍ଥିତ ଥିଲେ।

ଜୁଲାଇ ୨୦ରେ ଯନ୍ତର ମନ୍ତର ଅଞ୍ଚଳରେ ହୋଇଥିବା ଏହି ସଂଘର୍ଷରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏହି ହିଂସାରେ ୧୧୮ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି, ଯେଉଁଥିରେ ସ୍ପେଶାଲ କମିଶନର, ଯୁଗ୍ମ କମିଶନର ଏବଂ ଡିସିପି ପାହ୍ୟାର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଅନ୍ୟପକ୍ଷରେ ପ୍ରାୟ ୬୦ ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ଏହାସହ ସାମାଜିକ ଗଣମାଧ୍ୟମରେ ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପମାନଜନକ ଓ ଆପତ୍ତିଜନକ ପୋଷ୍ଟ ଶେୟାର କରାଯିବାକୁ ଦିଲ୍ଲୀ ପୁଲିସ ଗୁରୁତର ସହ ନେଇଛି। ଏପରି ଭିଡିଓ ଓ ବିଷୟବସ୍ତୁଗୁଡ଼ିକୁ ହଟାଇବା ପାଇଁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନୋଟିସ୍ ଜାରି କରାଯାଇଛି। ପୁଲିସ ମୁତାବକ, ଏହି ଅପରାଧୀମାନଙ୍କ ମଧ୍ୟରୁ ଅନେକ ବାରମ୍ବାର ଅପରାଧ ଘଟାଉଥିବା ବ୍ୟକ୍ତି ଅଟନ୍ତି।

## ସ୍ତ୍ରୀକୁ ହତ୍ୟା କରି ଶାଶୂ ଶ୍ୱଶୁରଙ୍କୁ ଭିଡିଓ କଲ୍‌ରେ ଦେଖାଇଲା ସ୍ୱାମୀ

ବାଗଲକୋଟ, ୨୮।୭(ଏଜେନ୍ସି): କର୍ଣ୍ଣାଟକର ବାଗଲକୋଟ ଜିଲ୍ଲାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ନିଜ ଶାଶୁ ଶ୍ୱଶୁରଙ୍କୁ ଭିଡିଓ କଲ୍ କରି ସେହି ଦୃଶ୍ୟ ଦେଖିବାକୁ ବାଧ୍ୟ କରିଥିବା ଘଟଣା ସାମ୍ନାକୁ ଆସିଛି। ସୋମବାର ରାତିରେ ଘଟିଥିବା ଏହି ଜଘନ୍ୟ ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରବୀଣ ଜିଗାଲୁରୁ ନିଜ ପତ୍ନୀ ଭାଗ୍ୟଶ୍ରୀ (୨୩)ଙ୍କୁ ଏକ କାଠ ବାଡ଼ିରେ ନିର୍ମମ ଭାବେ ପିଟିଥିଲେ। ଏହାପରେ ସେ ଏକ ଓଢ଼ଣୀକୁ ଭାଗ୍ୟଶ୍ରୀଙ୍କ ବେକରେ ବାନ୍ଧି ଶୋଇବା ଘରେ ଟାଙ୍ଗି ଦେଇଥିଲା। ମୃତ୍ୟୁ ସହିତ ସଂଗ୍ରାମ କରି ଛଟପଟ ହେଉଥିବା ସମୟରେ ଅଭିଯୁକ୍ତ ଭାଗ୍ୟଶ୍ରୀଙ୍କ ପିତାମାତାଙ୍କୁ ଭିଡିଓ କଲ୍ କରି ସେମାନଙ୍କ ଝିଅର ଅନ୍ତିମ ମୁହୂର୍ତ୍ତକୁ ଦେଖିବାକୁ ବାଧ୍ୟ କରିଥିଲା। ଏହାପରେ ସେ ଏହି ସମଗ୍ର ଘଟଣାର ଏକ ଭିଡିଓ ରେକର୍ଡ କରି ନିଜର ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କୁ ମଧ୍ୟ ପଠାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରବୀଣ ନିଜ ପତ୍ନୀଙ୍କର ଅନ୍ୟ କାହା ସହ ସମ୍ପର୍କ ଥିବା ସନ୍ଦେହ କରୁଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଲାଗି ରହୁଥିଲା। ସେଥିପାଇଁ ଭାଗ୍ୟଶ୍ରୀ ନିଜ ପିତାମାତାଙ୍କ ଘରେ ରହୁଥିଲେ। ତେବେ ତାଙ୍କୁ ବୁଝାସୁଝା କରି ପ୍ରବୀଣ ଗତକାଲି ଭାଗ୍ୟଶ୍ରୀଙ୍କୁ ଘରକୁ ଫେରାଇ ଆଣିଥିଲା। କିନ୍ତୁ ସନ୍ଧ୍ୟାରେ ହିଁ ସେ ତାଙ୍କୁ ହତ୍ୟା କରିଥିଲା।

# ଜଳୁଛି ପିଓକେ: ସୁରକ୍ଷାକର୍ମୀଙ୍କ ଗୁଳିରେ ୧୯ ମୃତ

ମୁଜାଫରାବାଦ, ୨୮।୭(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଚାଲିଥିବା ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ନିର୍ବାଚନ ବର୍ଜନ ଦାବିରେ ଆନ୍ଦୋଳନ କରୁଥିବା ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନୀ ସୁରକ୍ଷା ବାହିନୀ ଗୁଳିଚାଳନା କରିବା ଫଳରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାୱାଲାକୋଟ୍ ଅଞ୍ଚଳରେ ଜଏଣ୍ଟ ଆୱାମୀ ଆକ୍ସନ କମିଟି (ଜେଏଏସି) ପକ୍ଷରୁ ସରକାରଙ୍କୁ ବିରୋଧ କରି ଶୋଭାଯାତ୍ରା ବାହାରିଥିଲା। ଏହି ସମୟରେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ଘଟିଥିଲା। ଜେଏଏସି ଅଭିଯୋଗ କରିଛି ଯେ ସୁରକ୍ଷା ବାହିନୀ ପ୍ରଦର୍ଶନକାରୀଙ୍କ ଉପରେ ଆଖିମୁଜା ଗୁଳିଚାଳନା କରିଥିଲେ। ସେଥିରେ ୧୯ ଜଣଙ୍କର ପ୍ରାଣହାନି ଘଟିଛି। ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଭିଯୋଗ କରିଛି ଯେ ଶାସକ ପାକିସ୍ତାନ ମୁସଲିମ ଲିଗ୍-ନୱାଜର ସମର୍ଥକଙ୍କ ଗୁଳିରେ ତାଙ୍କର ଜଣେ କର୍ମୀଙ୍କ ମୃତ୍ୟୁ ଘଟିଛି। ନିର୍ବାଚନ ବର୍ଜନ ଡାକରାର ପ୍ରଭାବରେ ଡାଡିଆଲ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଥରେ ଜଣେ ହେଲେ ଭୋଟର ମତଦାନ କରିବାକୁ ଆସି ନାହାନ୍ତି। ଅନେକ ଅଞ୍ଚଳରେ ମତଦାନ କେନ୍ଦ୍ରଗୁଡ଼ିକ ଖାଲି ପଡ଼ିଥିବା ଦେଖାଯାଇଛି। ଏହି ବିକ୍ଷୋଭର ମୂଳରେ ରହିଛି କାଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ



୧୨ଟି ଆସନ। ପିଓକେ ବାହାରର ଲୋକଙ୍କୁ ପିଓକେରେ ସରକାର ଗଠନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ନୁହେଁ ବୋଲି ଜେଏଏସିର ଦାବି କରିଛି। ପରିସ୍ଥିତି ଗୁରୁତର ଥିବାରୁ ପୁଞ୍ଛ ଡିଭିଜନରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ପୂର୍ବରୁ ୨୦୨୧ ନିର୍ବାଚନ ପରଠାରୁ ପିଓକେ ରାଜନୀତିରେ ଅସ୍ଥିରତା ଲାଗି ରହିଛି। ଏହି ଅଞ୍ଚଳରେ ଅନେକ ଥର ପ୍ରଧାନମନ୍ତ୍ରୀ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ଇମ୍ରାନ ଖାନଙ୍କ ଦଳ ଆନ୍ଦୋଳନକାରୀଙ୍କ ସମର୍ଥନରେ ଏହି ନିର୍ବାଚନକୁ ବର୍ଜନ କରିଛି। ସମ୍ପୂର୍ଣ୍ଣ ଅଞ୍ଚଳରେ ୧୮, ୦୦୦ ରୁ ଅଧିକ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏହି ଘଟଣା ଉପରେ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାକିସ୍ତାନର ନିନ୍ଦା କରିଛି।

# ଅଯୋଗ୍ୟଙ୍କ ପାଇଁ ରାଜକୋଷରୁ ୪୯ କୋଟି ବ୍ୟୟ

## ଦୁର୍ନୀତିକୁ ଢ଼ାଙ୍କିବାକୁ ଆରମ୍ଭ ହେଲା ଯୋଜନା

ଭୁବନେଶ୍ୱର, ୨୮ ।୭ (ସମିସ): ଏମ୍‌ଇଡି ଯୋଗ୍ୟତା ନଥାଇ ୧୬୦ରୁ ଅଧିକ ଅଧ୍ୟାପକ ବିଇଡି କଲେଜରେ ନିଯୁକ୍ତି ପାଇଛନ୍ତି। ଲେବୁଲ୍-୧୦ ଦରମା ମଧ୍ୟ ପାଉଛନ୍ତି। ମାସିକ ହାରାହାରି ୮୫ହଜାର ଲେଖାଏଁ ପ୍ରାୟ ୪୯ କୋଟି ଟଙ୍କା ଦରମା ନେଇଛନ୍ତି। ବିପୁଳ ରାଜସ୍ୱ ଅପବ୍ୟୟ ହେଉଥିବା ସତ୍ତ୍ୱେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବା ପାଇଁ ସରକାର ଆହୁରି ଅଧିକ ଆର୍ଥିକ ବୋଝ ବୋହିବାକୁ ପ୍ରସ୍ତୁତ ହୋଇଛନ୍ତି। ସରକାରୀ ତହବିଲ୍‌ରୁ ଦରମା ଦେଇ ସେମାନଙ୍କୁ ଏମ୍‌ଇଡି ପଢ଼ାଇବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫଳରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯୋଗ୍ୟତା ନ ଥାଇ ଅଧ୍ୟାପକ ନିଯୁକ୍ତି ପାଇଥିବା ଅଭିଯୋଗ ହେବା ପରେ ୧୫ ଟି କଲେଜକୁ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରିବା ପାଇଁ ଏନ୍‌ସିଟିଇ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଦାଖଲର ଅବଧି ସରିବାକୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ଅର୍ଦ୍ଧାଧିକ କଲେଜ

■ ଏମ୍‌ଇଡି ପଢ଼ାଇବା ପାଇଁ ପ୍ରସ୍ତୁତ ହେଉଛି ମାର୍ଗଦର୍ଶିକା
■ ଏନ୍‌ସିଟିଇ ନୋଟିସ୍ ଛାଟ; ୨ ଦିନରେ ପୂରିବ କଣ୍ଟ
■ ଏଯାଏଁ ରିପୋର୍ଟ ଦେଇ ନାହାନ୍ତି ଅର୍ଦ୍ଧାଧିକ କଲେଜ

ରିପୋର୍ଟ ଦେଇନାହାନ୍ତି। ଏହାରି ମଧ୍ୟରେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପର ହୋଇଛି। ପ୍ରାୟ ୧୬୦ ଜଣ ଅଧ୍ୟାପକ ଇଚ୍ଛାପତ୍ର ଦାଖଲ କରିଥିବାବେଳେ ସେମାନଙ୍କୁ ଏମ୍‌ଇଡି ପଢ଼ାଇବା ପାଇଁ ବିଭାଗ ମାର୍ଗଦର୍ଶିକା ପ୍ରସ୍ତୁତ କରୁଛି। ପୂର୍ବରୁ ପ୍ରାୟ ୪୯ କୋଟି ଟଙ୍କା ଦରମା ନେଇ ସାରିଥିବା ଏହି ଅଧ୍ୟାପକଙ୍କୁ ଏମ୍‌ଇଡି ପଢ଼ିବା ସମୟରେ ଦରମା ଦେବେ ନା ନାହିଁ, ତାହା ସବୁଠାରୁ ବିତର୍କିତ ବିଷୟ ହୋଇଛି। ପାଠପାଠ ସମୟରେ ଦରମା ଦେଲେ ଅଡୁଆ ବଢ଼ିବ ବୋଲି କିଛି ଅଧିକାରୀ ମତବ୍ୟକ୍ତ କରୁଥିବାବେଳେ ଦରମା ନ ଦେଲେ ମଧ୍ୟ ଆଇନ୍ ଜାଲରେ ଛନ୍ଦି ହେବାର ଆଶଙ୍କା ରହିଛି। ଏଣୁ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ଯାଇ ସରକାର ଓ ଉଚ୍ଚଶିକ୍ଷା ବିଭାଗ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ମାର୍ଗଦର୍ଶିକା ପ୍ରସ୍ତୁତି ପୂର୍ବରୁ ବ୍ୟାପକ ଆଲୋଚନା ଜାରି ରଖିଥିବାବେଳେ ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ବଢ଼ିଛି। ଅପରପକ୍ଷରେ ଏମ୍‌ଇଡି କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଧ୍ୟାପକଙ୍କ ଇଚ୍ଛାପତ୍ର ମଗାଯାଇଥିବାରୁ ଏହାକୁ ମଧ୍ୟ ପ୍ରମାଣ ଭାବେ ଏନ୍‌ସିଟିଇ ଗ୍ରହଣ କରିପାରେ। ଏପରି ହେଲେ ଦୀର୍ଘ ୩ ବର୍ଷ ହେଲା ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ସ୍ୱୀକୃତି ହାତେଇଥିବାରୁ ଏନ୍‌ସିଟିଇ ଅଧିକ କଠୋର ହୋଇପାରେ। ଗତବର୍ଷ ଏନ୍‌ସିଟିଇ ପକ୍ଷରୁ ସମାନ ଅଭିଯୋଗରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିବାବେଳେ ସରକାର କୌଣସି ଉତ୍ତର ରଖି ନ ଥିଲେ। ସମ୍ପ୍ରତି କଲେଜଗୁଡ଼ିକ ଯଦି ରିପୋର୍ଟ ନ ଦିଅନ୍ତି, ତାହେଲେ ଆଉଥରେ ନୋଟିସ୍ ନଦେଇ ଏନ୍‌ସିଟିଇ ସିଧାସଳଖ କାରଣଦର୍ଶାଅ ନୋଟିସ୍ ଜାରି କରିବ। ଏହାର ଦୁଇ ସପ୍ତାହ ମଧ୍ୟରେ ସ୍ୱୀକୃତି ପ୍ରତ୍ୟାହାର ହୋଇପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଜ୍ୟୋତିର୍ମୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

## ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା



ଭୁବନେଶ୍ୱର,୨୮ ।୭ (ସମିସ): ଇଣ୍ଡିଆନ୍ ଆଇଡଲ୍-ସିଜିନ୍-୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି ମୁଖ୍ୟମନ୍ତ୍ରୀ ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ। ନୂଆ ପିଢିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା। ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଜ୍ୟୋତିର୍ମୟୀ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍'। ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିବ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି କହିବା ସହ ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ।

## ଆଜି ପ୍ରକାଶ ପାଇବ ଯୁକ୍ତ ୩ ତୃତୀୟ ରାଉଣ୍ଡ କଟ୍‌ଅଫ୍

ଭୁବନେଶ୍ୱର, ୨୮ ।୭ (ସମିସ): ଯୁକ୍ତ ୩ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ବୁଧବାର ଦିନ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଅପରାହ୍ନ ୨ ଟାରେ ସାମସ୍ ୱେବସାଇଟ୍‌ରେ ମେଧା ତାଲିକା ଉପଲବ୍ଧ ହେବ। ଏହି ରାଉଣ୍ଡରେ ଚୟନ ହେଲେ ନାମଲେଖା ବାଧ୍ୟତାମୂଳକ। ଯେଉଁ ଛାତ୍ରଛାତ୍ରୀ ନାମ ଲେଖାଇବେ ନାହିଁ, ସେମାନେ ନାମଲେଖା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ବାଦ ପଡ଼ିବେ। ଏହି ରାଉଣ୍ଡ ନାମଲେଖା ସରିବା ପରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରେ ମୋଟ୍ ୨ ଲକ୍ଷ ୮୭ ହଜାର ୬୪୭ ଟି ସିଟ୍ ଉପଲବ୍ଧ ଥିବାବେଳେ ୨ ଲକ୍ଷ ୩୭ ହଜାର ୨ ଶହ ଜଣ ଆବେଦନ କରିଛନ୍ତି।

## ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ତେଜିଲା

# ରାଜରାସ୍ତାରେ ସଂଗ୍ରାମ କରିବ କଂଗ୍ରେସ: ଦେଶାଇ

ଭୁବନେଶ୍ୱର,୨୮ ।୭ (ସମିସ): ଓଡ଼ିଶାରେ ପାଠ୍ୟ ପୁସ୍ତକରେ ମୋଟ ୧୬୭୮ ତ୍ରୁଟି ହେବା ସାଧାରଣ ଘଟଣା ନୁହେଁ, ପୁଣି ପିଲାଙ୍କ ପଢାବହିରେ ଓଡିଶା ବିଧାନସଭା ଫଟୋ ସ୍ଥାନରେ କର୍ଣ୍ଣାଟକ ବିଧାନସଭାର, କୋଣାର୍କ ମନ୍ଦିର ସ୍ଥାନରେ ହାମ୍ପିର ଫୋଟୋ ଆଦି ଛାପିବା ଗୁରୁତର ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ପିସିସି ପ୍ରଭାରୀ ଲାଲଜୀ ଦେଶାଇ। ବୁଧବାର ଶ୍ରୀ ଦେଶାଇ କହିଛନ୍ତି, ଓଡ଼ିଶାରେ ପ୍ରାୟ ୧୦ ହଜାର ସରକାରୀ ସ୍କୁଲରେ ତାଲା ପଡିଛି। ୮୦ ହଜାର ଶିକ୍ଷକ ପଦବୀ ଖାଲି ପଡିଛି। ପିଲାଙ୍କ ସାମାନ୍ୟ ବହି ଠିକ ଭାବରେ ଛପେଇ ନ ପାରିବା କ'ଣ ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ଦେଶାଇ ପ୍ରଶ୍ନ କରିଛନ୍ତି। ବିଜେପି ଓଡ଼ିଆ ଅସ୍ମିତା ନାମରେ ସରକାରକୁ ଆସି ବର୍ତ୍ତମାନ ଓଡ଼ିଆଙ୍କ ସମ୍ମାନକୁ ସମସ୍ତ କ୍ଷେତ୍ରରେ ବଦନାମ କରୁଛନ୍ତି।

ଏହି ପ୍ରସଙ୍ଗରେ କଂଗ୍ରେସର ଆଗାମୀ ପଦକ୍ଷେପକୁ ନେଇ ସେ କହିଛନ୍ତି ଯେ, ଛୋଟ ପିଲା ରାଜରାସ୍ତାକୁ ଆସିବା ଦରକାର ନାହିଁ, ତାହା ବଦଳରେ କଂଗ୍ରେସ ଦଳର କର୍ମକର୍ତ୍ତା ଶିକ୍ଷାର ସଂସ୍କାର ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ଦେଶାଇ



କହିଛନ୍ତି। ନିଜ ଉକ୍ତିର ପୁନରାବୃତ୍ତି କରି ୭ ଦିନ ମଧ୍ୟରେ ମନ୍ତ୍ରୀ ଇସ୍ତଫା ନ ଦେଲେ ଓଡିଶା ବନ୍ଦ ଡାକରା ହେବ ବୋଲି ଓପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଯଦି କର୍ତ୍ତବ୍ୟରେ ଅବହେଳା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଲେ ତେବେ ପାଠ୍ୟ ପୁସ୍ତକରେ ଅକ୍ଷମଣୀୟ ଭୁଲ ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ କାହିଁକି ଦେବେ ନାହିଁ ବୋଲି ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି। ଆଜି ସନ୍ଧ୍ୟା ୫ ଟାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିନେଇ କଂଗ୍ରେସ ଭବନରୁ ଏକ ବିଶାଳ ପଦଯାତ୍ରା ଲୋକସେବା ଭବନକୁ ଶ୍ରୀ ଦେଶାଇ ଓ ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଏବଂ କଂଗ୍ରେସର ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତା ପ୍ରତିବାଦ ଯାତ୍ରାରେ ସାମିଲ ହୋଇଥିବା ବେଳେ ଏଥିରେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଏହି ପ୍ରେସ ବିବୃତ୍ତିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଓପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ

# ୩ ଗିରଫ, ଖୋଲୁଛି ରାଜସ୍ଥାନ ଗ୍ୟାଙ୍ଗ୍ ଗୁମର

ଭୁବନେଶ୍ୱର,୨୮ ।୭ (ସମିସ): ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣରେ ରାକେଟ୍‌ରେ ଖୋଲୁଛି ରାଜସ୍ଥାନ ଗ୍ୟାଙ୍ଗର ଗୁମର। ରାଜସ୍ଥାନ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ପାରସ ନାଥକୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଗିରଫ କରିଥିଲା ବେଳେ ମଙ୍ଗଳବାର ଏହି ଗ୍ୟାଙ୍ଗର ଆଉ ୩ ସଦସ୍ୟଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ଗିରଫ ସମସ୍ତ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲାର ହୋଇଥିଲା ବେଳେ ଏମାନେ ପାରସ ସହ ମିଶି ଓଡ଼ିଶାର ଗଜପତିରୁ ରାଜସ୍ଥାନକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ଏହି ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡିର ଥାନା ବଡ଼ଦାଣ୍ଡ ସାହିର ଶିବରାମ ବିଶ୍ୱାଳ, ଛଣମେରୀ ଗ୍ରାମର ଶିବରାମ ପାତ୍ର, ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର କାହ୍ନା ମିଟୁ ଓରଫ ମନୋରଞ୍ଜନ ସାବତ। ଏମାନଙ୍କ ଠାରୁ ପୁଲିସ ୩.୫ ଲକ୍ଷ ଟଙ୍କା ଜବତ କରିଛି। ଏହାସହ ଦୁଇ ମୋବାଇଲ ଫୋନ୍ ଏବଂ ଗଞ୍ଜେଇ ଚାଲାଣ ସମ୍ପର୍କୀତ କିଛି ଅପତ୍ତିଜନକ ଦସ୍ତାବିଜ ଜବତ ହୋଇଛି। ଏସ୍‌ଟିଏଫ୍ ସୂଚନା ମୁତାବକ, ସମସ୍ତ ଅଭିଯୁକ୍ତ ଗଜପତି ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରନ୍ତି। ଏହାପରେ ଗଞ୍ଜେଇ କେବଳ ରାଜସ୍ଥାନ ନୁହେଁ ବରଂ ଦେଶ ସାରା ପରିବହନ କରନ୍ତି। ଏମାନଙ୍କୁ ଗିରଫ କରାଯିବା ପରେ କୋର୍ଟରେ ହାଜର କରାଯିବ। ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡ ନେଇ ପଚରାଉଚରା କରିବାକୁ କ୍ରାଇମ୍‌ବ୍ରାଞ୍ଚ କୋର୍ଟଙ୍କୁ ଅନୁରୋଧ କରିବ। କୋର୍ଟଙ୍କ ଅନୁମତି ପରେ ତାଙ୍କୁ ନିଶା କାରବାର ସମ୍ପର୍କରେ ପଚରାଉଚରା କରାଯିବ।

## ୨୪୬ ମିମି ବର୍ଷା

# ବୁଡ଼ିଲା ବାଲେଶ୍ୱର ସହର

ବାଲେଶ୍ୱର,୨୮ ।୭ (ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୪୬.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା ଫଳରେ ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବା ବେଳେ ଅନେକ ଘରେ ପାଣି ପଶିଯାଇ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସହରର



ଗୋପାଳ ଗାଁ, ସିନେମା ଛକ, ନୂଆସାହି, ବାଲିଆ ରାସ୍ତା, ଦରଜୀ ପୋଖରୀ, ଆଜିମାବାଦ, ପଡୁଁଆପଦା, ଭାସ୍କରଗଞ୍ଜ, ଚୁନଭାଟି, ମଠସାହି, ଗୁଡ଼ିପଦା, କଂଗ୍ରେସ ଗଳି, ଚିଡ଼ିଆପୋଲ, କୁରୁଡା ଏବଂ ରେମୁଣା ଗୋଲେଇ ପ୍ରମୁଖ ଅଞ୍ଚଳରେ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି। ଏସବୁ ସ୍ଥାନରେ ଡ୍ରେନ ପାଣି ରାସ୍ତାରେ ପ୍ରବାହିତ ହେଉଥିବା ବେଳେ ନିମ୍ନାଞ୍ଚଳର ଘରଗୁଡ଼ିକ ଭିତରକୁ ବର୍ଷାଜଳ ପଶିଯାଇଛି। ଫଳରେ ଲୋକମାନଙ୍କ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷପତ୍ର କ୍ଷତିଗ୍ରସ୍ତ ହୋଇଛି। ଦୋକାନୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଅନେକ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ଚାଲୁଥିବାରୁ ଯାନବାହନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଦୁଇଚକିଆ ଯାନ ଚାଳକମାନେ ସବୁଠାରୁ ଅଧିକ ହଇରାଣ ହେଉଥିବା ବେଳେ ଅନେକ ଗାଡ଼ି ମଝି ରାସ୍ତାରେ ଫସିରହିଥିବା ଦେଖାଯାଇଛି। ବର୍ଷା ସହ ଜଳବନ୍ଦୀ ପରିସ୍ଥିତି ଯୋଗୁଁ ବ୍ୟବସାୟ, ଶିକ୍ଷା ଓ ସାଧାରଣ କାର୍ଯ୍ୟକଳାପ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ଅଞ୍ଚଳରେ ବହୁ ପରିବାର ଘର ଭିତରେ ଅଟକି ରହିଥିବା ବେଳେ ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଇଛି। ବୃଦ୍ଧ, ଶିଶୁ ଓ ରୋଗୀମାନଙ୍କ ଅବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଉଛି। ଏପଟେ ଲଗାଣ ବର୍ଷା ଓ ଜଳବନ୍ଦୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ, ବାଲେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ମଙ୍ଗଳବାର ପାଇଁ ବନ୍ଦ ରଖାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ସ୍ଥାନୀୟ ବର୍ଷାଜନିତ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବୁଢ଼ା, କାଣୀ ନଦୀରେ ବଡ଼ ବନ୍ୟା ଆଶଙ୍କା

ଯାଜପୁର,୨୮ ।୭ (ସମିସ): ଗତ କିଛି ଦିନ ଧରି ବୈତରଣୀ ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଫଳରେ ବୈତରଣୀ ଏବଂ ଏହାର ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଆଖୁଆପଦା ଠାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେବା ଫଳରେ ଏହାର ଶାଖା ବୁଢ଼ା, କାଣୀ ନଦୀରେ ବଡ଼ ଧରଣର ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ଓ ଲଗାଣ ବର୍ଷା ଜନିତ କ୍ଷୟକ୍ଷତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ବଡ଼ ଧରଣର ବନ୍ୟାର ଆଶଙ୍କା କରି ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହିତ ସୁରକ୍ଷିତ ସ୍ଥାନ ଯଥା- ସ୍କୁଲ, କଲେଜ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଦଶରଥପୁରରେ ଅବସ୍ଥାନ କରି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ବନ୍ୟା ମୁକାବିଲା ପାଇଁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବନ୍ୟାଜଳରେ ଭାସିଗଲେ ଯୁବତୀ

କେନ୍ଦୁଝର,୨୮ ।୭ (ସମିସ): ଆନନ୍ଦପୁର, ପାଟଣା ଏବଂ ଚମ୍ପୁଆଠାରେ ବୈତରଣୀ ନଦୀ ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ତଳ ମୁଣ୍ଡରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ବନ୍ୟାଜଳ ଅଧିକ ମାତ୍ରାରେ ପ୍ରବାହିତ ହେବାରୁ ନଦିତଳିଆ ଗାଁଗୁଡିକୁ ବନ୍ୟା ଜଳ ଘେରିଯାଇଛି। ଜାତୀୟ ରାଜପଥ ୪୯ ର ଜଗମୋହନପୁର-ଜନସନପୁର ରାସ୍ତାର ରୁଗୁଡି ଗାଁ ନିକଟରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା କାରଣରୁ ସେହି ରାସ୍ତା ଦେଇ ଗାଡିମୋଟର ଚଳାଚଳକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସାମୟିକ ଭାବେ ନିଷିଦ୍ଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭାରୀଯାନ ଅଟକି ରହିଛି।

■ ୪୯ ନମ୍ବର ରାଜପଥ ବନ୍ଦ
■ ଆନନ୍ଦପୁର ବ୍ୟାରେଜ୍ ଖୋଲିଲା ୨୭ ଗେଟ୍
■ ରେମାଳ ଡ୍ୟାମ୍ ୨ ଗେଟ୍ ଖୋଲା

ଅନ୍ୟପକ୍ଷରେ, କେନ୍ଦୁଝର ଜିଲ୍ଲାର ରେମାଳ ଡ୍ୟାମ ଜଳଭଣ୍ଡାରରେ ଆଜି ଦୁଇଟି ଗେଟ ଖୋଲିଦେଇଥିବାରୁ ରେମାଳ ସମେତ କୁସେଇ ନଦୀରେ ବନ୍ୟାଜଳ ଅଧିକ ମାତ୍ରାରେ ପ୍ରବାହିତ ହୋଇଛି। ଆଜି ଜଳଭଣ୍ଡାରରେ ୧୧୭. ୫୭ ମିଟର ଜଳପତ୍ତନ ବୃଦ୍ଧି ହୋଇଛି। ନଦୀରେ ଅଧିକ ମାତ୍ରାରେ ବନ୍ୟାଜଳ ଆସିଥିବା ଜାଣି ନପାରି ଗାଧୋଇବାକୁ ଯାଇଥିବା କେଶଦୁରାପାଳ ଗ୍ରାମର କୁଳମଣି ପାତ୍ରଙ୍କ ଝିଅ ଉର୍ମିଳା ପାତ୍ର (୨୪) ପାତ୍ରସାହି ଘାଟରେ ଭାସି ଯାଇଛନ୍ତି। ଅନେକ ସମୟ ଧରି ଖୋଜାଖୋଜି ପରେ ବି ଯୁବତୀଙ୍କ ପତ୍ତା ମିଳିନାହିଁ। ଏନେଇ ପରିବାର ପକ୍ଷରୁ ଘସିପୁରା ଥାନାରେ ଅଭିଯୋଗ ହୋଇଛି।

ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆଠାରେ ୮୨.୦୬ ମିଲିମିଟର, ପାଟଣାରେ ୧୧୪.୦୦, ଆନନ୍ଦପୁର ୯୯.୦୬, କେନ୍ଦୁଝର ୯୪.୦୦, ସାହାରପଡାରେ ୫୮.୦୨ ଏବଂ ଘଟଗାଁରେ ସର୍ବାଧିକ ୧୧୪.୦୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ସୂଚନା ରହିଛି। ମଙ୍ଗଳବାର ସକାଳ ୮ ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜିଲ୍ଲାରେ ମୋଟ ୧୦୬୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପାଟଣା ତହସିଲ



ଅଞ୍ଚଳରେ ୧୯ଟି ଘର ସହ ସାହାରପଡା ତହସିଲ ଅଞ୍ଚଳରେ ୮ଟି ଘର ଭାଙ୍ଗିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଲୋକଙ୍କୁ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ହାତୀକୁଚା ଗାଁର ପୁରୁଣାସାହି ଛିଟିଙ୍ଗା ନାଳ ପୋଲ ଉପରେ ଲଘୁଚାପଜନିତ ଲଗାଣବର୍ଷାରେ ବଢି ପାଣି ପ୍ରବାହିତ ହୋଇଛି। ଏପାରିରୁ ସେପାରି ଯାତାୟାତ ଠପ୍ ହୋଇଛି। ପଦ୍ମପୁର ସମେତ ଅନ୍ୟାନ୍ୟ ଅଞ୍ଚଳକୁ ଯା'ଆସ କରିପାରି ନଥିଲେ। ପାଣି କମିବା ପରେ ଯାତାୟତ ସ୍ୱାଭାବିକ ହୋଇଛି। ହାଟଡିହି ବ୍ଲକର ଅନେକ ଗ୍ରାମବାସୀ ଜଳବନ୍ଦୀ ହୋଇଥିବା ଜଣାଯାଇଛି।

## ବୈତରଣୀ ଓ ସାଳନ୍ଦୀରେ ବନ୍ୟା

# ଭଦ୍ରକ ଜିଲ୍ଲାରେ ସ୍ଥିତି ସଙ୍ଗୀନ

ଭଦ୍ରକ,୨୮ ।୭ (ସମିସ): ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଭଦ୍ରକ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ଧାମନଗର ଅଞ୍ଚଳରେ ସର୍ବାଧିକ ୧୫୫ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଜିଲ୍ଲାରେ ହାରାହାରି ୧୦୪.୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଭଦ୍ରକରେ ୧୪୮ ମି.ମି., ତିହିଡ଼ିରେ ୧୧୩ ମି.ମି., ଭଣ୍ଡାରିପୋଖରୀରେ ୧୦୮ ମି.ମି., ବନ୍ତରେ ୧୦୫ ମି.ମି., ଚାନ୍ଦବାଲିରେ ୬୨.୪ ମି.ମି. ଓ ବାସୁଦେବପୁର ଅଞ୍ଚଳରେ ୪୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ନିମ୍ନାଞ୍ଚଳରେ ବସବାସ

■ ଧାମନଗରରେ ସର୍ବାଧିକ ୧୫୫ ମିମି ବର୍ଷା, ତଳିଆ ଅଞ୍ଚଳ ଜଳମଗ୍ନ
■ ଆଜି ବି ବନ୍ଦ ରହିବ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର

କରୁଥିବା ଲୋକଙ୍କୁ ସତର୍କ ରହିବା ସହ ଅନାବଶ୍ୟକ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସମସ୍ତ ବିଭାଗକୁ ସମ୍ଭାବ୍ୟ ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାରଠାରୁ ଲଗାଣ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଆଦେଶ କ୍ରମେ ଭଦ୍ରକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖାଯାଇଥିଲା। ଜିଲ୍ଲାରେ ଲଗାତାର ବର୍ଷା ଜାରି ରହିଥିବାରୁ ଶିଶୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ସମେତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠପଢ଼ା



ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ବିପଦ ସଙ୍କେତ ଉପରେ ସାଳନ୍ଦୀ ଓ ବୈତରଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ସାଳନ୍ଦୀ ନଦୀର ଜଳସ୍ତର ଭଦ୍ରକର ରାଜଘାଟଠାରେ ବିପଦ ସଙ୍କେତ ୧୭.୨୦ ମିଟର ଉପରେ ପ୍ରବାହିତ ହେଉଥିବାବେଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ଆନିକଟଠାରେ ୧୮.୩୩ ଉପରେ ପ୍ରବାହିତ ହୋଇଛି। ଜିଲ୍ଲାରେ ୭ଟି ବ୍ଲକ୍‌ର ୩୦ ହଜାର ହେକ୍ଟର ଜାମି ଜଳମଗ୍ନ ହୋଇଛି। ବିଶେଷକରି ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ ଅଧିକ ଭାବେ ପ୍ରଭାବିତ ହୋଇଥିବା ଜଣାଯାଇଛି। ଅନେକଗୁଡ଼ିଏ ରାସ୍ତା ପାଣିରେ ବୁଡ଼ିଛି। ଚାଷଜମି ଉଜୁଡ଼ି ଯାଇଛି। ସେହିପରି ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଭଦ୍ରକ ବ୍ଲକ୍‌ର ଅର୍ଣ୍ଣପାଳ-ମୁକୁନ୍ଦପୁର ପୋଲ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିବାବେଳେ ବାଉଦପୁର ପୋଲ ନିକଟରେ ସାଳନ୍ଦୀ ନଦୀର ସ୍ରୋତ ବହୁଛି। ଲଗାଣ ବର୍ଷା ପରେ ବୈତରଣୀ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଭଦ୍ରକ ଜିଲ୍ଲାର ନଦୀକୂଳବର୍ତ୍ତୀ ଅଞ୍ଚଳରେ ସମ୍ଭାବ୍ୟ ବନ୍ୟାକୁ ନେଇ ଚିନ୍ତା ବଢ଼ିଛି। ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ରାତି ଆଠଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୯.୩୫ ମିଟରରେ ପହଞ୍ଚିଛି ଓ ଆଗକୁ ଏହା ୨୦ ମିଟର ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଧାମନଗର ଜଳସେଚନ ବିଭାଗ ଡାକବଙ୍ଗଳାରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବନ୍ୟା ପ୍ରସ୍ତୁତି ଓ ମୁକାବିଲା ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ସେହିଭଳି ବନ୍ୟା ପରିସ୍ଥିତି ଓ ଲଗାଣ ବର୍ଷା ଯୋଗୁଁ ବୁଧବାର ମଧ୍ୟ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖାଯାଇଛି।

## କୂଳ ଲଂଘିଲା ଗଙ୍ଗାହାର ଓ ବୁଢ଼ାବଳଙ୍ଗ

# ୮ ବ୍ଲକ୍‌ର ୨୬ ପଞ୍ଚାୟତ ପ୍ରଭାବିତ

ବାରିପଦା,୨୮ ।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଅବପାତ ପ୍ରଭାବରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀ ବନ୍ୟା ଜଳ କୂଳ ଲଂଘି ତଳି ଅଞ୍ଚଳରେ ପ୍ରବେଶ କରିଛି। ଶିମିଳିପାଳ ଓ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ନଦୀନାଳର ଜଳସ୍ତର ବୃଦ୍ଧି ପାଇ ଜଳପତନ ବୃଦ୍ଧି ଯୋଗୁଁ କୂଳ ଲଂଘିବାରେ ଲାଗିଛି। ତଳି ଓ ଖାଲୁଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଥିବାରୁ ଧାନଚାଷ ସହିତ ପରିବା ଚାଷ ପ୍ରଭାବିତ ହୋଇଛି। ତେବେ ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ସ୍ଥାନାନ୍ତର ସହିତ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ, ଏସପି ସମେତ ପ୍ରଶାସନର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜଗୁଡିକୁ ସୋମବାର ଓ ମଙ୍ଗଳବାର ୨ଦିନ ବନ୍ଦ ଥିବାବେଳେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି।

ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ୨୬ଟି ବ୍ଲକ ପ୍ରଭାବିତ ହୋଇଛି। ବାରିପଦା, ଖୁଣ୍ଟା, କପ୍ତିପଦା, ଉଦଳା, ବେତନଟୀ, ବଡ଼ସାହି, ରାସଗୋବିନ୍ଦପୁର ଓ ମୋରଡା ମିଶି ୮ଟି ବ୍ଲକର ୨୬ଟି ପଞ୍ଚାୟତର ୩୨ଟି ଗ୍ରାମର ଲୋକ ପ୍ରଭାବିତ ହୋଇଛନ୍ତି। ୧୪ଟି ବନ୍ୟା ଆଶ୍ରୟ ସ୍ଥଳୀରେ ୧୮ ଶହ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୨ଟି ସ୍ଥାନରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବୁଢ଼ାବଳଙ୍ଗ, ଦେଓ, ଜଳକା (ଜମ୍ବୀରା) ଓ ଗଙ୍ଗାହାର ନଦୀରେ ଜଳସ୍ତର ଦ୍ରୁତ ବୃଦ୍ଧି ସାଙ୍ଗକୁ ଝାଡଖଣ୍ଡର ଗାଲୁହିହୀ ଡ୍ୟାମର ଗେଟ୍ ଖୋଲାଯାଇଥିବାରୁ ସୁବର୍ଣ୍ଣରେଖା ନଦୀ ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ବର୍ଷା/ବନ୍ୟା ଜଳ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସ୍ଥିତିର ସମୀକ୍ଷା ସହ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଓଡ୍ରାଫ ଓ ଦମକଳ ବାହିନୀ ନିୟୋଜିତ ରହିଥିବାବେଳେ ତଳିଆ ଅଞ୍ଚଳ ଲୋକଙ୍କୁ ସତର୍କ କରାଯାଉଛି।



ରାଜ୍ୟ ସରକାରଙ୍କ ବର୍ଷା ମାପକ କେନ୍ଦ୍ରରୁ ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ଜିଲ୍ଲାର ବେତନଟୀ ବ୍ଲକରେ ସର୍ବାଧିକ ୨୦୨.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ବଡ଼ସାହିରେ ୧୮୬.୦ ମିମି, ଠାକୁରମୁଣ୍ଡାରେ ୧୮୫ ମିମି, ଖୁଣ୍ଟାରେ ୧୮୧ ମିମି ଓ ଗୋପବନ୍ଧୁନଗର ବ୍ଲକ୍‌ରେ ୧୫୮ ମିମି ବର୍ଷା ହୋଇଛି।

ସକାଳ THE SAKALA



# ବର୍ଷାରେ ବେହାଲ୍ ସ୍ମାର୍ଟସିଟି

- ବସ୍ତି ଓ ତଳି ଅଞ୍ଚଳ ଜଳାର୍ଣ୍ଣବ
- ଜୋକ, କଙ୍କଡା ବିଛା, ସାପ ସାଲୁବାଲୁ
- ପାନପୋଷ ଜଗନ୍ନାଥ କଲୋନୀ, ଇନ୍ଦିରାନଗର ବସ୍ତି ଓ ଟିସିଆଇ ଅଞ୍ଚଳରେ କୃତ୍ରିମ ବନ୍ୟା
- ସହରର ଜଳ ନିଷ୍କାସନ ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ

ରାଉରକେଲା,୨୮।୭(ସମିସ)

ଗତ ୨ ଦିନ ଧରି ମୂଷଳ ବର୍ଷା ଯୋଗୁଁ ସ୍ମାର୍ଟ ସିଟି ରାଉରକେଲା ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଅଧିକାଂଶ ବସ୍ତି ଓ ତଳି ଅଞ୍ଚଳରେ ପାଣି ଜମି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଆଜି ବି ଦିନ ତମାମ ଲଗାଣ ବର୍ଷା ଲାଗି ରହିଥିବାବେଳେ ସହର ଜଳମଗ୍ନ ହୋଇଯିବା ସହ ସହରବାସୀଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି।

ସୋମବାର ଓ ମଙ୍ଗଳବାର ଲଗାଣ ବର୍ଷା ସ୍ମାର୍ଟ ସିଟି ରାଉରକେଲାର ଜଳ ନିଷ୍କାସନ ବ୍ୟବସ୍ଥାର ଅସଲ ମୁଖାକୁ ପଦାରେ ପକାଇ ଦେଇଛି। ସହରର ବିଭିନ୍ନ ଆବାସିକ ଅଞ୍ଚଳ ଓ ବସ୍ତି ଜଳମଗ୍ନ ଯୋଗୁଁ କୃତ୍ରିମ ବନ୍ୟା ସଦୃଶ ପରିସ୍ଥିତି ଉପୁଜିଛି। ପାନପୋଷ ସ୍ଥିତ ଜଗନ୍ନାଥ କଲୋନୀ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ବର୍ଷା ପାଣି ଅନେକଙ୍କ ଘରେ ପଶି ବ୍ୟାପକ କ୍ଷୟକ୍ଷତି ଘଟିଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ଯାତାୟାତ ପ୍ରାୟ ଠପ୍ ହୋଇଯାଇଥିଲା।

ସ୍ଥାନୀୟ ବାସିନ୍ଦାମାନଙ୍କ ଅଭିଯୋଗ ଅନୁଯାୟୀ, ନାଳର ନିୟମିତ ସଫେଇ ଓ ପ୍ରଭାବୀ ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ ଯୋଗୁଁ ପ୍ରତ୍ୟେକ ବର୍ଷା ପରେ ସମଗ୍ର କଲୋନୀ ଜଳାଶୟ ପାଲଟୁଛି।

ପାନପୋଷ ଅନ୍ତର୍ଗତ ଜଗନ୍ନାଥପାଲି ନିକଟ ଜାମିଆ ବସ୍ତିର ୧୫ରୁ ୧୮ଟି ପରିବାର ଏବେ ବି ଜଳ ଘେରରେ। ବସ୍ତିରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ପାନପୋଷ, ଛେଣ୍ଡ, କଳିଙ୍ଗନଗର ଅଞ୍ଚଳରେ ଥିବା ଉଚ୍ଚ ତଥା ପାହାଡ଼ିଆ ଅଞ୍ଚଳରୁ



ବର୍ଷା ଏବଂ ଆବର୍ଜନା ପାଣି ଗଡି ଆସି ଏହି ବସ୍ତିରେ ଜମିବା ସହ ଘରେ ପଶିଛି। କେବଳ ସେତିକି ନୁହେଁ ବସ୍ତି ଭିତରେ ପ୍ରବଳ ଜୋକ, କଙ୍କଡା ବିଛା, ବିଷାକ୍ତ ସାପ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି। ଘରୁ ବାହାରିଲେ ଜୋକ ଲାଗୁଥିବା ଅଭିଯୋଗ କରିଛନ୍ତି ବସ୍ତିବାସିନ୍ଦା। ବସ୍ତିରେ ଡ୍ରେନେଜ୍ ସୁବିଧା ନଥିବାରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଉପର ବସ୍ତିର ସମସ୍ତ ବର୍ଷା ପାଣି ପ୍ରବଳ ସୁଅରେ ମାଡ଼ି ଆସି ଜିମିଆ ବସ୍ତିରେ ପଶୁଥିଲେ ମଧ୍ୟ ନିଷ୍କାସନ ପାଇଁ କୌଣସି ରାସ୍ତା ନାହିଁ।

ସେହିପରି ରାଉରକେଲା ରେଳ ଷ୍ଟେସନ ନିକଟସ୍ଥ ଇନ୍ଦିରାନଗର ବସ୍ତି ମଧ୍ୟ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଥିଲା। ଘରେ ପାଣି ପଶିଯିବାରୁ ଅନେକ ପରିବାରରେ ଚୁଲି ଜଳିନି।


ସେହିପରି ଟିସିଆଇ ରୋଡ୍ ଓଭରବ୍ରିଜ୍ ତଳେ ପ୍ରବଳ ଜଳ ପ୍ରବାହିତ ଯୋଗୁଁ ଆଇଡିସି ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, କାଲୁଙ୍ଗା ଏବଂ ଆଖପାଖ ଅଞ୍ଚଳକୁ ଯାତାୟାତ କରୁଥିବା ଯାନବାହନ ଚାଳକ, ପଦଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ଗୋପବନ୍ଧୁପାଲ୍ଲୀ ନିକଟ ଦ୍ୱିତୀୟ ରେଲୱେ ଷ୍ଟେସନ ପ୍ରବେଶ ପଥରେ ଏବେ ବି ପାଣି ଜମି ରହିଛି।

ଆଜି ସନ୍ଧ୍ୟାରେ ପୁନର୍ବାର ବର୍ଷା ଯୋଗୁଁ ସମସ୍ୟା ପୁଣି ବଢ଼ିଛି। ଏସଟିଆଇ ଓଭର ବ୍ରିଜ, ପାନପୋଷ, ସିଭିଲ ଟାଉନସିପ, ଉଦିତନଗର, ବାସନ୍ତୀ କଲୋନୀ, ଛେଣ୍ଡ ସମେତ ଅନ୍ୟ ଅଞ୍ଚଳରେ ବର୍ଷା ପାଣି ଜମାଟ ବାନ୍ଧିଥିବା ଦେଖିବାକୁ ମିଳିଛି। ସେହିପରି ପ୍ରବଳ ବର୍ଷାରେ ବିଶ୍ରା ଛକ ଷ୍ଟେଟ ବ୍ୟାଙ୍କ ପଛ ପଟରେ ଥିବା ଇଏସ୍ଆଇ ହସ୍ପିଟାଲ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଷ୍ଟେଟ ବ୍ୟାଙ୍କ ମୋଟର ସାଇକେଲ ଷ୍ଟାଣ୍ଡଠାରୁ ଇଏସଆଇ ହସ୍ପିଟାଲ ବାରଣ୍ଡା ପର୍ଯ୍ୟନ୍ତ ଆଣ୍ଠୁଏ ଲେଖାଏଁ ପାଣି ପ୍ରବାହିତ ହେଉଛି।

ସେହିପରି ସହରର ତଳି ଭାଗରେ ଥିବା ରୁପୁଟୋଲା ବସ୍ତି ସମେତ ଅନ୍ୟ ବସ୍ତି ଗୁଡିକରେ ଜଳବନ୍ଦୀ ଦୃଶ୍ୟ ଦେଖିବାକୁ ମିଳିଥିଲା। ଯଦି ଏଭଳି ଅଦିନିଆ ବର୍ଷାରେ ସହରର ଦୃଶ୍ୟ ଏପରି ହୁଏ ତେବେ ଆଗାମୀ ଦିନର ବର୍ଷା ଋତୁରେ କଣ ପରିସ୍ଥିତି ହେବ ସହଜେ ଅନୁମେୟ।

ସହରର ଅନ୍ୟାନ୍ୟ ବସ୍ତି ଓ ନିମ୍ନାଞ୍ଚଳରେ ମଧ୍ୟ ନାଳର ଅପରିଷ୍କାର ପାଣି ଘର ଭିତରକୁ ପଶିଥିବା ଖବର ମିଳିଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ରାଉରକେଲା ମହାନଗର ନିଗମ ଓ ସମ୍ପୃକ୍ତ ବିଭାଗଙ୍କ ନିକଟରେ ନାଳର ନିୟମିତ ସଫେଇ, ଡ୍ରେନେଜ୍ ବ୍ୟବସ୍ଥାର ସମ୍ପ୍ରସାରଣ ଏବଂ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି, ଯାହାଦ୍ୱାରା ପ୍ରତ୍ୟେକ ବର୍ଷାରେ ସହରକୁ ଜଳାବଦ୍ଧତା ଓ କୃତ୍ରିମ ବନ୍ୟା ସଦୃଶ ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼ିବ। ବର୍ଷା ପୂର୍ବରୁ ନାଳ ମରାମତି ଓ ସ୍ୱରେଜ କାମ ସମ୍ପୂର୍ଣ୍ଣ ନହେବାରୁ ଏପରି ସମସ୍ୟା ଦେଖାଦେଇଛି।

# ବର୍ଷା ପାଣିରେ ବୁଡ଼ିଲା ଅଡାଡ଼ିହି ସେତୁ



ବଣାଇଁଗଡ଼,୨୮।୭(ସମିସ): ବଣାଇଁଗଡ଼ ବ୍ଲକ କଷଡ଼ା ପଞ୍ଚାୟତ ସରସରା ବଲାଙ୍ଗଟିକାୟତପାଲି ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର୍‌ଡି) ରାସ୍ତାରେ ଅଡାଡ଼ିହି ନାଳ ଉପରେ ନିର୍ମିତ ସେତୁ ପୁଣି ବର୍ଷା ପାଣିରେ ବୁଡ଼ିଯାଇଛି। ସେତୁ ଉପରେ ପ୍ରାୟ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତାରେ ସମ୍ପୂର୍ଣ୍ଣ ଯାତାୟାତ ବନ୍ଦ ହୋଇପଡ଼ିଛି। ସେତୁ ଦେଇ ଅଡାଡ଼ିହି, ନୂଆଡ଼ିହି, ସଂଝାରଣ, କରେଇପୁଟ, ତିଲେଇମାଲ ଓ କଟେଇ ସମେତ ଆଖପାଖର ଅନେକ ଗ୍ରାମର ଲୋକ ପ୍ରତିଦିନ ଯାତାୟାତ କରିଥାନ୍ତି। ସେତୁ ଉପରେ ପାଣି ଚାଲୁଥିବାରୁ ସାଧାରଣ ଲୋକଙ୍କ ସହ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକମାନେ ପ୍ରଶାସନକୁ ସେତୁ ନିକଟରେ ସୁରକ୍ଷା ବ୍ୟବସ୍ଥା କରିବା, ବିପଦପୂର୍ଣ୍ଣ ସମୟରେ ଯାତାୟାତ ଉପରେ କଟକଣା ଲଗାଇବା ସହ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ସାବଧାନତାମୂଳକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ



ବଣାଇଁଗଡ,୨୮।୭(ସମିସ): ଲଗାଣ ବର୍ଷା ବଣାଇଁ ଅଞ୍ଚଳରେ ବିପର୍ଯ୍ୟସ୍ତ ଜଳ ନିଷ୍କାସନ ବ୍ୟବସ୍ଥାର ମୁଖା ଖୋଲିଛି। ବଣାଇଁ ବ୍ଲକଛକ ନିକଟସ୍ଥ ବ୍ୟବସାୟିକ ଅଞ୍ଚଳରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମି ରହିବା ସହ ଅନେକ ଦୋକାନରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ଘଟିଛି। କେନ୍ଦ୍ରିକଳା ଗ୍ରାମର ଗୌଡ଼ ସାହି, ମହାରଣା ସାହି ଏବଂ ନିଗମାନନ୍ଦ ଆଶ୍ରମ ପରିସରରେ ମଧ୍ୟ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ବଣାଇଁର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷାଦିନେ ଏଭଳି ସମସ୍ୟା ଉପୁଜୁଥିବା ଅଞ୍ଚଳବାସୀ କହିଛନ୍ତି। ଆଗକୁ ବର୍ଷା ଜାରି ରହିଲେ ପରିସ୍ଥିତି ଭୟାବହ ହେବ ବୋଲି ଅଞ୍ଚଳବାସୀ ଆଶଙ୍କା କରିଛନ୍ତି। ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା କରି ଜଳନିଷ୍କାସନ ସମସ୍ୟାର ସମାଧାନ ପାଇଁ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି।

# ଜଳମଗ୍ନ ସ୍ଥିତି ନେଇ ସମୀକ୍ଷା



କୋଇଡ଼ା,୨୮।୭(ସମିସ): ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଆଜି କୋଇଡ଼ା ଅଞ୍ଚଳର ଦୁର୍ଗମ ରାସ୍ତା ଏବଂ ଅବହେଳିତ ଗାଁ ପରିଦର୍ଶନ କରିଛନ୍ତି। ଲଗାଣ ବର୍ଷା ସତ୍ତ୍ୱେ ଛତା ଧରି ଜିଲ୍ଲାପାଳ ବିଭିନ୍ନ ଜଳମଗ୍ନ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ଗଣମାଧ୍ୟମକୁ ଶ୍ରୀ ମହାପାତ୍ର କହିଥିଲେ, ଲଘୁଚାପଜନିତ



ଜିଲ୍ଲାପାଳ ଶ୍ରୀ ମହାପାତ୍ର ଆଜି କୋଇଡ଼ାରେ ପହଞ୍ଚି, ଅଭିଯୋଗ ତେହେରେଇ ଓ ସର୍ଗିଗଡ ଗ୍ରାମବାସୀଙ୍କ ଦୀର୍ଘବର୍ଷ ଧରି ଲାଗି ରହିଥିବା ଖଣି ପରିବହନ ରାସ୍ତା ଓ ଜମି ବିବାଦ ଶୁଣାଣି କରିବା ସହ ନିଜେ ଉପୋରକ୍ତ ଖରାପ ରାସ୍ତାରେ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ସୁନ୍ଦରଗଡ ଜିଲ୍ଲା ରେଡ୍‌ଜୋନ୍‌ରେ ଥିବାରୁ ବର୍ଷା ନେଇ ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁସାରେ ଆଜି ଆମେ ୫ଟି ବ୍ଲକର ଅନୁଧ୍ୟାନ କରିଥିଲୁ। ବର୍ଷା ପ୍ରଭାବିତ ଅଞ୍ଚଳରେ ସରକାର ସହାୟତା ଯୋଗାଇ ଦିଆଯିବ। ତେହେରାଇ ରାସ୍ତାରେ ଦେଖାଯାଇଥିବା ସମସ୍ୟାର ସମାଧାନ କରାଯିବ। ସ୍ଥାନୀୟ ଲୋକଙ୍କର ଅଭିଯୋଗ କ୍ରମେ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି।

# ସୁନ୍ଦରଗଡ଼ ପାଇଁ ରେଡ୍ ଆଲର୍ଟ; ଗୁରୁଣ୍ଡିଆରେ ଜନଜୀବନ ଅସ୍ତବ୍ୟସ୍ତ



ଗଭୀର ଅବପାତର ପ୍ରଭାବ

ରାଉରକେଲା,୨୮।୭(ସମିସ): ସାରା ରାଜ୍ୟରେ ମୌସୁମୀ ବାୟୁ ଓ ଲଘୁଚାପ ଜନିତ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି। ପାଣି ନିଷ୍କାସନର ସୁବିଧା ନଥିବାରୁ ବର୍ଷାଜଳ ଜମି ରହି ଲୋକମାନଙ୍କ ସହ କର୍ମଚାରୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ପରିସରରେ ବର୍ଷା ପାଣି ଜମି ରହିବାରୁ ସରକାରୀ କାର୍ଯ୍ୟକଳାପ ଓ ଜନସେବା ବ୍ୟାହତ ହୋଇଛି। ବ୍ଲକ କାର୍ଯ୍ୟାଳୟ କର୍ମଚାରୀଙ୍କ ଯାନବାହନ ପାଣିରେ ବୁଡ଼ି ରହିଥିବା ଦେଖିବାକୁ ମିଳିଛି।

ସେହିପରି ସିଏଚସି ପରିସର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବାରୁ ରୋଗୀ ଓ ସେମାନଙ୍କ ସହଯୋଗୀମାନେ ମଧ୍ୟ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉଭୟ ସ୍ଥାନରେ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥାର ଅଭାବ ଓ ପାଣି ନିଷ୍କାସନର ସମସ୍ୟା ଯୋଗୁଁ ପ୍ରତି ବର୍ଷ ବର୍ଷା ଋତୁରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ସୁଅରେ ଭାସିଗଲା ବାଇକ୍; ବର୍ତ୍ତିଗଲେ ଯୁବକ



ଭରାନାଳ ପାର କରି ଶବ ଆଣିଲେ ସମ୍ପର୍କୀୟ

କୋଇଡା,୨୮।୭(ସମିସ): ବର୍ଷା ହେଲେ କୋଇଡା ଖଣି ଅଞ୍ଚଳ କେବଲାଙ୍ଗ ଓ ସାନରକ୍ସି ପଞ୍ଚାୟତର ଅନେକ ଗ୍ରାମବାସୀଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ିଯାଏ। ଜୀବନକୁ ବାଜି ଲଗାଇ ଉଚ୍ଛୁଳା ନାଳ ପାର ହୋଇ ବିଦ୍ୟାଳୟ, ବଜାର, ହସ୍‌ପିଟାଲ ଯାଇଥାଆନ୍ତି କେବଲାଙ୍ଗ ପଞ୍ଚାୟତର ଗାଡାଟୋଲା ବାକରଟୋଲା, ସାନରକ୍ସି ଗ୍ରାମବାସୀ। ବାରମ୍ବାର ପୋଲ ନିର୍ମାଣ ଦାବି ହେଉଥିଲେ ମଧ୍ୟ ତାହା କାଗଜକଲମରେ ରହିଯାଇଛି। ଗତ ୧୭ ତାରିଖ ଦିନ ସମିଜ୍ ନାଳ ଫୁଲିଯିବା ଫଳରେ ଗୁରୁତର ରୋଗୀ ତେଲାନ ସାମଦଙ୍କୁ ଖଟିଆରେ ବୋହି ନିକଟସ୍ଥ ହସ୍‌ପିଟାଲ୍‌କୁ ନେଇଥିଲେ। ଡାକ୍ତର ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରିଥିଲେ। କିନ୍ତୁ ଗତକାଲି ତାଙ୍କର ମୃତ୍ୟୁ ଘଟିଥିଲା। ଶବ ଆମ୍ବୁଲାନ୍ସ ଯୋଗେ ଆସି ନାଳ ନିକଟରେ ପହଞ୍ଚିବାପରେ ଗାଁ ଲୋକେ ପୁଣି ଖଟିଆରେ ଶବକୁ ଉଚ୍ଛୁଳା ନାଳ ପାର କରି ଆଣି ଅନ୍ତିମ ସଂସ୍କାର କରିଥିଲେ। ଅନ୍ୟପଟେ ଆଜି ଭୋର୍‌ରୁ ବାଗୁନନାଲା ପୋଲ ଉପରେ ପ୍ରଖର ସ୍ରୋତରେ ପାଣି ଚାଲିଥିବାବେଳେ ରକ୍ସି ଗ୍ରାମର ଜଣେ ଯୁବକ ରୁବେନ ବାରଜୋ କମଣ୍ଡ ପ୍ଲାଣ୍ଟ୍‌କୁ ବାଇକ୍ ଯୋଗେ ଯାଉଥିବା ବେଳେ ବାଇକ୍ ଭାସିଯାଇଥିଲା। ମାତ୍ର ସେ ଅଳ୍ପକେ ବର୍ତିଲେ ଯାଇଛନ୍ତି।

# ପ୍ରକୃତିର ସୁରକ୍ଷା କ୍ଷେତ୍ରରେ ଆର୍‌ଏସ୍‌ପିର ଅଗ୍ରଣୀ ଭୂମିକା

ରାଉରକେଲା,୨୮।୭(ସମିସ): ପ୍ରାକୃତିକ ସମ୍ପଦର ସୁରକ୍ଷା, ଜୈବ ବିବିଧତା ବୃଦ୍ଧି ଏବଂ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱସ୍ତରରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳିତ ହେଉଛି। ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ମଧ୍ୟ ଏହା ପାଳନ କରାଯାଇଥିଲା।



ସୂଚନାଯୋଗ୍ୟ ଯେ ଆରଏସପିରେ 'ପ୍ରକୃତି ସଂରକ୍ଷଣ' ଦାୟିତ୍ୱବାନ୍ ଏବଂ ସ୍ଥାୟୀ ଇସ୍ପାତ ନିର୍ମାଣ ଦର୍ଶନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି। ନବସୃଜନକାରୀ ପ୍ରଯୁକ୍ତିବିଦ୍ୟା, ଦକ୍ଷ ସମ୍ପଦ ପରିଚାଳନା ଏବଂ ନିରନ୍ତର ପରିବେଶୀୟ ଲାଳନ ମାଧ୍ୟମରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କୌଶଳଗତ ପ୍ରଚେଷ୍ଟା ଦ୍ୱାରା ଇସ୍ପାତ କାରଖାନା ନିଜର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଆସୁଛି।

ସମ୍ପଦ ସଂରକ୍ଷଣ ଆର.ଏସ.ପି. ପାଇଁ ଏକ ମୁଖ୍ୟ ଧ୍ୟାନ କେନ୍ଦ୍ର ହୋଇ ରହିଛି। ପ୍ରାକୃତିକ ସମ୍ପଦର ଦକ୍ଷ ବିନିଯୋଗକୁ ପ୍ରୋତ୍ସାହିତ କରିବା, ନିର୍ଗମନ କମାଇବା ଏବଂ ବର୍ଜ୍ୟବସ୍ତୁ ସୃଷ୍ଟିକୁ ହ୍ରାସ କରୁଥିବା ପ୍ରଯୁକ୍ତିବିଦ୍ୟାରେ କାରଖାନା ନିରନ୍ତର ନିବେଶ କରିଆସିଛି। ଲୌହଜାତ ବର୍ଜ୍ୟବସ୍ତୁର ପୁନଃଚକ୍ରଣ ପାଇଁ ୦.୧୮ ଏମ.ଟି.ପି.ଏ ମାଇକ୍ରୋ ପେଲେଟ୍ ପ୍ଲାଣ୍ଟ୍ ସ୍ଥାପନ ଏବଂ ବ୍ଲାଷ୍ଟ ଫର୍ନେସ୍ ପରିଚାଳନାରେ ବାୟୋଚାର୍ ଇଞ୍ଜେକ୍ସନର ପରୀକ୍ଷଣ ଭଳି ନବସୃଜନକାରୀ ପଦକ୍ଷେପଗୁଡ଼ିକ ଚକ୍ରୀୟ ଅର୍ଥନୀତି ପ୍ରକ୍ରିୟା ଏବଂ ସ୍ୱଚ୍ଛ ଇସ୍ପାତ ଉତ୍ପାଦନକୁ ଆପଣେଇବା ପାଇଁ ଆର.ଏସ.ପି. ର ଗାମ୍ଭୀର୍ଯ୍ୟକୁ ଦର୍ଶାଉଛି।

ଆର.ଏସ.ପି. ର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ହେଉଛି ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ କରିବା। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଇସ୍ପାତ ନିର୍ମାଣ ପ୍ରକ୍ରିୟାରେ ନିର୍ଗତ ବର୍ଜ୍ୟ ଗ୍ୟାସ୍‌ଗୁଡ଼ିକୁ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ୍-୧ ର ବଏଲରଗୁଡ଼ିକରେ ଇନ୍ଧନ ରୂପେ ବ୍ୟବହାର କରାଯାଉଛି, ଯାହା ବଏଲର-ଗ୍ରେଡ୍ କୋଇଲାର ଆବଶ୍ୟକତାକୁ ଯଥେଷ୍ଟ ହ୍ରାସ କରିଛି। କାରଖାନା ଧାତବ ଉପ-ଉତ୍ପାଦଗୁଡ଼ିକର ଲାଭଦାୟକ ବିନିଯୋଗରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ଲାଷ୍ଟ ଫର୍ନେସ୍ ସ୍ଲାଗ୍‌ର ସମ୍ପୂର୍ଣ୍ଣ ବ୍ୟବହାର କରାଯାଉଥିବା ବେଳେ, ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ ଶିଳ୍ପ ବ୍ୟବହାର ପାଇଁ ବି.ଓ.ଏଫ ଏବଂ ଏସ.ଏମ.ଏସ ସ୍ଲାଗ୍‌ର ବିଶାଳ ପରିମାଣକୁ ଉପଯୋଗୀ ଉତ୍ପାଦରେ ପରିଣତ କରାଯାଉଛି।

ଜଳ ସଂରକ୍ଷଣ ଆର.ଏସ.ପି. ର ସ୍ଥାୟୀ ଯାତ୍ରାର ଅନ୍ୟ ଏକ ଆଧାରଶିଳା। କାରଖାନା ଟାଉନ୍‌ସିପ୍‌ରେ ୩୦ ଏମ.ଏଲ.ଡି କ୍ଷମତା ବିଶିଷ୍ଟ ଏକ ସୁଏଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରିଛି, ଯାହା ବର୍ଜ୍ୟଜଳର ବିଶୋଧନ ଏବଂ ପୁନଃବ୍ୟବହାରକୁ ସକ୍ଷମ କରିପାରିଛି।


ନିଜର ପରିଚାଳନାଗତ ସୀମା ବାହାରେ, ଆର.ଏସ.ପି. ବୃହତ୍-ସ୍ତରୀୟ ବୃକ୍ଷରୋପଣ ଅଭିଯାନ, ସଫେଇ କାର୍ଯ୍ୟକ୍ରମ, ପରିବେଶୀୟ ଅବସରଗୁଡ଼ିକର ପାଳନ, ସ୍କୁଲ ସଚେତନତା କାର୍ଯ୍ୟକ୍ରମ ଏବଂ ସିଏସଆର ପଦକ୍ଷେପ ମାଧ୍ୟମରେ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସମାଜ ମଧ୍ୟରେ ପରିବେଶ ସଚେତନତାକୁ ସକ୍ରିୟଭାବରେ ପ୍ରୋତ୍ସାହିତ କରୁଛି। ଏହି କାର୍ଯ୍ୟକଳାପ, ପ୍ରକୃତିର ସୁରକ୍ଷା ହେଉଛି ଏକ ମିଳିତ ଦାୟିତ୍ୱ, ଯାହା ପାଇଁ ସାମୂହିକ ଭାଗିଦାରୀ ଆବଶ୍ୟକ, ଏହି ବାର୍ତ୍ତାକୁ ସୁଦୃଢ଼ କରୁଛି।

# ଶ୍ରୀଜଗନ୍ନାଥ ମନ୍ଦିର ଓ ତାରିଣୀ ମନ୍ଦିର ପରିସରରେ ନୀଳାଦ୍ରି ବିଜେ



ରାଉରକେଲା,୨୮।୭(ସମିସ): ସିଭିଲ ଟାଉନସିପ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଓ ମା' ତାରିଣୀ ମନ୍ଦିର ପରିସରରେ ନୀଳାଦ୍ରି ବିଜେ ଉତ୍ସବ ଅନୁଷ୍ଠିତ ହୋଇଛି। ରଥଯାତ୍ରା ଅବସରରେ ଶ୍ରୀବଳଭଦ୍ର, ମା' ସୁଭଦ୍ରା, ପ୍ରଭୁ ଶ୍ରୀଜଗନ୍ନାଥ ଓ ସୁଦର୍ଶନଙ୍କ ଦ୍ୱାଦଶ ଦିନବ୍ୟାପୀ ଲୀଳା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାଉସୀ ମା' ମନ୍ଦିର, ଏସ୍‌ଟିଆଇ ପରିସର ଏବଂ ରଥ ଉପରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଗ ଅର୍ପଣ କରାଯାଇଥିଲା। ଏକାଦଶୀ ତିଥିରେ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଗତକାଲି ନୀଳାଦ୍ରି ବିଜେ ଅବସରରେ ଶ୍ରୀବଳଭଦ୍ର, ମା' ସୁଭଦ୍ରା, ପ୍ରଭୁ ଶ୍ରୀଜଗନ୍ନାଥ ଓ ସୁଦର୍ଶନ ରଥରୁ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ମା' ଲକ୍ଷ୍ମୀ ଓ ପ୍ରଭୁ ଜଗନ୍ନାଥଙ୍କ କଳି ପରେ ପ୍ରଭୁ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ରସଗୋଲା ଓ ଶାଢ଼ୀ ଦେଇ ମନ୍ଦିର ପ୍ରବେଶ କରିଥିଲେ। ଭକ୍ତମାନଙ୍କୁ ରସଗୋଲା ଓ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ଚଳିତ ବର୍ଷର ରଥଯାତ୍ରା ମହୋତ୍ସବ ଶ୍ରୀ ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟର ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ନିର୍ମଳ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଅନ୍ୟ ଟ୍ରଷ୍ଟି ପ୍ରଭାତ କୁମାର ମିଶ୍ର, ରୁଷିନାଥ ବିଶ୍ୱାଳ, ଦେବବ୍ରତ ବିହାରୀ, ଦିବ୍ୟସିଂହ ସାମଲ, ବିଜୟ ସାମଲ, କାଶୀନାଥ ସାହୁ, ବୁଧିରାମ ମହାନ୍ତି ଓ ଅଖିଳ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର







ବଣାଇଁ,୨୮।୭(ସମିସ): ଲଗାଣ ବର୍ଷା ଯୋଗୁ ବଣାଇଁ ବ୍ଲକର କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଧୁପୁର ସାହିର ବୁଟୁ କିସାନ, ସାଧୁ କିସାନ, କଲୋନୀ ସାହିରେ କୁଟ ପାତ୍ରଙ୍କ ଘରର କାନ୍ଥ ପଡ଼ି ଯାଇଛି। ଏଥିସହିତ ବର୍ଡାବାହାଲରେ କୃଷ୍ଣଚନ୍ଦ୍ର କିସାନଙ୍କ ଗୋଟିଏ ଚାଳ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଏଥିସହିତ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଏକର ଏକର ଜମିରେ ଧାନ ଗଛ ପାଣିରେ ବୁଡ଼ି ନଷ୍ଟ ହୋଇଛି। ଫଳରେ ଚିନ୍ତାରେ ପଡ଼ି ଯାଇଛନ୍ତି ଚାଷୀକୁଳ। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ବାହୁଡ଼ାଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ରାଉରକେଲା,୨୮।୭(ସମିସ): କୋଏଲ ନଗର ସ୍ଥିତ ଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟ ପକ୍ଷରୁ ବାହୁଡା ଯାତ୍ରା ସମାରୋହରେ ସମ୍ପନ୍ନ ହୋଇଛି। ମହାପ୍ରଭୁ ଜନ୍ମବେଦୀରୁ ଫେରିଛନ୍ତି ରତ୍ନବେଦୀକୁ। ବାହୁଡ଼ା ଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ଠାକୁର ରାଜା ଦାୟିତ୍ୱ ତୁଲାଇଥିଲେ। ଗତ ୨୪ ତାରିଖ ଦିନ ସ୍ୱରବ୍ରହ୍ମ ଦ୍ୱାରା ଭଜନ ପରିବେଷଣ,୨୫ ତାରିଖ ଦିନ ବାପି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ୨୬ ତାରିଖ ଦିନ ପ୍ରସିଦ୍ଧ ସଂଗୀତକାର ସିଦ୍ଧାର୍ଥ ମିଶ୍ର ଓ ସାଥୀ ଭଜନ ପରିବେଷଣ କରିଥିଲେ। ୨୭ ତାରିଖ ଦିନ ଶ୍ରୀସାଇ କଳା ପରିଷଦ ଦ୍ୱାରା ଗୀତିନାଟ୍ୟ ଲକ୍ଷ୍ମୀନାରାୟଣ ଅଳିକଳି ପରେ ଶ୍ରୀଜିଉମାନଙ୍କର ରତ୍ନବେଦୀରେ ବିଜେ କରାଯାଇଥିଲା। ଏହି ଗୀତିନାଟ୍ୟରେ ବାପି ପଲେଇ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଅଭିନୟ କରାଯାଇଥିଲା। ଏହି ଅବସରରେ ମ୍ୟାନେଜିଂ ଟ୍ରଷ୍ଟି ଇଂ ଆଲୋକ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ଟ୍ରଷ୍ଟି ବ୍ରଜେନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଜିଏଚର ନିର୍ଦ୍ଦେଶକ ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ଆରଏସପି ପ୍ରାକ୍ତନ ମହାପ୍ରବନ୍ଧକ ତଥା ରଶ୍ମି ଗ୍ରୁପର ଉପଦେଷ୍ଟା ପ୍ରଦୀପ କୁମାର ସାହୁ ଓ ଝିରପାଣି ଥାନା ପ୍ରଭାରୀ ପ୍ରଭାତୀ ମଞ୍ଜରୀ ସାହୁ ଯୋଗ ଦେଇଥିଲେ।

# ଲଗାଣ ବର୍ଷାରେ ବେହାଲ ସମ୍ବଲପୁର

ସମ୍ବଲପୁର, ୨୮।୭ (ସମିସ) :

ଲଗାଣ ବର୍ଷାରେ ବେହାଲ୍ ସମ୍ବଲପୁର ସହର। ମହାନଦୀ ଫୁଲି ଥିବାରୁ ସହରର ବର୍ଷା ପାଣି ନିଷ୍କାସିତ ହୋଇ ପାରୁ ନ ଥିବାବେଳେ ଅନ୍ୟପଟେ ଜାମ୍ ହୋଇଥିବା ଡ୍ରେନ ଏବଂ



ଜଳସ୍ରୋତ ଅବରୋଧ ଯୋଗୁଁ ସହରର ମୁଖ୍ୟରାସ୍ତା ସହ ଗଳିକନ୍ଦିରେ ପାଣି ଲହଡ଼ି ଭାଙ୍ଗୁଛି। ରାସ୍ତାରେ ଆଣ୍ଠୁଏ ପାଣି ସହ ଘର ମାନଙ୍କରେ ପାଣି ପଶୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି।

ସମ୍ବଲପୁର ସହରରେ ପ୍ରତିବର୍ଷ ବର୍ଷାଋତୁ ଆସିଲେ କୃତ୍ରିମ ବନ୍ୟା ପରିସ୍ଥିତି ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ଘରର ଆସବାବ ପତ୍ର ନଷ୍ଟ ହୋଇ କ୍ଷତିଗ୍ରସ୍ତ ହେଉଛନ୍ତି। ସବୁ ଅଞ୍ଚଳରେ ନାଳ ଗୁଡ଼ିକ କମ୍ ଚଉଡ଼ା ବା ସଂକୁଚିତ କରି ନିର୍ମାଣ କରିଛି ମହାନଗର ନିଗମ। ଏହାସହ ନାଳ ଗୁଡ଼ିକ ଅଙ୍କାବଙ୍କା ନିର୍ମାଣ ହୋଇଥିବାରୁ କେତେକ ସ୍ଥାନରେ କଲଭର୍ଟ ମାନଙ୍କରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏଭଳି ସ୍ଥିତି ଏଡ଼ାଇବା ପାଇଁ ମୁଖ୍ୟରାସ୍ତା ନାଳ ଗୁଡ଼ିକ ୪ ଫୁଟ୍ ଏବଂ ଗଳି ଭିତର ନାଳ ଗୁଡ଼ିକ ଅନ୍ତତଃ ୨ ଫୁଟ୍ କରିବା ସହ ବର୍ଷତମାମ ସଫେଇ ସକାଶେ ସମ୍ବଲପୁରବାସୀଙ୍କ ଅଭିଯୋଗକୁ ମହାନଗର ପ୍ରଶାସନ ଅଣଦେଖା କରୁଛି। ସହରର ଶହ ଶହ କିଲୋମିଟର ଲମ୍ବ ନାଳ ଗୁଡ଼ିକ ନିୟମିତ ସଫେଇ ହେଉନାହିଁ। ନାଳ ଗୁଡ଼ିକରେ ମାଟି ଆବର୍ଜନା ଜମା ହୋଇ ନାଳପାଣି ସହ ବର୍ଷା ପାଣି ରାସ୍ତା ଉପରେ ବହୁଛି। ଅନ୍ୟପକ୍ଷରେ କେତେକ ଅଞ୍ଚଳରେ ନାଳ ଆଦୌ ନିର୍ମାଣ ହୋଇନାହିଁ। ତନ୍ମଧ୍ୟରେ ମ୍ୟୁନିସିପାଲିଟି ଛକରୁ କଚେରୀ ଛକ ପର୍ଯ୍ୟନ୍ତ ଭିଭିଆଇପି ରାସ୍ତା ମଧ୍ୟ ରହିବା ବିଡ଼ମ୍ବନାର ବିଷୟ।

ଲକ୍ଷ୍ମୀଟକିଜ ଛକ, ବୁଢ଼ାରାଜା ରାସ୍ତା, ଜାତୀୟ ରାଜପଥ କଡ଼ ସର୍ଭିସ ରୋଡ, ଏକ୍ଜିକ୍ୟୁଟିଭ୍ କଲୋନୀ-୧ ରାସ୍ତା, ଧନକଉଡ଼ା ଆଦିସହ ତଳିଆ ଅଞ୍ଚଳରେ ପାଣି ଜମା ହେବା ଦେଖାଯାଇଛି। ଅନ୍ୟପକ୍ଷରେ ହୀରାକୁଦ ଡ୍ୟାମର ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ଜାରି ରହିଥିବାରୁ ମହାନଦୀ ଫୁଲିଛି। ମହାନଦୀରେ ଅଧିକ ପାଣି ସହରର ବର୍ଷା ଜଳ ନିଷ୍କାସନରେ ବାଧକ ସାଜିଥାଏ। ଏହାଦ୍ୱାରା ସହରର ବର୍ଷାଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି।

## ଆଜି ସମ୍ବଲପୁର ଜିଲ୍ଲାର ସମସ୍ତ ସ୍କୁଲ ଛୁଟି

ଗତକାଲିଠାରୁ ସମ୍ବଲପୁରରେ ଅବିରତ ବର୍ଷାକୁ ଦୃଷ୍ଟିରେ ରଖି ବୁଧବାର ସମ୍ବଲପୁର ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି ଓ କଲେଜକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଦ ଘୋଷଣା କରାଯାଇଛି। ସେହିପରି ବର୍ଷାକୁ ଦୃଷ୍ଟିରେ ରଖି ମଙ୍ଗଳବାର ମଧ ସ ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି ଘୋଷଣା କରାଯାଇଥିଲା। ଶେଷ ମୁହୂର୍ତ୍ତରେ ଏହି ଘୋଷଣା କରାଯାଇଥିବାରୁ କିଛି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲକୁ ଯାଇ ବନ୍ଦ ହୋଇଥିବାରୁ ଫେରିଥିଲେ।

## ମହାନଗରରେ ୧୧୮.୨ ମିମି ବର୍ଷା

ସମ୍ବଲପୁରରେ ସୋମବାର ଠାରୁ ଲଗାଣ ବର୍ଷା ଲାଗିରହିଛି। ମଙ୍ଗଳବାର ୨୮ ତାରିଖ ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ସମ୍ବଲପୁର ମହାନଗର ଅଞ୍ଚଳରେ ସର୍ବାଧିକ ୧୧୮.୨ ମିମି ବର୍ଷା ହୋଇଥିବାବେଳେ ଧନକଉଡ଼ା ବ୍ଲକ୍‌ରେ ୯୨.୪ ମିମି, ଜମନକିରା ଜିଲ୍ଲାର ବ୍ଲକ୍‌ରେ ୧୦୧.୮ ମିମି, ଯୁଯୋମୁରା ବ୍ଲକ୍‌ରେ ୧୦୨.୪ ମିମି ବର୍ଷା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୩ ତାରିଖ ସମ୍ବଲପୁର ମହାନଗର ଅଞ୍ଚଳରେ ୧୩୯.୩ ମିମି, ୬ ତାରିଖ ୨୨୦ ମିମି ଓ ୧୭ ତାରିଖ ୧୨୫ ମିମି ବର୍ଷା ରେକର୍ଡ ହୋଇଥିଲା। ଏହାବ୍ୟତୀତ ଜିଲ୍ଲାର ଯୁଯୋମୁରା ବ୍ଲକ୍ ଅଞ୍ଚଳରେ ଗତ ୨୬ ତାରିଖ ୨୭୫.୪ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଧନକଉଡ଼ା ବ୍ଲକ ଅଞ୍ଚଳରେ ୬ ତାରିଖ ୧୮୭.୯ ମିମି ଓ ସେହିଦିନ ରେଙ୍ଗାଲି ବ୍ଲକ୍ ଅଞ୍ଚଳରେ ୧୬୦ ମିମି ଏବଂ ୨୬ ତାରିଖ ନାକଟିଦେଉଳ ବ୍ଲକ୍ ଅଞ୍ଚଳରେ ୧୪୦ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ।

## ବର୍ଷାରେ ଘର ଭାଙ୍ଗିଲା, ବୃଦ୍ଧା ଉଦ୍ଧାର



ଲଗାଣ ବର୍ଷାରେ ମଙ୍ଗଳବାର ସକାଳେ ସମ୍ବଲପୁରର ପଟ୍ଟନାୟକପଡ଼ାର ଏକ ଘର ଭାଙ୍ଗିଯାଇଥିଲା। ଘରେ ୭ ଜଣ ସଦସ୍ୟ ଥିବାବେଳେ ଘର ଭାଙ୍ଗିଯିବାରୁ ସମସ୍ତେ ବାହାରକୁ ଚାଲି ଆସିଥିଲେ। ଏହି ସମୟରେ ସ୍ୱର୍ଗତ ରୂପଚାନ୍ଦ ଅଗ୍ରୱାଲଙ୍କ ପତ୍ନୀ କସ୍ତୁରୀ ଅଗ୍ରୱାଲ (୮୦) ଦ୍ୱିତୀୟ ମହଲାର କୋଠରୀରେ ଥିଲେ। ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ କିସ୍‌କୋଙ୍କ ନେତୃତ୍ୱରେ ଅଗ୍ନିକମାନେ ଆସି ବୃଦ୍ଧାକୁ ଉଦ୍ଧାର କରିଥିଲେ।

● ମାତୃ ଓ ଶିଶୁ ମୃତ୍ୟୁହାର ପ୍ରସଙ୍ଗ

# ପରିଦର୍ଶନ ଓ ତଥ୍ୟସଂଗ୍ରହ ପରେ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା

ସମ୍ବଲପୁର, ୨୮।୭ (ସମିସ) : ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ୧୦ରୁ ୧୨ ଜଣିଆ ଟିମ୍ ମାତୃ-ଶିଶୁ ମୃତ୍ୟୁ ରୋକିବାକୁ ସମ୍ବଲପୁର ଜିଲ୍ଲାର ଭିମ୍‌ସାର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଉଭୟ ଉପଖଣ୍ଡ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ପରିଦର୍ଶନକରି ଗତ କେଇଦିନ ଧରି ତଥ୍ୟ ସଂଗ୍ରହ କରିଥିଲେ। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ (ସିଡିଏମ୍‌ଓ)ରେ ସଂଗୃହୀତ ତଥ୍ୟ ସହିତ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତକାଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡା. ଆଦିତ୍ୟ ମହାପାତ୍ରଙ୍କ ନେତୃତ୍ୱରେ ଡା. ଆଶୁତୋଷ ଗୌତମ ଓ ଡା. ହୀରାଲାଲ ନାୟକଙ୍କ ସହ ତିନିଜଣିଆ ଟିମ୍ ଏକ ୩ଜଣିଆ ଟିମ୍ ଭିମ୍‌ସାରର ଶିଶୁରୋଗ ବିଭାଗ ଓ ସ୍ୱତନ୍ତ୍ର ନବଜାତକ ଯତ୍ନ ୟୁନିଟ୍ (ଏସଏନସିୟୁ) ପରିଦର୍ଶନ କରିବାସହ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ରାଜ୍ୟ ପର୍ଯ୍ୟବେକ୍ଷଣ ଟିମ୍ ସମ୍ବଲପୁର ଜିଲ୍ଲାର ସମସ୍ତ ୨୬ଟି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବାପରେ ରିପୋର୍ଟକୁ ଆଧାରରେ ସମୀକ୍ଷା ବୈଠକ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌.ଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି. ଏବଂ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ରାଜ୍ୟ ପର୍ଯ୍ୟବେକ୍ଷଣ ଟିମ୍ ଏବଂ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଯନ୍ତ୍ରପାତି ଏବଂ ଜରୁରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ସନ୍ତୋଷ ପ୍ରକାଶ କରିଥିବା ବେଳେ ଆବଶ୍ୟକ ପର୍ଯ୍ୟବେକ୍ଷଣ, କ୍ଲିନିକାଲ୍ ପ୍ରାକ୍ଟିସ ଏବଂ ଅନୁଧ୍ୟାନ ସମୟରେ ରହିଥିବା ତ୍ରୁଟିଗୁଡ଼ିକ ସୁଧାର ନିମନ୍ତେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ବୈଠକରେ ଏଭଳି କେତେକ କ୍ଷେତ୍ର ଚିହ୍ନଟ କରାଯାଇଛି, ଯେଉଁଥିରେ ହାଇ ରିସ୍କ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ଅନୁଧ୍ୟାନ କରିବା, ସଂକ୍ରମଣ ପ୍ରତିରୋଧ ଓ ଷ୍ଟେରିଲାଇଜେସନ ବ୍ୟବସ୍ଥାରେ ଉନ୍ନତି ଆଣିବା, ଜରୁରୀକାଳୀନ ଔଷଧଗୁଡ଼ିକର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା, ଯନ୍ତ୍ରପାତିଗୁଡ଼ିକର ରକ୍ଷଣାବେକ୍ଷଣ, ମାନବ ସମ୍ବଳ ତଥା ପ୍ରଶିକ୍ଷଣଗତ ତ୍ରୁଟିଗୁଡ଼ିକର ସମାଧାନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସ୍ୱାସ୍ଥ୍ୟସେବା ପ୍ରଦାନ ଏବଂ ରୋଗୀଙ୍କ ସୁରକ୍ଷାକୁ ଦୃଢ଼ କରିବା ନିମନ୍ତେ ଏକ ସମୟବଦ୍ଧ ୩୦ ଦିନିଆ, ୬୦ ଦିନିଆ ବା ୯୦ ଦିନିଆ ଆକ୍ସନ୍ ପ୍ଲାନ୍ କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବାପାକୁ ହତ୍ୟାକଲା ପୁଅ

କୁଚିଣ୍ଡା,୨୮ ।୭ (ସମିସ): କୁଚିଣ୍ଡା ଥାନା ଅଧୀନ ମନାପାଲି ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସୋମବାର ରାତ୍ରୀଭୋଜନ ପରେ କୌଣସି କାରଣରୁ ମନାପାଲି ସ୍କୁଲରେ ଶିକ୍ଷକତା କରୁଥିବା ଗୋବିନ୍ଦ ଭୋଇ ନିଜ ବାପା ଧନେଶ୍ୱର ଭୋଇ (୭୦)ଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପାଟି ତୁଣ୍ଡରୁ ବାପା ପୁଅ ମଧ୍ୟରେ ତିକ୍ତତା ବଢ଼ିଯାଇ ଶେଷରେ ଗୋବିନ୍ଦ ନିଜ ବାପାକୁ କୁରାଢ଼ିରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପଡ଼ୋଶୀ ଓ ପରିବାରଲୋକେ ଧନେଶ୍ୱରଙ୍କୁ ଲଇଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଚିଣ୍ଡା ପୁଲିସ ଶବ ଜବତ ବ୍ୟବଚ୍ଛେଦ ପାଇଁ ପଠେଇଥିଲା। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ହତ୍ୟାକାରୀ ପୁଅକୁ କୁଚିଣ୍ଡା ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

# ହାତୀପଲ ଆକ୍ରମଣରେ ୱାଚର ଗୁରୁତର

ଜମନକିରା,୨୮ ।୭ (ସମିସ): ବାମରା ଡିଭିଜନ ବଡ଼ରମା ରେଞ୍ଜ ଅଧୀନ ଭୁତେଲ୍ ସେକ୍ସନ ପୁଡ଼ାଡ଼ିହି ଜଙ୍ଗଲ ଭିତରକୁ ୪ୱାଚର ଓ ଫରେଷ୍ଟ ଗାର୍ଡ ଟ୍ରାକିଂ କରୁଥିବାବେଳେ ଜଣେ ୱାଚର ୧୮ଟିକିଆ ହାତୀ ପଲ ହାବୁଡ଼ରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜମନକିରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରାଥମିକ ଚିକିତ୍ସାପରେ କୁଚିଣ୍ଡା ସ୍ଥାନାନ୍ତର କରାଯାଇଛି। ଗୁରୁତର ୱାଚର ଜଣକ ହେଲେ ପଥୁରିଆ ଗ୍ରାମର ପୀତାମ୍ବର ଭୋଇ (୩୧)। ଅଞ୍ଚଳରେ ପ୍ରବଳବର୍ଷା ହେଉ ଥିବାବେଳେ ପ୍ରାୟ ୧୧ଟା ପାଖାପାଖି ହାତୀ ପଲ ହାବୁଡ଼ରେ ପଡ଼ି ଅଳ୍ପକେ ବର୍ତ୍ତି ଯାଇଛନ୍ତି। କୁଚିଣ୍ଡା ଡାକ୍ତରଖାନା ଏକ୍ସରେ କରିବାରୁ କିଛି ହୋଇ ନ ଥିବା ଜଣାପଡ଼ିଛି। ଜମନକିରା ଡ଼ାକ୍ତରଖାନାରୁ ୧୦୮ ଗାଡ଼ିରେ କୁଚିଣ୍ଡା ପଠା ଯାଇଥିଲା।

# ଲାୟନ୍ସ କ୍ଲବ୍ ଆଲୁମିନିୟମ ସିଟିର ଅଧିଷ୍ଠାନ ଦିବସ



ସମ୍ବଲପୁର,୨୮।୭ (ସମିସ): ହୀରାକୁଦ ଲାୟନ୍ସ କ୍ଲବ ଆଲୁମିନିୟମ ସିଟିର ଅଧିଷ୍ଠାନ ଦିବସ ହୀରାକୁଦ ଲାୟନ୍ସ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ ଗଭର୍ଣ୍ଣର ଚରଞ୍ଜିତ କୌର ହୁରା, ସମ୍ମାନିତ ଅତିଥି ଭାବେ ଜିଏମ୍‌ଟି କୋଡିନେଟର ମନୋଜ ଅଗ୍ରୱାଲ, ସୁନୀଲ ତୁଳି ଯୋଗ ଦେଇଥିଲେ। ସିଟିର ନୂତନ କର୍ମକର୍ତ୍ତାଙ୍କୁ ଚରଂଜିତ କୌର ହୁରା ଶପଥ ଗ୍ରହଣ କରାଇଥିଲେ। ସଭାପତି ଭାବେ ଜଗନ ମୋହନ ପଟ୍ଟନାୟକ, ସମ୍ପାଦକ ସମରେନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ବସନ୍ତ ମେକପ ଓ ଅନ୍ୟାନ କର୍ମକର୍ତ୍ତା ଶପଥ ଗ୍ରହଣ କରିଥିଲେ। ଏହାପରେ ଜାଭିଅର ସ୍କୁଲରେ ଚାରା ରୋପଣ କରାଯାଇଥିଲା। ପୁରଣା ବସ୍ତ୍ର ମଧ୍ୟ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ ଚେୟାରମ୍ୟାନ,ସୁରେନ୍ଦ୍ର ବିଶ୍ୱାଳ, ଦେବବ୍ରତ ରଥ, ଉମାଶଙ୍କର ଗୌଡ଼, ଲାୟନ୍ସ କ୍ଲବ୍ ମହାନଦୀ ଏବଂ ଲାୟନ୍ସ କ୍ଲବ ପରିବାର, ବିକାଶ ଅଗ୍ରୱାଲ, ଲାୟନ୍ସ କ୍ଲବ ଆଲୁମିନିୟମ ସିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ହୀରାକୁଦ ଜଳସ୍ତର ୬୧୩ ଫୁଟ୍ ଟପିଲା, ଲାଗିରହିଛି ବର୍ଷା

ସମ୍ବଲପୁର, ୨୮।୭ (ସମିସ) : ହୀରାକୁଦ ଉପର ଓ ତଳ ମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଛି। ସମ୍ପ୍ରତି ହୀରାକୁଦର ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବାରୁ ହୀରାକୁଦ ଜଳସ୍ତର ୬୧୩ ଫୁଟ୍ ଟପିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିବାବେଳେ ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିଲା। ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩୪.୯୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨୪.୨୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ହୀରାକୁଦ ନଦୀବନ୍ଧର ରୁଲ୍ କର୍ଭ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୭ ଫୁଟ୍ ରହିବା ଆବଶ୍ୟକ। ଗତବର୍ଷ ୨୦୨୫ ମସିହା ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୫.୨୭ ଫୁଟ୍ ରହିଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ ଓ ଡାହାଣ ପାଶ୍ୱର୍ର ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୬୨,୩୨୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୨,୦୨୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୦୩୨୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୨୯୧୫୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୩୦୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୦,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧,୨୫,୦୨୧ କ୍ୟୁସେକ୍, ଖଇରମାଲଠାରେ ୩,୭୫,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୬,୩୭,୫୮୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ସମ୍ବଲପୁରରେ 'ସକାଳ' ଓ 'ନନ୍ଦିଘୋଷ' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ















ସମ୍ବଲପୁର, ୨୮।୭ (ସମିସ) :

ଗଛ ହିଁ ଜୀବନ, ଗଛ ହିଁ ଅମ୍ଳଜାନ, ଆମ ବଞ୍ଚିବାର ରାହା। ଆମେ ଯେତେ ଗଛ ଲଗାଇ ସବୁଜ ସମ୍ବଲପୁର କରିପାରିବା ସେତେ ଭଲ ହେବ। ସକାଳ ଓ ନନ୍ଦିଘୋଷ ଟିଭିର ଏହି ଅନନ୍ୟ ଉଦ୍ୟମ ପାଇଁ ଧନ୍ୟବାଦ। ପ୍ରତିବର୍ଷ ଜନସାଧାରଣଙ୍କ ସଚେତନତା ସହ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଆମେ ଏକ 'ସବୁଜ ସମ୍ବଲପୁର' ଗଢ଼ିପାରିବା ବୋଲି କହିଛନ୍ତି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସତ୍ୟ ନାରାୟଣ ନନ୍ଦ କହିଛନ୍ତି, ସାରା ଓଡ଼ିଶାରେ ସକାଳ ଓ ନନ୍ଦିଘୋଷ ଟିଭିର ପ୍ରୟାସରେ ଏକକାଳୀନ ଯେଉଁ ଚାରାବଣ୍ଟନ କରାଯାଉଛି, ତାହା ଅଭିନନ୍ଦନୀୟ। 'ସ୍ୱଚ୍ଛ ସମ୍ବଲପୁର, ସବୁଜ ସମ୍ବଲପୁର'ର ସମୟର ଆହ୍ୱାନ। ସମସ୍ତେ ନିଜ ଘରେ, ଅଗଣାରେ, ପରିସରରେ ଗଛ ଲଗାଇ ସମ୍ବଲପୁର ସହରକୁ ସବୁଜ ସମ୍ବଲପୁରରେ ପରିଣତ କରିବାରେ ସହାୟକ ହୁଅନ୍ତୁ। ପରିବେଶବିତ୍ ସୁବ୍ରତ ନାଥ ଚାରାବଣ୍ଟନ କରିବା ସହ ପରିବେଶ ସନ୍ତୁଳନ ରକ୍ଷାରେ ବୃକ୍ଷର ଭୂମିକା ଏବଂ ଆମ ଦାୟିତ୍ୱ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଆଜି ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ବିଶ୍ୱ ପରିବେଶ ସଂରକ୍ଷଣ ଦିବସ' ଅବସରରେ ସମ୍ବଲପୁରର ୩ଟି ପେଟ୍ରୋଲ ପମ୍ପ - ଗୋଲବଜାର ପେଟ୍ରୋଲ ପମ୍ପ, ମୁଦିପଡ଼ା ପେଟ୍ରୋଲ ପମ୍ପ ଓ ବୁଢ଼ାରଜା ପେଟ୍ରୋଲ ପମ୍ପରେ ଚାରାବଣ୍ଟନ କରାଯାଇଛି। ପେଟ୍ରୋଲ ଓ ଡିଜେଲ୍ ନେବାକୁ ଆସୁଥିବା ଗ୍ରାହକ ତଥା ରାସ୍ତାର ଯାତ୍ରୀମାନଙ୍କୁ ଆମ୍ବ, ପିଜୁଳି, ଲେମ୍ବୁ, ଆତ, ସଜନା, ଅଁଳା ଆଦି ବିଭିନ୍ନ ଚାରାବଣ୍ଟନ କରାଯାଇଛି। ଏହି ଅବସରରେ ଗୋଲବଜାରଠାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ମୁଦିପଡ଼ାଠାରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟ ନାରାୟଣ ନନ୍ଦ ଏବଂ ବୁଢ଼ାରଜାଠାରେ ପରିବେଶବିତ୍ ସୁବ୍ରତ ନାଥ ଅତିଥି ଭାବେ ଯୋଗଦେଇ ଚାରାବଣ୍ଟନ ଶୁଭାରମ୍ଭ କରିଥିଲେ। ଅତିଥିମାନେ ବୃକ୍ଷର ଉପକାରିତା ଏବଂ ପରିବେଶ ସଂରକ୍ଷଣ ଦିଗରେ ଭୂମିକା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ପେଟ୍ରୋଲ ପମ୍ପର ମାଲିକ - ଗୋଲବଜାରର ମୋହନଲାଲ ପଟେଲ, ପ୍ରଦୀପ ପଟେଲ ଓ କୁନାଲ ପଟେଲ, ମୁଦିପଡ଼ାର ଫତେଚାନ୍ଦ ବାଙ୍କା ଓ ପ୍ରମୋଦ ବାଙ୍କା ଏବଂ ବୁଢ଼ାରଜାର ନାରାୟଣ ଅଗ୍ରୱାଲଙ୍କ ସହ ସମ୍ବଲପୁରବାସୀ ଉପସ୍ଥିତ ଥିଲେ। ସକାଳ ଓ ନନ୍ଦିଘୋଷ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ। ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏହି ଅନନ୍ୟ ଉଦ୍ୟମକୁ ସାଧାରଣରେ ସ୍ୱାଗତ କରାଯାଇଛି।

ଦୈନିକ 'ସକାଳ' ଏଜିମ୍, ସମ୍ବଲପୁର ନରୋତ୍ତମ ଗୁରୁଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର 'ନନ୍ଦିଘୋଷ ଟିଭି'ର ସମୀର ଷଡ଼ଙ୍ଗୀ ଓ ନିଲୁ ସାହୁ, 'ସକାଳ' ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର, ଶୁଭମ ଖଡ଼ିରତ୍ନ, ବିଜ୍ଞାପନ ବିଭାଗର ବ୍ରିଜେଶ ଷଡ଼ଙ୍ଗୀ, ଗୋଲକ ମୋହନ ଛତ୍ରିଆ, ଉପେନ୍ଦ୍ର ବରିହା, ସୌମ୍ୟରଞ୍ଜନ ସିଂ, ଅମିତ ସିଂ, ରାମ ନାରାୟଣ ବାଗ, ମୁକେଶ ଶର୍ମା, ସତ୍ୟବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ । ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ ।
-ମାର୍କ ଟ୍ୱେନ୍

## ସିଜେପି-ଇଜେପି-ଆରଏଚଏ

କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଉଲ୍ଲେଖନୀୟ ସଫଳତାରେ ଅନୁପ୍ରାଣିତ ହୋଇ 'ଇଜେପି'(ଇଥାନଲ୍ ମିଶ୍ରିତ ପଟ୍ରୋଲ୍ ବା ଇ୨୦ ଇନ୍ଧନକୁ ବିରୋଧ କରୁଥିବା 'ଇ୨୦ ଜନତା ପାର୍ଟି') ଏବଂ 'ଆରଏଚ୍ଏ'(ରିଜର୍ଭେସନ୍ ହଟାଅ ଆନ୍ଦୋଳନ) ନାମରେ ଆଉ ଦୁଇଟି ଭର୍ଚୁଆଲ୍ (ଇଣ୍ଟରନେଟ୍ ବା ସାମାଜିକ ଗଣମାଧ୍ୟମ) ରାଜନୈତିକ ଦଳ ଜନ୍ମ ନେଇ ଜନସମର୍ଥନ ହାସଲ ଉଦ୍ୟମ ଜାରି ରଖିଛନ୍ତି । ଏଥିମଧ୍ୟରୁ 'ଆରଏଚ୍ଏ' ଇନଷ୍ଟାଗ୍ରାମ୍‌ରେ ଗୋଟିଏ ଦିନରେ ୨୦ ଲକ୍ଷରୁ ଅଧିକ ସମର୍ଥନ ବା ଅନୁଗାମୀ ସୃଷ୍ଟି କରିଥିବା ଦାବି କରିଛି । ଏହି ଧାରା ଓ ମାନସିକତା ବଳବତ୍ତର ରହିଲେ ଭବିଷ୍ୟତରେ ଭାରତର ବହୁଦଳୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭଳି ପରିବେଶ ସୃଷ୍ଟି ହେବ ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏବଂ ଆଜିର ଇଣ୍ଟରନେଟ୍ ଯୁଗରେ ଭିନ୍ନ ମତ, ଭିନ୍ନ ପନ୍ଥ ସୃଷ୍ଟି ଓ ଅନୁସରଣ କରିବାର ଅଧିକାର ସମସ୍ତଙ୍କର ରହିଛି । ଏହି ଆଧାରରେ ସିଜେପି, ଇଜେପି, ଆରଏଚ୍ଏ ଭଳି ବହୁ ଭର୍ଚୁଆଲ୍ ସଂଗଠନ ଓ ଆନ୍ଦୋଳନ କରିବାରେ ଅସ୍ୱାଭାବିକତା ନାହିଁ । କିନ୍ତୁ ଅସଲ ସମସ୍ୟା ହେଉଛି ସେଗୁଡ଼ିକ ଯଦି ଉଦ୍ଦେଶ୍ୟମୂଳକ ବା ନିର୍ଦ୍ଦିଷ୍ଟ ସ୍ୱାର୍ଥବିଜଡ଼ିତ, ଅଭିସନ୍ଧିମୂଳକ, ମତାନ୍ଧ, ସାମ୍ପ୍ରଦାୟିକ ଆଧାରିତ ହୁଏ ତେବେ ଦେଶର ଆଇନ ଶୃଙ୍ଖଳା, ଏକତା, ଅଖଣ୍ଡତା ଓ ସାର୍ବଭୌମ ପ୍ରତି ବିପଦ । ପ୍ରତ୍ୟକ୍ଷ ଭାବେ ଏହା ଇଣ୍ଟରନେଟ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଦୁରୁପଯୋଗ ବୋଲି ଧରାଯିବ । 'ସିଜେପି'ର ଅଭୂତପୂର୍ବ ସଫଳତା ଓ ଉଦାହରଣୀୟ ଲୋକପ୍ରିୟତାକୁ କ୍ଷୁଣ୍ଣ କରିବା ଲାଗି 'ଆରଏଚ୍ଏ' ଭଳି ଏକ ସମାନ୍ତରାଳ ଆନ୍ଦୋଳନ ଶାସନ କଳର ପ୍ରଚ୍ଛନ୍ନ ସମର୍ଥନ ଓ ଯୋଜନାରେ ଜନ୍ମ ନେଇଥିବା ଚର୍ଚ୍ଚା ହେଉଛି । ଯଦି ଏହି ଚର୍ଚ୍ଚା ପଛରେ ଲେଶମାତ୍ର ସତ୍ୟତା ଥାଏ ତେବେ ତାହା ଭାରତକୁ ଏକ ବିଶାଳ ଅଗ୍ନିପିଣ୍ଡୁଳାରେ ପରିଣତ କରିଦେବ, ଯାହାକୁ ନିୟନ୍ତ୍ରଣ କରିବା ଯେକୌଣସି ସରକାର କିମ୍ବା ଦଳ ପକ୍ଷରେ ଅସମ୍ଭବ ।

ଆଦର୍ଶ ଓ ଉଦ୍ଦେଶ୍ୟ ଆଧାରରେ ଉପରୋକ୍ତ ତିନି ଆନ୍ଦୋଳନ ବା ସଂଗଠନକୁ ତୁଳନା କରାଯାଉ । ସାମାଜିକ ଅନ୍ୟାୟ, ନୀତିଗତ ବୈଷମ୍ୟ ଓ ବ୍ୟବସ୍ଥାର ଅତ୍ୟାଚାର କୌଣସି ଜାତି, ଦଳ କିମ୍ବା ବର୍ଗ ଦେଖେ ନାହିଁ । ବେରୋଜଗାର, ପୀଡ଼ିତ, ନିଷ୍ପେସିତ, ଅବହେଳିତ ବର୍ଗଙ୍କ ପ୍ରତି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ସାମାନ୍ୟ ଅସାବଧାନତାବଶତଃ ମୁଖନିଃସୃତ ଶବ୍ଦ(କକ୍ରୋଚ)ରୁ 'ସିଜେପି' ଜନ୍ମ ନେବା ପରେ ସ୍ୱାଭାବିକ ଭାବେ ଦଳମତ ନିର୍ବିଶେଷରେ ଏଥିପ୍ରତି ବିପୁଳ ସମର୍ଥନ ବଢ଼ିଚାଲିଲା । ଅନୁଗାମୀମାନେ ନିଜ ନିଜକୁ 'କକ୍ରୋଚ୍'(ଅସରପା) ରୂପେ ଅଭିହିତ କରିବାକୁ ସଂକୋଚ କଲେ ନାହିଁ ଏବଂ ହୃଦ୍‌ବୋଧ କଲେ ଯେ 'କକ୍ରୋଚ୍ ଜନତା ପାର୍ଟି' ସେମାନଙ୍କ ବେଦନାର କଥା ହିଁ କହୁଛି । ସେଥିରେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଗତ ସ୍ୱାର୍ଥ ବଦଳରେ ସାର୍ବଜନିନ ସ୍ୱାର୍ଥ ଓ ସ୍ୱର ପ୍ରତିଫଳିତ ହେଲା । 'ସିଜେପି'ର ପ୍ରଥମ ଇସ୍ତାହାର ଓ ଦାବି ଥିଲା ଶାସନ, ପ୍ରଶାସନ ଓ ବ୍ୟବସ୍ଥାରେ ସଂସ୍କାର ଓ ସ୍ୱଚ୍ଛତା, ଯାହା ସମଗ୍ର ଦେଶର ଜନତାଙ୍କ ଦୀର୍ଘବର୍ଷର ଅବଦମିତ ଇଚ୍ଛାକୁ ସାର୍ବଜନିନ ସ୍ତରରେ ଆନୁଷ୍ଠାନିକ ଭାବରେ ପରିପ୍ରକାଶ କଲା । ଭିନ୍ନ ଜାତି ଭିନ୍ନ ଧର୍ମ ଭିନ୍ନ ଗୋଷ୍ଠୀର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଜଡ଼ିତ ପ୍ରଶ୍ନପତ୍ର ପ୍ରଘଟ ପରି ସମ୍ବେଦନଶୀଳ ପ୍ରସଙ୍ଗଟି ସମସ୍ତଙ୍କ ମନକୁ ଛୁଇଁଲା । ଶେଷରେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି ସଫଳ ହେଲା ।

ଅପରପକ୍ଷରେ 'ଇଜେପି'ର ସୃଷ୍ଟି ବ୍ୟବସାୟିକ ଅଭିସନ୍ଧିର ବିରୋଧରୁ । ଇ-ଇନ୍ଧନକୁ ବିରୋଧ ପାଇଁ 'ଇଜେପି'ର ଦାବି ଓ ଉପସ୍ଥିତିକୁ ଅସ୍ୱୀକାର କରିହେବ ନାହିଁ । କିନ୍ତୁ ଦେଶରେ ଆଜି ମଧ୍ୟ ୮୦ କୋଟି ପରିବାର ସରକାରୀ ରିହାତି ଯୋଜନା ଉପରେ ନିର୍ଭରଶୀଳ । ସେମାନଙ୍କ ପାଇଁ ଇନ୍ଧନର ଗୁଣ, ମାନ, ପ୍ରଭାବ ଆଦିର ଅର୍ଥ ଅତି ଗୌଣ । ତେଣୁ 'ଇଜେପି'ଯେ 'ସିଜେପି' ଭଳି ବିପୁଳ ଜନସମର୍ଥନ ହାସଲ କରିବାର ସମ୍ଭାବନା ଆପାତତଃ ଦେଖାଯାଉନାହିଁ । ସେହିପରି 'ସଂରକ୍ଷଣ' ଭଳି ସ୍ୱାଧୀନ ଭାରତର ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ସମ୍ପୂର୍ଣ୍ଣ ଭାବେ ଗୋଷ୍ଠୀଭିତ୍ତିକ ସ୍ୱାର୍ଥ ସାଧନ ଲକ୍ଷ୍ୟରୁ 'ଆରଏଚ୍ଏ'ର ଜନ୍ମ । ତେଣୁ ସଂରକ୍ଷଣର ଲାଭାର୍ଥୀ ଏହାକୁ ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ କି ସଂରକ୍ଷଣ ବ୍ୟବସ୍ଥାର ପୀଡ଼ିତ ବର୍ଗଙ୍କ ଧାରଣା ଓ ଆନ୍ଦୋଳନ ଯେତେ ତୀବ୍ର ହେଲେ ମଧ୍ୟ ବ୍ୟବସ୍ଥାର ବିଲୋପ ହେବାର ସମ୍ଭାବନା ନାହିଁ । ଅଧିକନ୍ତୁ 'ଆରଏଚ୍ଏ' ଯଦି ସମଗ୍ର ଦେଶର ଯୁବବର୍ଗଙ୍କୁ 'ସଂରକ୍ଷଣ ସପକ୍ଷବାଦୀ' ଓ 'ସଂରକ୍ଷଣ ବିରୋଧୀ' ଭଳି ଦୁଇଗୋଷ୍ଠୀରେ ବିଭକ୍ତ କରିଦେବ ତେବେ ସମଗ୍ର ଭାରତ ମଣିପୁର ଦଶା ଭୋଗିପାରେ । ତେଣୁ 'ସିଜେପି'ର ଲୋକପ୍ରିୟତା ହ୍ରାସ ପାଇଁ ଯଦି ଉଦ୍ଦେଶ୍ୟମୂଳକ ଭାବେ 'ଆରଏଚ୍ଏ'କୁ ସୃଷ୍ଟି କରାଯାଇଥାଏ ତେବେ ତାହା ଅଚିରେ ବୁମେରାଂ ହୋଇ ସ୍ଥିତିକୁ ଭୟାନକ କରିବା ପୂର୍ବରୁ ବିପଜ୍ଜନକ ଯୋଜନାରୁ କ୍ଷାନ୍ତ ରହିବା ଅଧିକ ଉଚିତ ହେବ ।

'ଆରଏଚ୍ଏ'ର ଦାବି ଓ ଉଦ୍ଦେଶ୍ୟର ପ୍ରାସଙ୍ଗିକତା ଉପରେ କିଞ୍ଚିତ ଦୃଷ୍ଟି ଦେବା । ସଂରକ୍ଷଣ ବ୍ୟବସ୍ଥାର ବିଲୋପ ଦାବି ଅନୁଚିତ କିମ୍ବା ଅବାଞ୍ଛିତ ନୁହେଁ । କିନ୍ତୁ ଏହାର କଳ୍ପନା ଯେତେ ସରଳ ଦେଖାଯାଇଛି ବାସ୍ତବତା ତା'ଠାରୁ ବହୁଗୁଣ ଜଟିଳ । ସ୍ୱାଧୀନୋତ୍ତର ଭାରତରେ ସାମାଜିକ-ଅର୍ଥନୈତିକ ବୈଷମ୍ୟକୁ ହଟାଇ ସମତୁଲତା ଆଣିବାକୁ ସଂରକ୍ଷଣ ଏକ ପରୀକ୍ଷଣ ଓ ପ୍ରୟୋଗ ଥିଲା, ଯାହା ପରବର୍ତ୍ତୀ କାଳରେ ଭୋଟ-ରାଜନୀତିର ଏକ ଅମୋଘ ଅସ୍ତ୍ର ପାଲଟିଗଲା । ନିର୍ବାଚନ ରଣାଙ୍ଗନରେ ଜିତା ପଟ ହାସଲ କରିବାରେ ବ୍ୟବହୃତ ଏହି ଅମୋଘ ଅସ୍ତ୍ରଟିକୁ କୌଣସି ରାଜନୈତିକ ଦଳ କିମ୍ବା ସରକାର ଏତେ ସହଜରେ ହରାଇବାକୁ ଚାହିଁବେ ନାହିଁ । ବରଂ ସମଗୁଣ ସମ୍ପନ୍ନ ଆହୁରି ଅଧିକରୁ ଅଧିକ ସଂରକ୍ଷଣ-ଅସ୍ତ୍ର ନିର୍ମାଣ ଓ ପ୍ରୟୋଗ ହେଉଥିବା ଦେଖାଯାଉଛି । ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବାର ୭୬ ବର୍ଷ ପରେ ମଧ୍ୟ ଏହାର ମୂଳ ଲକ୍ଷ୍ୟ ପୂରଣ ହୋଇନାହିଁ କି ଆହୁରି ଶହେ ବର୍ଷ ପର୍ଯ୍ୟନ୍ତ ହେବାର ସମ୍ଭାବନା ଦେଖାଯାଉନାହିଁ । ଅଧିକନ୍ତୁ ସଂରକ୍ଷଣର ଫାଇଦା 'ପାରିବାର ଲୋକେ' ହାତେଇ ନେଇ ଚାଲୁଥିବା ବେଳେ 'ଅବଶିଷ୍ଟ ବର୍ଗ' ଅଦ୍ୟାବଧି ବଞ୍ଚିତ ।

ସଂରକ୍ଷଣର ଆବଶ୍ୟକତା, ପ୍ରଭାବ ଓ ବାସ୍ତବତା ସମ୍ପର୍କରେ ଅନେକ ବିତର୍କ, ଆଲୋଚନା, ବିକ୍ଷୋଭ, ଆନ୍ଦୋଳନ, ଅଦାଲତ ମାମଲା ଚାଲି ଆସିଛି । ତେଣୁ ଆଉ ଅଧିକ ବିତର୍କ ଅନାବଶ୍ୟକ । ବାସ୍ତବତକୁ ସ୍ୱୀକାର କରି, ପରିସ୍ଥିତିକୁ ହୃଦୟଙ୍ଗମ କରି ସମସ୍ତ ରାଜନୈତିକ ଦଳ 'ସଂରକ୍ଷଣ' ଶବ୍ଦଟିକୁ ବ୍ୟବସ୍ଥାରୁ ସମ୍ପୂର୍ଣ୍ଣ ବିଲୋପ କରିବା ପାଇଁ ସଂକଳ୍ପ ନ ନେବା ପର୍ଯ୍ୟନ୍ତ ଏହି ସମସ୍ୟାର ମୂଳୋତ୍ପାଟନ ହେବ ନାହିଁ । ତେଣୁ 'ଆରଏଚ୍ଏ'କୁ 'ସିଜେପି' ଭଳି ରାଜନୈତିକ ସମର୍ଥନ ମିଳିବା ଆଶା ମଧ୍ୟ ଊଣା । ●

## ବଢ଼ି ଚାଲିଛି ଦେଶର ଋଣ ବୋଝ: ଗତି କୁଆଡ଼େ?

ପ୍ରହଲାଦ କୁମାର ସିଂହ

ଭାରତ ସରକାରଙ୍କ ଋଣ ବୋଝ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୨୦୦ଲକ୍ଷ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ୨୦୨୭ ମାର୍ଚ୍ଚ ବେଳକୁ ଏହାର ପରିମାଣ ୨୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ସରକାର ଆକଳନ କରିଛନ୍ତି । ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ୨୧.୭.୨୦୨୬ରେ ସଂସଦରେ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି । ଏହି ତଥ୍ୟ ମୁତାବକ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ଭାରତର ଋଣବୋଝ ୨୦୧.୧୭ଲକ୍ଷ କୋଟି ଟଙ୍କା ଥିବା ବେଳେ ବୈଦେଶିକ ଋଣର ପରିମାଣ ଥିଲା ୯.୮୯ଲକ୍ଷ କୋଟି ଟଙ୍କା । ତେବେ ବୈଦେଶିକ ଋଣ ବୋଝ ୯.୬୪ଲକ୍ଷ କୋଟି ଟଙ୍କାକୁ କମିପାରେ ବୋଲି ସୂଚନା ମିଳୁଛି ।

ବଢ଼ି ଚାଲିଥିବା ଋଣବୋଝ ସହ ତାଳ ଦେଇ ସୁଧ ଓ ମୂଳ ପରିଶୋଧ ବି ବର୍ଷକୁ ବର୍ଷ ବଢ଼ିବଢ଼ି ଚାଲିଛି । ୨୦୨୦-୨୧ ବର୍ଷରେ ଆମ ଦେଶ ୨.୬୨ ଲକ୍ଷ କୋଟି ଟଙ୍କା ଋଣ ପରିଶୋଧ କରିଥିବା ବେଳେ ୬.୮୦ଲକ୍ଷ କୋଟି ଟଙ୍କା ସୁଧ ଆକାରରେ ଦେଇଥିଲା । ୨୦୨୫-୨୬ ବର୍ଷ ପାଇଁ ଯେଉଁ ପ୍ରାଥମିକ ଆକଳନ ସରକାର କରିଛନ୍ତି ତଦନୁଯାୟୀ ୪.୬୧ ଲକ୍ଷ କୋଟି ଟଙ୍କାର ଋଣ ସୁଝା ଯାଇଥିବା ସହ ସୁଧ ବାବଦରେ ଆମ ରାଜକୋଷରୁ ଯାଇଛି ୧୨.୪୩ଲକ୍ଷ କୋଟି ଟଙ୍କା । ଚଳିତ ଆର୍ଥିକ ବର୍ଷରେ ଆମ ଦେଶ ମୂଳ ବାବଦରେ ୬.୨୨ଲକ୍ଷ କୋଟି ଓ ସୁଧ ବାବଦରେ ୧୪.୦୪ଲକ୍ଷ କୋଟି ଟଙ୍କା ପରିଶୋଧ କରିବା ପାଇଁ ବଜେଟ୍‌ରେ ଆକଳନ ରହିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ତଥ୍ୟରେ ଉଲ୍ଲେଖ କରାଯାଇଛି । ୨୦୨୬-୨୭ ବର୍ଷର ମୂଳ ବଜେଟ୍ ୫୩, ୪୭, ୩୧୫ କୋଟି ଟଙ୍କାର ଥିବା ବେଳେ ଏଥିରୁ ୨୪ ପ୍ରତିଶତ ଆସିବ ଋଣରୁ ଏବଂ ସୁଧ ଆଦି ଦେୟ ବାବଦରେ ଖର୍ଚ୍ଚ ହେବ ପ୍ରାୟ ୨୦ ପ୍ରତିଶତ । ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ ଚଳିତ ବର୍ଷରେ କେନ୍ଦ୍ର ସରକାର ୧୭.୨ଲକ୍ଷ କୋଟି ଟଙ୍କାର ଋଣ ଉଠାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଋଣ ବାବଦରେ ସୁଝିବାକୁ ବଜେଟ୍‌ରେ ବ୍ୟବସ୍ଥା ରଖିଛନ୍ତି ୧୪, ୦୩, ୯୭୨ କୋଟି ଟଙ୍କା । କେନ୍ଦ୍ର ସରକାରଙ୍କ ଋଣ ବୋଝ ୨୦୦ଲକ୍ଷ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ରାଜ୍ୟ ସରକାରମାନଙ୍କ ଋଣବୋଝ ପ୍ରାୟ ୧୧୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆଶଙ୍କା କରାଯାଉଛି ।

୧୯୪୭ରେ ଆମ ଦେଶ ସ୍ୱାଧୀନ ହେବା ବେଳକୁ ଦେଶର ଦେଣା ପରିମାଣ ୨୩୩୧.୯୮ କୋଟି ଟଙ୍କା ଥିଲା । ଏହା ବଢ଼ିବଢ଼ି ଚଳିତ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥାନୁଯାୟୀ ସରକାର ୧୭.୨ଲକ୍ଷ କୋଟି ଟଙ୍କା ଋଣ ଉଠାଇବାକୁ ପ୍ରସ୍ତାବ ରଖିଛନ୍ତି । ଜିଡିପିର ପାଖାପାଖି ୫୮ ପ୍ରତିଶତ ହେଉଛି କେନ୍ଦ୍ର ସରକାରଙ୍କ ଋଣ ବୋଝ । ଋଣ ଯନ୍ତାରେ ପଡ଼ି ପାକିସ୍ତାନ, ଶ୍ରୀଲଙ୍କା, ନେପାଳ ଆଦି ଦେଶମାନେ ଯେମିତି କଲବଲ ହେଉଛନ୍ତି ତାହାକୁ ଆଖି ଆଗରେ ରଖି ଆମ ଋଣ ବୋଝ କମାଇବା କଥା । କିନ୍ତୁ ଆମେରିକା, ଜାପାନ, ଫ୍ରାନ୍ସ, ଇଂଲଣ୍ଡ ଆଦି ଦେଶର ଋଣ ପରିମାଣ ଜିଡିପି ତୁଳନାରେ ଢେର ଅଧିକ ବୋଲି ଯୁକ୍ତି ବାଢ଼ି ଆମେ ଋଣ ବୋଝ ବଢ଼ାଇ ବଢ଼ାଇ ଚାଲିଛେ ।

ପ୍ରାୟ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଆମ ଦେଶ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇ ୫ ଟ୍ରିଲିୟନ୍ ଆର୍ଥିକ କାରବାର ଆଡ଼କୁ ଆଗଉଥିବା କୁହାଯାଉଛି । ଅନ୍ୟପଟେ ଋଣ ବୋଝ ବଢ଼ୁଥିବା ବେଳେ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ବଢ଼ିବଢ଼ି ଚାଲିଛି । ୧୯୫୦-୫୧ରେ ଆମ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ମାତ୍ର ୨କୋଟି ଟଙ୍କାରେ ସୀମିତ ଥିବା ବେଳେ ୨୦୨୪-୨୫ରେ ଏହା ୨୩ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା । କେନ୍ଦ୍ର ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟ ମୁତାବକ ୨୦୨୪-୨୫ ବର୍ଷରେ ଭାରତ ବିଦେଶକୁ ୩୭, ୦୩, ୪୧୨ କୋଟି ଟଙ୍କାର ସାମଗ୍ରୀ ରପ୍ତାନି କରିଥିବା ବେଳେ ବିଦେଶରୁ ଆମଦାନି କରିଥିଲା ୬୦, ୯୮, ୨୧୦ କୋଟି ଟଙ୍କାର ସାମଗ୍ରୀ । ସବୁଠାରୁ ଉଦ୍‌ବେଗଜନକ କଥା ହେଉଛି ଯେ ଆମେ ଖଣିଜ ସାମଗ୍ରୀ ଭଳି କଞ୍ଚାମାଲ୍‌ମାନ ବିଦେଶକୁ ବହୁ ପରିମାଣରେ ରପ୍ତାନୀ କରୁଥିବା ବେଳେ କପା ସମେତ ଅନ୍ୟାନ୍ୟ କୃଷିଜାତ ସାମଗ୍ରୀ ବ୍ୟାପକ ପରିମାଣରେ ଆମଦାନି କରୁଛୁ । ଏମିତିକି ଆମକୁ ବି ବିଦେଶରୁ ଡାଲି ଆଣିବାକୁ ପଡ଼ୁଛି । ଆମ ଦେଶର ଆର୍ଥିକ ବିକାଶ ସଂପର୍କରେ ଆମେ ଯେତେ ବଡ଼ବଡ଼ କଥା କହିଲେ ମଧ୍ୟ ବାସ୍ତବ ଚିତ୍ର ହେଉଛି ଟଙ୍କାର ବିନିମୟ ମୂଲ୍ୟ ଆନ୍ତର୍ଜାତିକ ବଜାରରେ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା । ଗତ ଶତାବ୍ଦୀର ୪୦ ଦଶକରେ ଗୋଟିଏ ଆମେରିକୀୟ ଡଲାର ସହିତ ଗୋଟିଏ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ପ୍ରାୟ ସମାନ ଥିଲା । ୧୯୭୬ ବେଳକୁ ଗୋଟିଏ ଡଲାର ବିନିମୟ ମୂଲ୍ୟ ୮ଟଙ୍କା ୯୭ ପଇସା ଥିବାବେଳେ ୨୦୦୦ରେ ତାହା ୪୫ଟଙ୍କା, ୨୦୧୪ରେ ୬୧ ଟଙ୍କା ଓ ୨୦୨୬ ଜୁଲାଇ ବେଳକୁ ପ୍ରାୟ ୯୭ଟଙ୍କାରେ ପହଞ୍ଚିଲାଣି ।

ଆର୍ଥିକ ବିକାଶ ପାଇଁ ଋଣ କଲେ ଲାଭରୁ ତାହା ସହଜରେ ସୁଝି ହୋଇଯାଏ । କିନ୍ତୁ ଆମେ ପ୍ରଶାସନିକ ଖର୍ଚ୍ଚ ବୃଦ୍ଧି କରିବା ସହିତ ଲଗାମଛଡ଼ା ଅପବ୍ୟୟ, ଦୁର୍ନୀତି, ମାଗଣା ବଣ୍ଟନ, ନିଶା ପ୍ରସାରଣ, ନୀତି ବିହୀନ ରାଜନୀତି ଆଦିରେ ମାତିବା ଫଳରେ ଅବସ୍ଥା ବିଗିଡ଼ି ଚାଲିଛି । ତଳୁ ଉପର ପର୍ଯ୍ୟନ୍ତ ସରକାରୀ କାମରେ ପିସି ରାଜ୍ ଚାଲିଛି । ଏକଦା ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକାଶମୂଳକ କାମ ପାଇଁ କେନ୍ଦ୍ର ଦେଉଥିବା ଅର୍ଥର ପ୍ରାୟ ୮୫ ପ୍ରତିଶତ ବାଟମାରଣା ହୋଇଯାଉଛି ବୋଲି । ମିତବ୍ୟୟିତାକୁ ଭୁଲି ଆମେ ଅର୍ଥ ଅପଚୟରେ ଲାଗିପଡ଼ିଛୁ । ଏଭଳି ସ୍ଥିତିରେ ଋଣ ବୋଝ ସହିତ ବେକାରୀ, ବେରୋଜଗାରୀ, ନିଶା, ହିଂସା, ଅପରାଧ ଆଦି ବଢ଼ି ଚାଲିଥିବାବେଳେ ସୀମିତ ସଂଖ୍ୟକ ଧନୀଙ୍କ ହାତରେ ଆମ ରାଷ୍ଟ୍ରୀୟ ସଂପଦର ମୁଖ୍ୟାଂଶ ରହୁଛି ।

ମାଗଣା ବଣ୍ଟନ ବ୍ୟବସ୍ଥା ଘେନି ବାରମ୍ବାର ସର୍ବୋଚ୍ଚ ନ୍ୟାୟାଳୟ, ରିଜର୍ଭ ବ୍ୟାଙ୍କ ଓ ପ୍ରଗତିଶୀଳ ଅର୍ଥଶାସ୍ତ୍ରୀମାନେ ଚିନ୍ତା ପ୍ରକଟ କରୁଛନ୍ତି । ଅଥଚ ଆଗାମୀ ପିଢ଼ି ପାଇଁ ନଭାବି ଆଗାମୀ ନିର୍ବାଚନ ଜିଣିବା ଲାଗି ବିଭିନ୍ନ ଦଳର ରାଜନୈତିକ ନେତୃବୃନ୍ଦ ମାଗଣା ବଣ୍ଟନର ପ୍ରତିଯୋଗିତା ଚଳାଇ ପରଧନରେ ପୁନେଇ କରୁଛନ୍ତି । ଦେଶର ୮୦କୋଟି ୧୦ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଓ ଗହମ ଆଦି ଦିଆଯାଉଥିବାବେଳେ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ବି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଲକ୍ଷଲକ୍ଷ କୋଟି ଟଙ୍କା ବାଣ୍ଟୁଛନ୍ତି । ଏଥିରୁ ବହୁ ଅଯୋଗ୍ୟ ଓ ସଂପନ୍ନ ଲୋକ ଫାଇଦା ଉଠାଇ ଚାଲିଛନ୍ତି । ଆର୍ଥିକ ଦୃଷ୍ଟିରୁ ଆମ ଦେଶ କେତେ ସବଳ ତାହା ଏହି ମାଗଣା ବଣ୍ଟନ ଯୋଜନାମାନ ସୂଚାଇ ଦେଉଛନ୍ତି ।

ପ୍ରକାଶିତ ତଥ୍ୟ ମୁତାବକ ଆମ ଦେଶର ଧନୀ ଲୋକଙ୍କ ଭିତରୁ ୩୦ ପ୍ରତିଶତଙ୍କ ହାତରେ ମୋଟ ସଂପତ୍ତିର ୯୦ ପ୍ରତିଶତ ରହିଥିବା ବେଳେ ଏହି ବର୍ଗର ଶୀର୍ଷରେ ଥିବା ୧ ପ୍ରତିଶତ ଧନୀଙ୍କ ହାତରେ ମୋଟ ସଂପତ୍ତିର ୪୦ ପ୍ରତିଶରୁ ଅଧିକ ରହିଛି । ବିଶ୍ୱର ବିଭିନ୍ନ ଦେଶ ତୁଳନାରେ ସର୍ବାଧିକ ଦରିଦ୍ର ଲୋକ ରହୁଛନ୍ତି ଭାରତରେ । ଦେଶ ଚଳାଇବା ପାଇଁ ଆମ ଦେଶର ଜିଏସ୍‌ଟି ବାବଦରେ ଯେତେ ଟିକସ ଆଦାୟ ହେଉଛି ତାହାର ପ୍ରାୟ ଦୁଇ-ତୃତୀୟାଂଶ ସବୁଠାରୁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଲୋକଙ୍କଠାରୁ ଆଦାୟ ହୋଇଥାଏ । ମୋଟାମୋଟି ଭାବେ ଗରିବ ଲୋକଙ୍କ ଟିକସ ଅର୍ଥରେ ଏବଂ ସେମାନଙ୍କ ମୁଣ୍ଡ ଉପରେ ଉଠାଯାଉଥିବା ଋଣକୁ ଭରସା କରି ଆମ ଦେଶ ଚାଲିଛି । ଋଣ ବୋଝ ଓ ବିଦେଶୀ ଯନ୍ତାରୁ ମୁକ୍ତି ପାଇବା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ।

ଦାରିଦ୍ର୍ୟ ଓ ଋଣ ଚାପରେ ହନ୍ତସନ୍ତ ହୋଇ ଲୋକେ ଆତ୍ମହତ୍ୟା କରିବା ସଂକ୍ରାନ୍ତୀୟ ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଏ । କେବଳ ସେତିକି ନୁହେଁ- ନିଶା, ହିଂସା, ବେକାରୀ, ବେରୋଜଗାରୀ ଆଦି ପାଇଁ ବି ହତ୍ୟା, ଆତ୍ମହତ୍ୟା ଆଦି ଘଟିଥାଏ । ଏଭଳି ସ୍ଥିତିରେ ରାଜ୍ୟ ଓ ରାଷ୍ଟ୍ର ଋଣ ଚାପରେ ଅଣନିଶ୍ୱାସୀ ହୋଇପଡୁଥିବା ବେଳେ ସେଥିରୁ ମୁକ୍ତି ପାଇବା ପାଇଁ ବାଟ ଖୋଜିବା ପରିବର୍ତ୍ତେ ଭୋଟ ବେପାରୀ ଓ ଭୋଟ ଭିକାରିମାନେ ଆମ ଉପରେ ଅଧିକରୁ ଅଧିକ ଋଣ ବୋଝ ଲଦି ଚାଲିଛନ୍ତି । 'ଗ୍ରାମ ସ୍ୱରାଜ' ପ୍ରତିଷ୍ଠା ହୋଇଥିଲେ ଗାଁଗୁଡ଼ିକ ହୋଇଥାନ୍ତା ସ୍ୱାବଲମ୍ବୀ । କିନ୍ତୁ ଆମେ ବିପରୀତ ଦିଗରେ ଚାଲିଛୁ । ଗୋଟିଏ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତକୁ ବେପାର କରିବାକୁ ଆସି ଆମ ଦେଶକୁ ପ୍ରାୟ ୩୦୦ ବର୍ଷ ଧରି ଲୁଟ୍ କରି ଚାଲିଲା । ଏବେ ତ ଶହଶହ ସଂଖ୍ୟାରେ ଦେଶୀ, ବିଦେଶୀ କମ୍ପାନୀ ସତେ ଯେମିତି ଆମ ଅସ୍ଥିମଜ୍ଜାକୁ ଶୋଷି ଚାଲିଛନ୍ତି । ଏପରି ବିପଜ୍ଜନକ ସ୍ଥିତିରୁ ମୁକୁଳିବା ପାଇଁ ଆମକୁ ସରଳ ସ୍ୱଦେଶୀ ସଂସ୍କୃତିକୁ ଆପଣାଇ ପ୍ରତି ଗାଁ ଓ ପ୍ରତି ଲୋକଙ୍କୁ ସ୍ୱାବଲମ୍ବୀ କରିବାକୁ ହେବ ଏବଂ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ପ୍ରଶାସନିକ ଓ ରାଷ୍ଟ୍ରୀୟ କ୍ଷେତ୍ରରେ ନିଷ୍ଠାର ସହ ମିତବ୍ୟୟିତା ଓ ସ୍ୱଚ୍ଛତାକୁ ଆପଣାଇବାକୁ ପଡ଼ିବ । ପ୍ରତି କ୍ଷେତକୁ ପାଣି ସହିତ ପ୍ରତି ହାତକୁ କାମ ଯୋଗାଇବା ସଂଗେସଂଗେ ପ୍ରାକୃତିକ ସଂପଦ ଏବଂ ପରିବେଶ ସୁରକ୍ଷା କରିବାକୁ ପଡ଼ିବ । କୃଷି, କୁଟୀରଶିଳ୍ପ, ଗ୍ରାମ୍ୟ ଶିଳ୍ପକୁ ସୁଦୃଢ଼ କରି ଖଣିଜ ଓ ଜଙ୍ଗଲଜାତ ସାମଗ୍ରୀକୁ ଚାହିଦା ମୁତାବକ ବ୍ୟବହାର କରିପାରିଲେ ବହୁ ସମସ୍ୟାର ସମାଧାନ ହୋଇପାରିବ । ନହେଲେ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଭଳି ଆମ ଋଣ ଗ୍ରସ୍ତ ଅବସ୍ଥା ଓ ବ୍ୟବସ୍ଥା ବିପନ୍ନ ହୋଇପଡ଼ିବ । ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## କୃଷିନୀତିର ନୀରବ ବୈଷମ୍ୟ

ଶଙ୍ଖସିନ୍ଧୁ ପୁରୋହିତ

ଜମି, ପାଣି, ବର୍ଷା ଓ ଚାଷୀ - ଏହି ଚାରି ସ୍ତମ୍ଭ ଉପରେ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ଠିଆ ହୋଇଛି । କିନ୍ତୁ ଏହି କୃଷି ବ୍ୟବସ୍ଥାର ଭିତରେ ଏକ ଗଭୀର ନୀରବ ବୈଷମ୍ୟ ବର୍ଷ ବର୍ଷ ଧରି ରହିଆସିଛି । ସେହି ବୈଷମ୍ୟ ହେଉଛି - ଅଣଋଣୀ ଚାଷୀଙ୍କ ପ୍ରତି ସରକାରୀ ଅବହେଳା । ବିଶେଷ ଭାବେ ସାର ଯୋଗାଣ କ୍ଷେତ୍ରରେ ଏ ଅବହେଳା ଚରମ ସୀମାରେ ପହଁଚିଛି । ଯେଉଁ ଚାଷୀ କୃଷି ସମବାୟରୁ ଋଣ ନେଇଛନ୍ତି ସେମାନଙ୍କ ପାଇଁ ସାର ଯୋଗାଣରେ ଅନେକ ସମୟ ସୁବିଧା ରହୁଥିବା ବେଳେ ଯେଉଁ ଚାଷୀ ନିଜ ସଞ୍ଚୟ, ପରିବାରର ଆୟ କିମ୍ବା ଧାରକରଜ କରି ଚାଷ କରୁଛନ୍ତି, ସେମାନେ ସାର ପାଇଁ ଦୋକାନରୁ ଦୋକାନ ବୁଲୁଛନ୍ତି । ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ; କୃଷିନୀତିର ଏକ ଗମ୍ଭୀର ସାମାଜିକ ଅସମାନତା ।

ଅଣଋଣୀ ଚାଷୀ ହେଉଛି ବ୍ୟକ୍ତି ଯିଏ କୌଣସି କାରଣରୁ ବ୍ୟାଙ୍କରୁ ଋଣ ନେଇନାହାନ୍ତି । ଅନେକଙ୍କର ଜମିର କାଗଜପତ୍ର ସଠିକ୍ ନଥାଏ । କେହି ଭାଗଚାଷୀ, କେହି ପୂର୍ବ ଋଣ ଶୁଝିବାରେ ବ୍ୟସ୍ତ । ଆଉ କେହି ବ୍ୟାଙ୍କର ଜଟିଳ ପ୍ରକ୍ରିୟାରୁ ଦୂରରେ ରହିବାକୁ ଚାହାନ୍ତି । କିନ୍ତୁ ସେମାନେ ଚାଷ କରନ୍ତି, ଖାଦ୍ୟ ଉତ୍ପାଦନ କରନ୍ତି ଓ ରାଜ୍ୟର ଖାଦ୍ୟ ସୁରକ୍ଷାରେ ସମାନ ଅବଦାନ ରଖନ୍ତି । ତେବେ କେବଳ ଋଣ ନେଇ ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବେ କାହିଁକି? ପ୍ରତିବର୍ଷ ଖରିଫ ଓ ରବି ଋତୁରେ ସାର ଅଭାବର ଖବର ଆସିଥାଏ । ଦୀର୍ଘ ଧାଡ଼ି, ଟୋକନ ବ୍ୟବସ୍ଥା, ଷ୍ଟକ୍ ଶେଷ, କୃତ୍ରିମ ସଙ୍କଟ, କଳାବଜାରି, ଅଧିକ ଦାମରେ ବିକ୍ରି - ଏସବୁ ଆଜି ଗ୍ରାମାଞ୍ଚଳର ସାଧାରଣ ଚିତ୍ର । ଠିକ୍ ସମୟରେ ସାର ନମିଳିଲେ ଫସଲର ବୃଦ୍ଧି ପ୍ରଭାବିତ ହୁଏ । କୃଷିରେ ସମୟ ହିଁ ସବୁଠାରୁ ବଡ଼ ପୁଞ୍ଜି । ଏକ ସପ୍ତାହର ବିଳମ୍ବ କେବେ କେବେ ଏକ ଋତୁର କ୍ଷତିରେ ପରିଣତ ହୁଏ ।

ଅଣଋଣୀ ଚାଷୀଙ୍କ ଯନ୍ତ୍ରଣା ଏଠିରେ ଶେଷ ହୁଏ ନାହିଁ । ଅନେକ ସମୟରେ ସାର ବଣ୍ଟନକୁ ଋଣ ଖାତା କିମ୍ବା ସମବାୟ ସମିତି ସହିତ ଯୋଡ଼ି ଦିଆଯାଏ । ଫଳରେ ଋଣ ନ ନେଇଥିବା ଚାଷୀ ନିଜ ଟଙ୍କାରେ ସାର କିଣିବାକୁ ଚାହିଁଲେ ମଧ୍ୟ ଯଥେଷ୍ଟ ପରିମାଣର ସାର ପାଆନ୍ତି ନାହିଁ । ଏହା କେବଳ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ଏହା ସମାନ ଅଧିକାରର ପ୍ରଶ୍ନ । ବାସ୍ତବରେ, ରାଜ୍ୟର ବହୁ କ୍ଷୁଦ୍ର ଓ ସୀମାନ୍ତ ଚାଷୀ ଆଜି ମଧ୍ୟ ଅନୁଷ୍ଠାନିକ ଋଣ ବ୍ୟବସ୍ଥାରୁ ବାହାରେ ଅଛନ୍ତି । ତଥାପି ସେମାନେ ନିଜ ସାମର୍ଥ୍ୟ ଅନୁଯାୟୀ ଚାଷ କରୁଛନ୍ତି । ଏମାନଙ୍କୁ ଅବହେଳା କରି କୌଣସି କୃଷିନୀତି ସଫଳ ହୋଇପାରିବ ନାହିଁ ।

ସାର ସଙ୍କଟର ମୂଳ କାରଣ କେବଳ ଉତ୍ପାଦନ ଅଭାବ ନୁହେଁ । ଯୋଜନାର ଦୁର୍ବଳତା, ଚାହିଦାର ସଠିକ୍ ଆକଳନ ନହେବା, ପରିବହନର ବିଳମ୍ବ, ଗୋଦାମ ପରିଚାଳନାର ଅବ୍ୟବସ୍ଥା ସମେତ କଳାବଜାରୀ ଏହାକୁ ଆହୁରି ଜଟିଳ କରିଥାଏ । ଅନେକ ଅଞ୍ଚଳରେ ସାର ଷ୍ଟକ୍ ଥିଲେ ମଧ୍ୟ ସଠିକ୍ ବଣ୍ଟନ ବ୍ୟବସ୍ଥା ନଥିବାରୁ ପ୍ରକୃତ ଚାଷୀ ବଞ୍ଚିତ ହୁଅନ୍ତି । କୃଷି କେବଳ ଉତ୍ପାଦନର ପ୍ରକ୍ରିୟା ନୁହେଁ; ଏହା ଗ୍ରାମୀଣ ସମାଜର ଅର୍ଥନୈତିକ ସ୍ଥିରତା, ଖାଦ୍ୟ ସୁରକ୍ଷା ଓ ସାମାଜିକ ସମ୍ମାନର ଭିତ୍ତି । ତେଣୁ ଯଦି କୌଣସି ନୀତି ଏକ ଶ୍ରେଣୀର ଚାଷୀଙ୍କୁ ସୁବିଧା ଦେଇ ଅନ୍ୟ ଶ୍ରେଣୀକୁ ବଞ୍ଚିତ କରେ, ତେବେ ସେହି ନୀତି ଦୀର୍ଘମିଆଦରେ କୃଷିର ସ୍ଥାୟୀ ବିକାଶକୁ ବାଧା ଦେବ ।

ସମାଧାନର ପଥ ଅସମ୍ଭବ ନୁହେଁ । ପ୍ରଥମତଃ, ଋଣୀ ଓ ଅଣଋଣୀ ଚାଷୀଙ୍କ ମଧ୍ୟରେ ସାର ବଣ୍ଟନରେ କୌଣସି ପ୍ରକାରର ବୈଷମ୍ୟ ରହିବା ଉଚିତ ନୁହେଁ । ଦ୍ୱିତୀୟତଃ, କୃଷକ ପଞ୍ଜୀକରଣ ଆଧାରରେ ସମସ୍ତ ପ୍ରକୃତ ଚାଷୀଙ୍କୁ ସମାନ ଭାବେ ସାର ଯୋଗାଇବାକୁ ପଡ଼ିବ । ତୃତୀୟତଃ, ପ୍ରତ୍ୟେକ ବ୍ଲକ ସ୍ତରରେ ଡିଜିଟାଲ୍ ଷ୍ଟକ୍ ମନିଟରିଂ ବ୍ୟବସ୍ଥା କରାଯିବା ଦରକାର, ଯାହାଦ୍ୱାରା କେଉଁଠି କେତେ ସାର ଉପଲବ୍ଧ ଅଛି, ଚାଷୀ ସହଜରେ ଜାଣିପାରିବେ । ଚତୁର୍ଥତଃ, କଳାବଜାରୀ ଓ ମହଜୁଦଦାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ନିୟମିତ ସାମାଜିକ ଅଡିଟ୍ କରାଯିବା ଆବଶ୍ୟକ । ଏହା ସହିତ ରାସାୟନିକ ସାର ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇ ଜୈବ ସାର, ଜୈବିକ କୃଷି ଓ ସମନ୍ୱିତ ପୋଷକ ପରିଚାଳନାକୁ ପ୍ରୋତ୍ସାହନ ଦେବା ସମୟର ଆବଶ୍ୟକତା । କୃଷକଙ୍କୁ ବିକଳ୍ପ ପ୍ରଯୁକ୍ତି ଓ ପ୍ରଶିକ୍ଷଣ ଯୋଗାଇ ଦିଆଗଲେ ସାର ଉପରେ ଚାପ ମଧ୍ୟ କମିବ ।

ବସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା - ସିଏମ କିଷାନ, ପିଏମ୍-କିଷାନ୍ କିମ୍ବା ସୁଧମୁକ୍ତ ଋଣ ସେତେବେଳେ ସାର୍ଥକ ହେବ, ଯେତେବେଳେ ମୌଳିକ କୃଷି ଉପକରଣ ସମସ୍ତ ଚାଷୀଙ୍କ ହାତରେ ସମାନ ଭାବେ ପହଞ୍ଚିବ । ନଚେତ୍ ଏହି ଯୋଜନାଗୁଡ଼ିକ କେବଳ ପରିସଂଖ୍ୟାନରେ ସୀମିତ ରହିଯିବ ।

ପ୍ରଶ୍ନ ଉଠୁଛି ଖାଦ୍ୟ ଉତ୍ପାଦନ କରୁଥିବା ଚାଷୀଙ୍କୁ କ'ଣ ଆମେ ଋଣୀ ଓ ଅଣଋଣୀ ବୋଲି ବିଭକ୍ତ କରିବା? ମାଟି କେବେ ଚାଷୀର ଋଣ ସ୍ଥିତି ପଚାରେ ନାହିଁ; ବର୍ଷା ମଧ୍ୟ କାହାକୁ ଅଲଗା କରେନାହିଁ । ତେବେ ସରକାରୀ ବ୍ୟବସ୍ଥା କାହିଁକି ଏହି ପାର୍ଥକ୍ୟ ସୃଷ୍ଟି କରିବ? ଓଡ଼ିଶାର କୃଷିର ଭବିଷ୍ୟତ ସେତେବେଳେ ସୁରକ୍ଷିତ ହେବ, ଯେତେବେଳେ ପ୍ରତ୍ୟେକ ଚାଷୀ ଋଣୀ ହେଉନ୍ତୁ କି ଅଣଋଣୀ ସମାନ ସମ୍ମାନ, ସମାନ ସୁଯୋଗ ଓ ସମାନ ଅଧିକାର ପାଇବେ । କୃଷକଙ୍କ ପରିଚୟ ତାଙ୍କର ଋଣ ନୁହେଁ, ତାଙ୍କର ଶ୍ରମ । ସେହି ଶ୍ରମର ସମ୍ମାନ ରକ୍ଷା କରିବା ହିଁ ଏକ କଲ୍ୟାଣମୂଳକ ରାଜ୍ୟର ପ୍ରକୃତ ପରିଚୟ । ଅଣଋଣୀ ଚାଷୀଙ୍କ ସାର ସମସ୍ୟା କେବଳ କୃଷିର ସମସ୍ୟା ନୁହେଁ; ଏହା ନ୍ୟାୟ, ସମାନତା ଓ ସମ୍ବେଦନଶୀଳ ଶାସନ ବ୍ୟବସ୍ଥାର ପରୀକ୍ଷା । ଏହି ପରୀକ୍ଷାରେ ରାଜ୍ୟ କେତେ ସଫଳ ହେବ, ତାହା ନିର୍ଣ୍ଣୟ କରିବ ଆଗାମୀ ଦିନର ଓଡ଼ିଶାର କୃଷି ଓ ଚାଷୀଙ୍କ ଭବିଷ୍ୟତ । ●

କୋଟସମଲାଏ(ସୁବର୍ଣ୍ଣପୁର),
ମୋ: ୭୯୭୮୨୩୮୬୦୬

## ଚୈତନ୍ୟ ମଙ୍ଗଳରେ ଶ୍ରୀଜଗନ୍ନାଥ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ସୂର୍ଯ୍ୟବଂଶରେ ଇନ୍ଦ୍ରଦ୍ୟୁମ୍ନ ନାମରେ ଜଣେ ଧର୍ମପ୍ରାଣ, ନ୍ୟାୟବନ୍ତ, ପ୍ରଜାବତ୍ସଳ ଓ ଦିଗ୍‌ବିଜୟୀ ରାଜା ଥିଲେ । ସେ ଏକ ସୁବର୍ଣ୍ଣ ମନ୍ଦିର ନିର୍ମାଣ କରି ମହାବିଷ୍ଣୁଙ୍କର ଏକ ଦିବ୍ୟବିଗ୍ରହ ପ୍ରତିଷ୍ଠା କରି ଆରାଧନା ପାଇଁ ସଙ୍କଳ୍ପ କଲେ । ମନ୍ଦିର ନିର୍ମାଣ ପରେ ବେଦବର ବ୍ରହ୍ମାଙ୍କଠାରୁ ଏକ ପୂଜାଯୋଗ୍ୟ ବିଗ୍ରହ ଆଣିବା ପାଇଁ ରାଜା ବ୍ରହ୍ମଲୋକ ଗମନ କଲେ । ସେତେବେଳେ ସନ୍ଧ୍ୟା ସମୟ ଥିଲା । ତେଣୁ ବ୍ରହ୍ମା ରାଜାଙ୍କୁ କିଛି ସମୟ ଅପେକ୍ଷା କରିବାକୁ କହି ସନ୍ଧ୍ୟା ଉପାସନା କରିବାକୁ ବସିଗଲେ । ବ୍ରହ୍ମଲୋକର ଗୋଟିଏ ମୁହୂର୍ତ୍ତ ମର୍ତ୍ତ୍ୟଲୋକର ସହସ୍ର ସହସ୍ର ବର୍ଷ ସହ ସମାନ । ଉପାସନା ସରିବା ପରେ ବ୍ରହ୍ମା ରାଜାଙ୍କୁ କହିଲେ, 'ଇତିମଧ୍ୟରେ ମର୍ତ୍ତ୍ୟମଣ୍ଡଳରେ ଅନେକ ଯୁଗ ଅତିବାହିତ ହୋଇସାରିଲାଣି । ତୁମ ଦ୍ୱାରା ନିର୍ମିତ ମନ୍ଦିର ବାଲୁକା ସ୍ତୂପ ତଳେ ବୁଡ଼ି ଅଦୃଶ୍ୟ ହୋଇଯାଇଛି । ତୁମେ ମର୍ତ୍ତ୍ୟଲୋକକୁ ଯାଇ ପ୍ରଥମେ ମନ୍ଦିରର ସନ୍ଧାନ କର । ଯଦି ସଫଳ ହେବ ମୁଁ ତୁମକୁ ପୂଜାଯୋଗ୍ୟ ବିଗ୍ରହ ପ୍ରଦାନ କରିବି ।'

ରାଜା ମର୍ତ୍ତ୍ୟଲୋକକୁ ଫେରି ନିଜର ପରିବାର ବନ୍ଧୁ ପରିଜନଙ୍କୁ ନ ପାଇ ଭଗ୍ନ ହୃଦୟରେ ବିଳାପ କରି ଅରଣ୍ୟରେ ପାଗଳପ୍ରାୟ ବୁଲିବାକୁ ଲାଗିଲେ । ସେହି ସମୟରେ ରାଜା ବିଶ୍ୱକେସନ ନାମକ ଜଣେ ଲୋକକୁ ଭେଟିଲେ । ସେ ରାଜାଙ୍କୁ ମନ୍ଦିର ବିଷୟରେ ଶୁଣିଥିବା ପୂର୍ବ ବୃତ୍ତାନ୍ତ ବର୍ଣ୍ଣନା କଲେ । ସେ ବିଷୟରେ ଅଧିକ ଖବର ଜାଣିବା ପାଇଁ ସେ ରାଜାଙ୍କୁ ଅକ୍ଷୟବଟଙ୍କ ପାଖକୁ ଯିବାକୁ ଉପଦେଶ ଦେଲେ । ରାଜା ଅକ୍ଷୟ ବଟଙ୍କ ପାଖକୁ ଯିବା ପରେ ବଟ ତାଙ୍କୁ ମାର୍କଣ୍ଡେୟ ସରୋବର ନିକଟରେ ବାସ କରୁଥିବା ଉଲ୍ଲୁକଙ୍କ ପାଖକୁ ପଠେଇ ଦେଲେ । ଉଲ୍ଲୁକ କହିଲେ- 'ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ରାଜା ଏକ ସୁବର୍ଣ୍ଣ ମନ୍ଦିର ନିର୍ମାଣ କରି ବ୍ରହ୍ମାଙ୍କଠାରୁ ବିଷ୍ଣୁଙ୍କର ଶ୍ରୀବିଗ୍ରହ ଆଣିବା ପାଇଁ ବ୍ରହ୍ମଲୋକ ଯାଇଥିଲେ ବୋଲି ମୁଁ ଶ୍ୱେତଗଙ୍ଗାର କୁର୍ମମାନଙ୍କଠାରୁ ଶୁଣିଛି । ରାଜା ବ୍ରହ୍ମଲୋକରେ ଥିବା ବେଳେ ତାଙ୍କର ବଂଶଧରମାନେ ଅନେକ କାଳ ରାଜତ୍ୱ କଲାପରେ ମହାପ୍ରଳୟରେ ପ୍ରାଣ ତ୍ୟାଗ କଲେ । ସେ ବିଷୟରେ ଅଧିକ ବିବରଣୀ କୁର୍ମମାନେ ଦେଇପାରିବେ ।'

ରାଜା ଉଲ୍ଲୁକଙ୍କ ସହ ଶ୍ୱେତଗଙ୍ଗା ତୀର୍ଥକୁ ଯାଇ କୁର୍ମମାନଙ୍କୁ ଭେଟିଲେ । କୁର୍ମମାନେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରି ସେଠାରେ ରାଜତ୍ୱ କରିବା ପାଇଁ ରାଜାଙ୍କୁ ଅନୁରୋଧ କଲେ । ଇନ୍ଦ୍ରଦ୍ୟୁମ୍ନ ଓଡ଼ିଶାର ରାଜା କୌବୀର୍ଯ୍ୟଙ୍କ କନ୍ୟା ମାଳାବତୀଙ୍କୁ ବିବାହ କଲେ । ରାଜାଙ୍କ ଔରସରୁ ମାଳାବତୀ ଚଉଦ ପୁତ୍ର ଓ ସତ୍ୟବତୀ ନାମକ ଏକ ସୁନ୍ଦରୀ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଲେ । ତା' ପରେ ରାଜା ତାଙ୍କ ଦ୍ୱାରା ନିର୍ମିତ ସୁବର୍ଣ୍ଣର୍ ମନ୍ଦିରକୁ ବାଲି ଖୋଳି ବାହାର କରିବା ପାଇଁ ଚିନ୍ତା କରି ପୁଣି ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ବେଦବର ବ୍ରହ୍ମା ପ୍ରକଟ ହୋଇ କହିଲେ, 'ରାଜା, ତୁମର ମନ୍ଦିର ଗଭୀର ବାଲୁକା ରାଶି ତଳେ ପୋତି ହୋଇଛି । ତୁମେ ତା'କୁ ଖୋଳି ବାହାର କରିବାକୁ ଚେଷ୍ଟା କଲେ ପୃଥିବୀ ରସାତଳ ଗାମୀ ହେବ । ତା' ବଦଳରେ ବିଶ୍ୱକର୍ମା ମହାପ୍ରଭୁଙ୍କ ପାଇଁ କାରୁକାର୍ଯ୍ୟ ଖଚିତ ଏକ ପଥରର ମନ୍ଦିର ନିର୍ମାଣ କରିଦେବେ । ଦ୍ୱାପର ଯୁଗରେ ଭଗବାନ କୃଷ୍ଣ ଯେଉଁ ଦିବ୍ୟନିମ ଗଛ ମୂଳରେ ଶରୀର ତ୍ୟାଗ କରିଥିଲେ, ସେହି ବୃକ୍ଷ ଦାରୁରୂପେ ସମୁଦ୍ରରେ ଭାସି ଭାସି ଆସି ମହୋଦଧି କୂଳରେ ଲାଗିବେ । ସେ ଦିବ୍ୟ ଦାରୁ ତୁମକୁ ବୈଶାଖ ମାସ ପୂର୍ଣ୍ଣମା ତିଥିରେ ପ୍ରାପ୍ତ ହେବେ । ତୁମେ ସେହି ଦାରୁରେ ଚତୁର୍ଦ୍ଧାବିଗ୍ରହ ନିର୍ମାଣ କରି ସେହି ମନ୍ଦିରରେ ଆରାଧନା କରିବ ।'

ବ୍ରହ୍ମାଙ୍କ ଆଦେଶରେ ବିଶ୍ୱକର୍ମା କାରୁକାର୍ଯ୍ୟ ବିମଣ୍ଡିତ ଏକ ବିଶାଳ ମନ୍ଦିର ନିର୍ମାଣ କଲେ । ବ୍ରହ୍ମାଙ୍କ କଥାନୁସାରେ ମହୋଦଧିରେ ଭାସି ଆସିଥିବା ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କଲେ । ମନ୍ଦିରରେ ପ୍ରତିଷ୍ଠା ହେବା ପରେ ମହାପ୍ରଭୁ ରାଜାଙ୍କ ଉପରେ ପ୍ରସନ୍ନ ହୋଇ ବର ମାଗିବା ପାଇଁ ଆଦେଶ ଦେଲେ । ରାଜା ଯୋଡ଼ହସ୍ତ ହୋଇ ନିବେଦନ କଲେ, 'ମହାପ୍ରଭୁ, ସତ୍ୟବତୀ ନାମରେ ମୋର ଗୋଟିଏ ରୂପବତୀ ଗୁଣବତୀ କନ୍ୟା ଅଛି । ତା' ପାଇଁ ଆପଣଙ୍କଠାରୁ ଅଧିକ ଉପଯୁକ୍ତ ବର ମୁଁ ସଂସାରରେ ପାଇବି ନାହିଁ । ତା'ର ପାଣିଗ୍ରହଣ କରି ମୋତେ କୃତାର୍ଥ କରିବା ହୁଅନ୍ତୁ ।' ସେ ଦିନ ଥିଲା ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥି । ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ପଟୁଆରରେ ବିବାହ ପାଇଁ ଯାଇ ପହଞ୍ଚିଲେ । ବିବାହ ସମ୍ପନ୍ନ ହେଲା । ପ୍ରଭୁ ଭାଇଭଉଣୀଙ୍କ ସହ ସାତ ଦିନ ଅବସ୍ଥାନ ପରେ ଶ୍ରୀମନ୍ଦିର ଫେରିବାକୁ ବାହାରିବା ବେଳେ ଦେବୀ ସତ୍ୟବତୀ ପ୍ରାର୍ଥନା କଲେ, 'ସ୍ୱାମୀ! ପ୍ରତିବର୍ଷ ଆପଣ ଆମର ବିବାହ ବାର୍ଷିକୀ ପାଳନ କରିବା ପାଇଁ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଆମ ମନ୍ଦିର (ଗୁଣ୍ଡିଚା ମନ୍ଦିର)କୁ ଆସିବେ । ଏଠାରେ ସାତଦିନର ଅବସ୍ଥାନ ପରେ ପୁଣି ଶ୍ରୀମନ୍ଦିର ବାହୁଡ଼ି ଯିବେ ।' ମହାପ୍ରଭୁ ସତ୍ୟବତୀଙ୍କୁ ଦେଇଥିବା କଥା ରକ୍ଷା କରି ସବୁବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଭାଇଭଉଣୀଙ୍କ ସହ ତିନି ରଥାରୋହଣ କରି ସାତଦିନ ସତ୍ୟବତୀଙ୍କ ସହ ରହିବା ପାଇଁ ଗୁଣ୍ଡିଚା ମନ୍ଦିରକୁ ଆସୁଛନ୍ତି । ଏହି ଯାତ୍ରା 'ରଥ ଯାତ୍ରା' ନାମରେ ବିଶ୍ୱବିଖ୍ୟାତ ହୋଇଛି । ● *(ଆଧାର: ବଙ୍ଗଳା ଭାଷାରେ ଶ୍ରୀଜୟାନନ୍ଦଙ୍କ ଲିଖିତ 'ଚୈତନ୍ୟ ମଙ୍ଗଳ' । ସୌଜନ୍ୟ: ଡ: ପୂର୍ଣ୍ଣଚନ୍ଦ୍ର ମିଶ୍ର- ପୌରୁଷ- ଡିସେମ୍ବର-୨୦୨୫)*

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଓଡ଼ିଶାରେ...

ସକାଳ ସୁଦ୍ଧା ଏଠାରେ ଜଳସ୍ତର ୧୯.୪୫ ମିଟର ରହିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ଆକଳନ କରିଛି। ସେହିପରି ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ୩୮.୩୬ ମିଟର ରହିଥିବା ବେଳେ ଏବେ ଏଠାରେ ଜଳସ୍ତର ୩୯.୩୭ ମିଟର ଅର୍ଥାତ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହା ବ୍ୟତୀତ ଜଳକା ନଦୀ ମଥାନୀଠାରେ ବିପଦ ସଙ୍କେତ ୬.୫ ମିଟର ରହିଥିବା ବେଳେ ଏଠାରେ ବର୍ତ୍ତମାନ ଜଳସ୍ତର ୬.୬ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଅନ୍ୟପଟେ ବୁଢ଼ାବଳଙ୍ଗ ନଦୀ ମଧ୍ୟ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗ ଗୋପିନ୍ଦପୁର ନିକଟରେ ସତର୍କ ସଙ୍କେତ ୭.୨୧ ମିଟର ରହିଥିବା ବେଳେ ଏଠାରେ ଏବେ ୮.୪ ମିଟର ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ରାଜ୍ୟର ଏହି ପ୍ରମୁଖ ୩ ନଦୀରେ ବନ୍ୟା ଆସିବା ହେତୁ ଉତ୍ତର ଓଡ଼ିଶା ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାପାଇଁ ୩ ଜଣ ବରିଷ୍ଠ ଆଇଏଏସ୍‌ଙ୍କୁ ବନ୍ୟା ପରିଚାଳନା ପାଇଁ ରାଜ୍ୟ ସରକାର ଦାୟିତ୍ୱ ଦେଇଛନ୍ତି। ଏହି ୩ ଜିଲ୍ଲା ବ୍ୟତୀତ କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ଏପରିସ୍ଥିତିରେ ରାଜ୍ୟର ୮ ଜିଲ୍ଲା ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼ ଓ ବରଗଡ଼ରେ ଶିକ୍ଷାନୁଷ୍ଠାନ ବୁଧବାର ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି।

ଅନ୍ୟପଟେ ଆଗକୁ ମହାନଦୀରେ ମଧ୍ୟ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ଏବେ ନରାଜଠାରେ ମହାନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୨.୪୧ ମିଟର ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୨୬.୦୮ ମିଟର ରହିଛି। ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୯୨.୦୨ ମିଟର ରହିଥିବା ବେଳେ ଏବେ ଏଠାରେ ୧୮୭.୨୫ ମିଟର ଜଳ ରହିଛି। ଆଗକୁ ମହାନଦୀର ଉପର ମୁଣ୍ଡ ଅର୍ଥାତ ଛତିଶଗଡ଼ ପଟୁ ପ୍ରବଳ ଜଳ ପ୍ରବେଶ କରିବାର ଆଶଙ୍କା ରହିଥିବାରୁ ହୀରାକୁଦରେ ଅଧିକ ଗେଟ ଖୋଲିବା ଆଶଙ୍କା କରାଯାଉଛି। ଫଳତଃ ମହାନଦୀରେ ଜଳସ୍ତର ବଢ଼ିବ ଓ ମଧ୍ୟମ ଧରଣର ବନ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ।

### ଅଗଷ୍ଟ ୫ରେ...

ରାଜ୍ୟରେ ପୁଣି ବର୍ଷାର ପରିମାଣ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏହି ଲଘୁଚାପ ପ୍ରଭାବରେ ପୁଣି ରାଜ୍ୟର ଅଧିକାଂଶ ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ର କହିଛି, ଗତ ୩୬ ଘଣ୍ଟାରେ ବାଲେଶ୍ୱରରେ ସର୍ବାଧିକ ୨୫୮ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭଦ୍ରକରେ ୧୫୨, ସମ୍ବଲପୁର ୧୫୬, ବାରିପଦାରେ ୧୩୬, ଦେବଗଡ଼ରେ ୧୩୨, ପାରାଦୀପରେ ୮୦ ଓ ଚାନ୍ଦବାଲିରେ ୬୪ ମିମି ବର୍ଷା ରେକର୍ଡ କରାଯାଇଛି। ବୁଧବାରଠାରୁ ରାଜ୍ୟରେ ଅପେକ୍ଷାକୃତ ବର୍ଷାର ପରିମାଣ ହ୍ରାସ ପାଇବ। ହେଲେ କିଛି କିଛି ଜିଲ୍ଲାରେ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ବୁଧବାର ବରଗଡ଼ରେ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ମଧ୍ୟ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

### ୩ ଜିଲ୍ଲା ପାଇଁ...

ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ଥିବାବେଳେ ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଭଦ୍ରକ ଜିଲ୍ଲା ନିମନ୍ତେ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଜିଲ୍ଲା ନିମନ୍ତେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଯାଜପୁର ଜିଲ୍ଲା ନିମନ୍ତେ ପି. ଅନ୍ୱେଷା ରେଡୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି। ପୁଲିସ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ ସହ ଶିଶୁ ଏବଂ ମହିଳାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ପୁଲିସ ନିୟୋଜିତ ହୋଇଛନ୍ତି। ଆଶ୍ରୟସ୍ଥଳୀ ମାନଙ୍କରେ ସାଧରଣଲୋକଙ୍କୁ ରନ୍ଧାଖାଦ୍ୟ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟ ବିଭାଗ, ପଶୁସମ୍ପଦ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଥିବାବେଳେ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ମହଜୁଦ ରଖାଯାଇଛି। ସର୍ପାଘାତକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଔଷଧ ଏବଂ ଇଞ୍ଜେକସନ୍ ମହଜୁଦ ରହିଛି। ସେହିପରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବାସଗୃହ ଅଥବା ଚାଷଜମି ନିମନ୍ତେ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ୍ ଡିଜି ୱାଇ ବି ଖୁରାନିଆ, ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

### ପ୍ରଶ୍ନପତ୍ର ଲିକ୍...

୪୪ ଜଣଙ୍କୁ ଜାମିନ ମିଳିସାରିଛି। କେବଳ ବିଲ୍ ଆଣିଲେ ହେବନାହିଁ, ସରକାର ଶିକ୍ଷା ସଂସ୍କାରକୁ ଗୁରୁତ୍ୱ ଦେଲେ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ। ଏହି ଅବସରରେ ସେ କହିଥିଲେ ଯେ ଚଳିତ ବର୍ଷ ନିଟ୍ ପରୀକ୍ଷା ବିଭ୍ରାଟ ଯୋଗୁଁ ୨୧ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଏମାନଙ୍କ ମୃତ୍ୟୁ ପାଇଁ ଯିଏ ଦାୟୀ, ତାଙ୍କୁ ସରକାରୀ ସାଂସଦ ସମ୍ବର୍ଦ୍ଧନା ଦେଉଛନ୍ତି ବୋଲି ସେ କହିଥିଲେ। ସେ ଆହୁରି କହିଲେ ଯେ ନିଟ୍ ବିଭ୍ରାଟ ପରିପ୍ରେକ୍ଷୀରେ ମନ୍ତ୍ରୀ ଇସ୍ତଫା ଦେଲେ ଏବଂ ଶିକ୍ଷା ସଚିବ ବିଦା ହେଲେ। ତେବେ ବିବାଦ ସତ୍ତ୍ୱେ ନିଟ୍ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଏନ୍‌ଟିଏ ଅଧ୍ୟକ୍ଷଙ୍କୁ ସରକାର କାହିଁକି ହଟାଇ ନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ବିଜେପିର ସହଯୋଗୀ ଦଳ ତେଲୁଗୁ ଦେଶମ ଏବଂ ଶିବ ସେନାର ସାଂସଦମାନେ ନିଟ୍ ପରୀକ୍ଷା ବର୍ଷକୁ ଦୁଇଥର କରିବା ପାଇଁ ଦାବି କରିଥିଲେ। ଡିଏମକେ ସାଂସଦ ଦୟାନିଧି ମାରନ କହିଥିଲେ ଯେ ନିଟ୍ ପରୀକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଉ। ସେ କହିଲେ ଯେ ଏହି ବ୍ୟବସ୍ଥା ଆରମ୍ଭ ହେବା ଦିନ ଠାରୁ ତାମିଲନାଡୁ ଏହାର ବିରୋଧ କରି ଆସୁଛି। କିନ୍ତୁ ସରକାର କର୍ଣ୍ଣପାତ କରୁ ନାହାନ୍ତି।

ଅନ୍ୟପକ୍ଷରେ ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଲେ ଯେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ଏବଂ ପ୍ରଚଳିତ ଆଇନକୁ ଆହୁରି ମଜବୁତ କରିବା ଲାଗି ଏହି ବିଲ୍ ଆଗତ କରାଯାଇଛି। କେବଳ କେନ୍ଦ୍ରୀୟ ସଂସ୍ଥାରେ ନୁହେଁ, ବିଭିନ୍ନ ଦଳ ଦ୍ୱାରା ଶାସିତ ରାଜ୍ୟମାନଙ୍କରେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହେଉଛି। ତେଣୁ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଲାଗି ଦଣ୍ଡ ବ୍ୟବସ୍ଥାକୁ ଆହୁରି କଠୋର କରାଯାଇଛି। ଏକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି ଏବଂ ଏହାସହିତ କୌଣସି ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ପ୍ରଶ୍ନପତ୍ର ଲିକ।। ମାମଲାରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

### ସିଜେପିର ପୁଣି ଆନ୍ଦୋଳନ...

ପ୍ରତ୍ୟାହାର ପାଇଁ କେନ୍ଦ୍ର ଯେଉଁ ପ୍ରତିଶ୍ରୁତି ଦେଇଥିଲା ଆଜିର ଶୁଣାଣି ବେଳେ କେନ୍ଦ୍ର କାହିଁକି କୋର୍ଟଙ୍କୁ ଜଣାଇଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଆନ୍ଦୋଳନ ପ୍ରତ୍ୟାହାର ବେଳେ ସରକାର ଯାହାସବୁ ପ୍ରତିଶ୍ରୁତି ଦେଇଥିଲେ, ତାହାର ତୁରନ୍ତ ପାଳନ କରନ୍ତୁ। ଆଜି ସକାଳେ ସିଜେପି ପକ୍ଷରୁ କୁହାଯାଇଥିଲା ଯେ ଗତକାଲିର ଧମକ ପରେ ସରକାର ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିବା ଏବଂ ଗିରଫ ହୋଇଥିବା ପ୍ରତିବାଦକାରୀଙ୍କୁ ମୁକ୍ତ କରିବାକୁ ଲିଖିତ ଆକାରରେ ଜଣାଇଛନ୍ତି। ଭବିଷ୍ୟତରେ ଆନ୍ଦୋଳନକାରୀଙ୍କ ବିରୋଧରେ କୌଣସି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ମଧ୍ୟ ଜଣାଇଥିଲେ। ତେବେ ସୁପ୍ରିମ କୋର୍ଟ ଆଦେଶ ଆସିଲା ପରେ ପରିସ୍ଥିତି ବଦଳିଯାଇଛି। ଦାସ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ଲାଗି ସୁପ୍ରିମ କୋର୍ଟଙ୍କ ଆଦେଶ ସ୍ୱାଗତଯୋଗ୍ୟ। କିନ୍ତୁ ଏଫଆଇଆର ସଂକ୍ରାନ୍ତ ଆଦେଶକୁ ବିଜେପି ଶାସିତ ରାଜ୍ୟ ଅସ୍ତ୍ର ରୂପେ ବ୍ୟବହାର କରିବାର ଭୟ ରହିଛି।

ସୂଚନାଯୋଗ୍ୟ ଯେ ଆନ୍ଦୋଳନ ସମୟରେ ଗିରଫ କିମ୍ବା ଅଟକ ରଖାଯାଇଥିବା ୧୮ ବର୍ଷରୁ କମ୍ ବୟସର ସମସ୍ତ ଛାତ୍ରଛାତ୍ରୀ ଏବଂ ଯେଉଁମାନଙ୍କର କୌଣସି ପୂର୍ବ ଆପରାଧିକ ରେକର୍ଡ ନାହିଁ, ସେମାନଙ୍କୁ ତୁରନ୍ତ ଛାଡିବା ପାଇଁ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ଆଧାରରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ତେବେ ଏହି ସୁରକ୍ଷା ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି କୋର୍ଟ କହିଛନ୍ତି। ଏହାସହ ଆନ୍ଦୋଳନ ଦମନ ପାଇଁ ପୁଲିସ ପକ୍ଷରୁ ପେଲେଟ୍ ଗନ୍ ଏବଂ ଲୁହା କଣ୍ଟା ଲଗା ବାଡ଼ି ବ୍ୟବହାର କରାଯାଇଥିବା ଅଭିଯୋଗକୁ କୋର୍ଟ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଗଣତନ୍ତ୍ରରେ ବିକ୍ଷୋଭ ପ୍ରଦର୍ଶନ ଏକ ଅଧିକାର ହୋଇଥିବାରୁ, ଆନ୍ଦୋଳନ ପରିଚାଳନା ପାଇଁ ଏକ ନୂତନ ୟୁନିଫର୍ମ ପ୍ରୋଟୋକଲ୍‌ର ଆବଶ୍ୟକତା ରହିଛି ବୋଲି ପ୍ରଧାନ ବିଚାରପତି ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଆନ୍ଦୋଳନ ସମୟର ସିସିଟିଭି, ଡ୍ରୋନ୍ ଫୁଟେଜ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ତଥ୍ୟ ସୁରକ୍ଷିତ ରଖିବାକୁ କୋର୍ଟ କଡା ନିର୍ଦ୍ଦେଶ ଦେବା ସହ ଆନ୍ଦୋଳନକାରୀଙ୍କ ବ୍ୟକ୍ତିଗତ ତଥ୍ୟ ସର୍ବସାଧାରଣରେ ପ୍ରକାଶ ନକରିବାକୁ କଡ଼ା ଚେତାବନୀ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୩ରେ ହେବ ବୋଲି ସୂଚନା ମିଳିଛି।

### ସମ୍ବଲପୁରରେ ନାହିଁ...

ବାଲେଶ୍ୱରରେ ଏକ ସାଟେଲାଇଟ୍ କେନ୍ଦ୍ର ମଧ୍ୟ ରହିଛି। କିନ୍ତୁ ବର୍ତ୍ତମାନ ଓଡ଼ିଶାରେ ଆଉ ଏକ ନୂଆ ଏମ୍ସ ସ୍ଥାପନର କୌଣସି ଯୋଜନା ନାହିଁ। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ଚଗଇଇଐଓଗ) ଅଧୀନରେ ଏମ୍ସ ଭୁବନେଶ୍ୱରରେ ୧୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ୍ କେୟାର ହସ୍ପିଟାଲ ବ୍ଲକ୍ ସ୍ଥାପନ କରାଯାଉଛି, ଯାହା ଜଟିଳ ରୋଗୀଙ୍କ ଚିକିତ୍ସା କ୍ଷମତାକୁ ବହୁଗୁଣ ବୃଦ୍ଧି କରିବ। ମାନସିକ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ତୃତୀୟକ ସେବା ଅଂଶ ଅଧୀନରେ ଜନବଳ ବିକାଶ ସହାୟତା ଦିଆଯାଉଛି। ଏହାଛଡ଼ା କଟକର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ରାଜ୍ୟ କ୍ୟାନ୍ସର ଇନଷ୍ଟିଚ୍ୟୁଟ୍ ଭାବେ ଅନୁମୋଦନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ଉନ୍ନତ ଚିକିତ୍ସା ସେବା, ଜରୁରୀକାଳୀନ ଚିକିତ୍ସା, କ୍ୟାନ୍ସର ଚିକିତ୍ସା ଓ ସୁପର ସ୍ପେଶାଲିଟି ସେବାର ମାନ ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ବିଚାରାଧୀନ ରହିଛି...

ବିଚାର ଶେଷ କରିବାକୁ ଅନୁରୋଧ କରିଛନ୍ତି। ଜିଲ୍ଲା ଓ ଅଧସ୍ତନ ଅଦାଲତ, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ସମେତ, ବିଚାରପତି ଓ କର୍ମଚାରୀଙ୍କ ନିଯୁକ୍ତି ରାଜ୍ୟ ସରକାର ଏବଂ ସମ୍ପୃକ୍ତ ହାଇକୋର୍ଟର ଦାୟିତ୍ୱ। ସେହିପରି ଅଦାଲତର ଭିତ୍ତିଭୂମି ବିକାଶର ପ୍ରାଥମିକ ଦାୟିତ୍ୱ ମଧ୍ୟ ରାଜ୍ୟ ସରକାରଙ୍କର। ୧୫ତମ ଅର୍ଥ କମିଶନ ଅବଧିରେ ଏହି ଯୋଜନା ପାଇଁ ରାଜ୍ୟଗୁଡ଼ିକୁ ମୋଟ ୪,୫୧୯.୪୭ କୋଟି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି।

## ମଦ ଦୋକାନ ପାଇଁ ଅଗ୍ନି ନିରାପତ୍ତା ଏନ୍‌ଓସି ରଦ୍ଦ

କଟକ,୨୮।୭(ସମିସ): ମଦ ଦୋକାନ ପାଇଁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ବା ଅଗ୍ନି ନିରାପତ୍ତା ଏନଓସି ଜମା କରିବା ବାଧ୍ୟତାମୂଳକ କରି ଅବକାରୀ କମିସନର ଜାରି କରିଥିବା ଚିଠି ଓ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏସ.ସନାମଖି ରାଓଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ, ଜଣେ ଦାୟିତ୍ୱବାନ୍ ନାଗରିକ ଭାବେ ଅଗ୍ନିକାଣ୍ଡ ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଦୋକାନଗୁଡ଼ିକରେ 'ଅଗ୍ନିଶମ ନିର୍ବାପକ ଉପକରଣ' ରଖିବା ଓ ତାହାର ନିୟମିତ ଯାଞ୍ଚ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଆଇନ କିମ୍ବା ନିୟମାବଳୀରେ ନ ଥିବା କୌଣସି କଥାକୁ କାର୍ଯ୍ୟକାରୀ କରିବା ପାଇଁ କୋର୍ଟ କୌଣସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ। ୨୦୧୯ ଅଗ୍ନିଶମ ସଂଶୋଧନ ନିୟମ ଅନୁସାରେ, ୧୨ ମିଟରରୁ ଅଧିକ ଉଚ୍ଚତା କିମ୍ବା ୫୦୦ ବର୍ଗମିଟରରୁ ଅଧିକ ପରିସର ଥିବା କୋଠା/ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ହିଁ ଅଗ୍ନିନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ। ଯେଉଁ ନିର୍ଦ୍ଦିଷ୍ଟ ଶ୍ରେଣୀର କୋଠା ନିୟମ ଭିତରେ ଆସୁନାହିଁ, ସେମାନଙ୍କୁ ଆଇନ ବାହାରକୁ ଯାଇ ସାର୍ଟିଫିକେଟ୍ ମାଗିବା ବେଆଇନ। ସେହିଭଳି ଅବକାରୀ ଆଇନ କିମ୍ବା ନିୟମାବଳୀରେ ସମସ୍ତ ଦୋକାନ ପାଇଁ ଏଭଳି ଏନଓସି ବାଧ୍ୟତାମୂଳକ କରିବାର କୌଣସି ପ୍ରାବଧାନ ନାହିଁ। ତେଣୁ ଅବକାରୀ କମିସନରଙ୍କ ଏହି ନିର୍ଦ୍ଦେଶନାମା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ମାମଲାରୁ ପ୍ରକାଶ ଯେ ରାଜ୍ୟ ଅବକାରୀ କମିସନରଙ୍କ ପକ୍ଷରୁ ସମସ୍ତ ଅବକାରୀ ଡେପୁଟି କମିସନର ଓ ଅଧୀକ୍ଷକଙ୍କୁ ଚିଠି ଲେଖି ସେମାନଙ୍କ ଅଧୀନରେ ଥିବା ସମସ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନଗୁଡ଼ିକୁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


24001/330/2627

ଓଡ଼ିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

No RDM-LAA-MBJ-0006-2025-15302 R&DM, Dated:10.04.2026

[illegible] (RFCTLAR & R Act, 2013 ) [illegible]

[illegible] (RFCTLAR & R Act, 2013) [illegible]

[illegible]

ତଫସିଲ- କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ରାସଗୋବିନ୍ଦପୁର

| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ତଫସିଲ- ଖ

[illegible]

ଜିଲ୍ଲା:- ମୟୂରଭଞ୍ଜ — ତହସିଲ: - ରାସଗୋବିନ୍ଦପୁର

| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| [illegible] | | | | | | | |

[illegible]

[illegible]

| [illegible] | [illegible] | [illegible] | [illegible] | [illegible] | [illegible] |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| [illegible] | [illegible] | [illegible] | [illegible] | [illegible] | [illegible] |

[illegible]

OIPR-24001/24001/3/26-27/0102

**ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଶେଷକୃତ୍ୟ ସମ୍ପନ୍ନ**

# ଅନ୍ତିମ ଶୋଭାଯାତ୍ରାରେ ଅସମ୍ଭାଳ ଜନସମାଗମ





ସୋହେଲା,୨୮।୭(ସମିସ)

ଲୋକପ୍ରିୟ ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ଆଜି ଏକ ଶୋକାକୁଳ ପରିବେଶରେ ହଜାର ହଜାର ସମର୍ଥକ ତାଙ୍କ ପ୍ରିୟ ନେତାଙ୍କୁ ଅନ୍ତିମ ବିଦାୟ ଦେଇଛନ୍ତି। ଗତକାଲି ସନ୍ଧ୍ୟାରେ ତାଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ସୋହେଲା ପହଞ୍ଚିବା ପରେ ସୋହେଲା ନିକଟସ୍ଥ ହଳଦୀପାଲି ସ୍ଥିତ ବିଜେଡି ଅଫିସରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ଲଗାତର ବର୍ଷା ସତ୍ତ୍ୱେ ଜିଲ୍ଲା ଓ ଜିଲ୍ଲା ବାହାରୁ ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଅନ୍ତିମ ଦର୍ଶନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷାରାଣୀ ସିଂ ବରିହା, ଦେବଗଡ଼ ବିଧାୟକ ରୋମାଞ୍ଚ ରଂଜନ ବିଶ୍ୱାଳ, ପୂର୍ବତନ ସାଂସଦ ନିରଞ୍ଜନ ବିଶି, ଡ଼ ପ୍ରଭାସ ସିଂ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରିତା ସାହୁ, ରୋହିତ ପୂଝରୀ, ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବବି ଦାସ, ବରଗଡ ପୂର୍ବତନ ବିଧାୟକ ସାଧୁ ନେପାକ, ଦେବେଶ ଆଚାର୍ଯ୍ୟ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ, ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ ମେହେର,



ଦେବଗଡ଼ ରାଣୀ ଅରୁନ୍ଧତୀ ଦେବୀ, କୁଚିଣ୍ଡା ପୂର୍ବତନ ବିଧାୟକ କିଶୋର ନାଏକ, ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ନଗରପାଳିକା ଅଧ୍ୟକ୍ଷା କଳ୍ପନା ମାଝୀ, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ବିଜେପୁର ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ଡନସେନା, ଆଗଲପୁର ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାସ, ଜିଲ୍ଲା ପରିଷଦ ସଦସ୍ୟ ନୀଳ କୁମାରୀ ନାୟକ, ରୋଜି ନାୟକ, ବିଜେପୁର ଏନ୍‌ଏସି ଅଧ୍ୟକ୍ଷା ସୀତା ବାରିକ, ପୂର୍ବତନ ସୋହେଲା ବ୍ଲକ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ, ଜୀବର୍ଦ୍ଧନ ବରିହା, ସୁବ୍ରତ ବେହେରା, ବରଗଡ଼ ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ, ପଦ୍ମପୁର ଉପ ଜିଲ୍ଲାପାଳ ହେମସାଗର ଭୋଇ, ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକ, ବରଗଡ଼ ଜିଲ୍ଲା ସାମ୍ବାଦିକ ସଙ୍ଘ, ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଙ୍ଘ, ସୋହେଲା ବ୍ଲକ ଅଙ୍ଗନବାଡି କର୍ମୀ ସଙ୍ଘ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

ହଜାର ହଜାର ଲୋକଙ୍କ ଉପସ୍ଥିତିରେ ବ୍ୟାଣ୍ଡ ବାଜା ସହିତ ଏକ ସୁସଜ୍ଜିତ ଗାଡିରେ ତାଙ୍କ ପାର୍ଥିବ ଶରୀରକୁ ରଖାଯାଇ ନେତା, କର୍ମୀ, ସାଧାରଣ ଜନତା ଏକ ଶୋଭାଯାତ୍ରାରେ ହଳଦିପାଲିରୁ ବାହାରି ତାଙ୍କ ପୈତୃକ ଗ୍ରାମ ବାଉଁସେନମୁରାକୁ ନିଆଯାଇଥିଲା। ସୁଶାନ୍ତ ସିଂହଙ୍କ ଦେହାବସାନରେ ଶୋକ ପ୍ରକାଶ କରାଯାଇ ସୋହେଲାର ସମସ୍ତ ଦୋକାନ ବଜାର ଏବଂ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ନିଜ ପ୍ରିୟ ନେତାଙ୍କ ଶେଷ ଦର୍ଶନ ପାଇଁ ଲୋକେ ଜାତୀୟ ରାଜପଥ ପାର୍ଶ୍ୱରେ ରହି ସୁଶାନ୍ତ ସିଂହଙ୍କ ଅନ୍ତିମ ବିଦାୟ ଦେଇଥିଲେ। ଶୋଭାଯାତ୍ରା ସୋହେଲା ଥାନା ଛକ, ଗାନ୍ଧୀ ଛକ, ବଞ୍ଜାରୀ ଛକ, ଢ଼ିପାପଡା ଓ ଧୂସରବାହାଲ ଗ୍ରାମ ଦେଇ ତାଙ୍କ ପୈତୃକ ଗ୍ରାମକୁ ପହଞ୍ଚିଥିଲେ। ସେଠାରେ ତାଙ୍କ ପୁରୁଣା ବାସଭବନରେ ପାର୍ଥିକ ଶରୀରକୁ କିଛି ସମୟ ରଖାଯିବା ପରେ ଗ୍ରାମରୁ ଏକ କିଲୋମିଟର ଦୂର ଏକ ପଡ଼ିଆକୁ ଅଣାଯାଇ ପୂଜକମାନଙ୍କ ଦ୍ୱାରା ପୂଜାପାଠ ପରେ ଅନ୍ତିମ ସଂସ୍କାର କରାଯାଇଥିଲା ତାଙ୍କ ମଝିଆ ଭାଇ ସୁଦୀପ୍ତ ସିଂ ମୁଖାଗ୍ନି ଦେଇଥିବା ବେଳେ ଛୋଟ ଭାଇ ସୁବ୍ରତ ସିଂ ଉପସ୍ଥିତ ଥିଲେ। ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କ ଉପସ୍ଥିତିରେ (ଆର୍ମଡ଼) ଏଏସ୍‌ଆଇ ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ଶୋଭାଯାତ୍ରାରେ ବିଜେଡିର ବହୁ ବରିଷ୍ଠ ନେତାଙ୍କ ସମେତ ପଡୋଶୀ ଛତିଶଗଡ ରାଜ୍ୟ ସାରଙ୍ଗଡ ବିଧାୟିକା ଉତ୍ତରୀଗଣପତ ଜାଙ୍ଗଡେ, ବରିଷ୍ଠ ନେତା ଗଣତନ୍ତ୍ର ପଧାନ, ସୁଶାନ୍ତ ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, କୁନାଲ ସି ବରିହା, ଗିରିରାଜ ସିଂ ମାଝୀ, ଗୌରହରି ମିଶ୍ର, ସରୋଜ ମହାପାତ୍ର, କାର୍ତ୍ତିକ ବାରିକ,ଗୋବିନ୍ଦ ପଧାନ, ଅଶ୍ୱିନୀ ତ୍ରିପାଠୀ , ଦେବେନ୍ଦ୍ର ପାତ୍ର, ମନ ମାଝୀ, ଅଶୋକ ବାରିକ ଅନୀଲ ପଧାନ, ଦୁଃଖୁ ଠାକୁର, ଇମ୍ରାନ ଭୋପଳା, କିଶୋର ଦେବତା,ଜୟକୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ, ପ୍ରମୁଖ ସାମିଲ ଥିଲେ।

**ପ୍ରବଳ ବର୍ଷା ଆଶଙ୍କା**

## ଆଜି ବରଗଡ଼ ଜିଲ୍ଲାର ସମସ୍ତ ସ୍କୁଲ ଛୁଟି

ବରଗଡ଼,୨୮।୭(ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବରଗଡ଼ ଜିଲ୍ଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ 'ରେଡ୍ ୱାର୍ଣ୍ଣିଂ' ଜାରି କରାଯାଇଥିବାରୁ ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୯ ଜୁଲାଇ (ବୁଧବାର) ବରଗଡ଼ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୂଏଁଙ୍କ ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଆଦେଶରେ କୁହାଯାଇଛି ଯେ, ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଭାବକମାନଙ୍କୁ ପାଣିପାଗ ସତର୍କବାଣୀକୁ ଗୁରୁତ୍ୱ ଦେବା ସହ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବା ଏବଂ ପିଲାମାନଙ୍କ ସୁରକ୍ଷା ପ୍ରତି ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

ଭେଡେନ,୨୮।୭(ସମିସ): ଭେଡେନ ବ୍ଲକ ସ୍ଥିତ ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି



ଯୋଜନାର ଆର୍ଥିକ ବର୍ଷ ୨୦୨୬-୨୭ ପ୍ରଥମାର୍ଦ୍ଧ ଓ ସମଗ୍ର ଶିକ୍ଷା ଅଭିଯାନ ମଧ୍ୟରେ ସମ୍ପାଦିତ ହୋଇଥିବା କାର୍ଯ୍ୟ ଗୁଡିକ ବାବଦକୁ ଜନଶୁଣାଣି ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦେବାଶିଷ ସିହ୍ନା, ଡିଏସଏ ଆନନ୍ଦ ପଧାନ, ବିଇଓ ମଛିନ୍ଦ୍ର ମଲ୍ଲିକ, ଏଇଇ ସୁନିଲ କୁମାର ପୁଷ୍ଟି ପ୍ରମୁଖ ଯୋଗଦାନ କରିଥିଲେ। ବିଡ଼ିଓ ଦେବାଶିଷ ସିହ୍ନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଡ଼ିଏସଏ ଆନନ୍ଦ ପଧାନ ସମସ୍ତ ସମସ୍ୟା ଗୁଡିକର ବିବରଣୀ ପଠନ କରିଥିଲେ। ଆର୍ଥିକ ବର୍ଷ ପ୍ରଥମାର୍ଦ୍ଧରେ ମୋଟ ୪୫୮ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୨୧୦ଟି ସମ୍ପୂର୍ଣ୍ଣ ହୋଇଛି ତଥା ୮୫ହଜାର ୨୭୪ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ୨୪୩ କୋଟି ୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ଅନୁଷ୍ଠିତ ସଭାରେ ଭେଡେନ ବ୍ଲକ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା,ସମସ୍ତ ଜେଇ, ପିଇଓଙ୍କ ସମେତ ବ୍ଲକର ୪୩ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠି, ଶ୍ରମିକ ମାନେ ଯୋଗଦାନ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ସୁନିଲ ଦାସ, ଏପିଓ ଶିବନାରାୟନ ରାଉତ ସହଯୋଗ କରିଥିଲେ।

## ଗୌନ୍ତିଆ ବିକାଶ ବହିଦାରଙ୍କ ଛେରା ପହଁରା, ଚାରାରୋପଣ




ପଦ୍ମପୁର,୨୮।୭(ସମିସ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲାରେ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି। ମହାପ୍ରଭୁ ରଥାରୂଢ଼ ହେବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଗ୍ରାମର ଗୌନ୍ତିଆ ବିକାଶ କୁମାର ବହିଦାର ରଥ ମାର୍ଜନା କରି 'ଛେରା ପହରା' ନୀତି ସମ୍ପାଦନ କରିଥିଲେ। ଭକ୍ତି ଓ ନିଷ୍ଠାର ସହିତ ଏହି ପବିତ୍ର କାର୍ଯ୍ୟ ସମ୍ପନ୍ନ ହେବା ପରେ, ସମାଜ ଓ ପ୍ରକୃତି ପ୍ରତି ଥିବା ନିଜର ଦାୟିତ୍ୱକୁ ପାଥେୟ କରି ଛେରାପହଁରା ପରେ ଗୌନ୍ତିଆ ବିକାଶ କୁମାର ବହିଦାର ତାଙ୍କ ଧର୍ମପତ୍ନୀ ଅନସୂୟା ବହିଦାର ଏକ ବଉଳ ଚାରା ରୋପଣ କରିଥିଲେ। ଗୌନ୍ତିଆଙ୍କ ଏଭଳି ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାକୁ ସରେଇକେଲା ଗ୍ରାମବାସୀ ପ୍ରଶଂସା କରିଛନ୍ତି।

**● କୁଲିଆରୀରେ ଯୁକ୍ତିଗତ ତ୍ରୁଟି ସମ୍ବନ୍ଧୀୟ ଶୁଣାଣି**

## ୨୪୮ ରୁ ଅଧିକ ନୋଟିସପ୍ରାପ୍ତ ଭୋଟରଙ୍କ ଦଲିଲ ଯାଞ୍ଚ

ଗାଇସିଲେଟ,୨୮।୭(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଟାବାହାଲ ଗ୍ରାମପଞ୍ଚାୟତର କୁଲିଆରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସହକାରୀ ନିର୍ବାଚନ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀଙ୍କ ନେତୃତ୍ୱରେ ଯୁକ୍ତିଗତ ତ୍ରୁଟି ସମ୍ବନ୍ଧୀୟ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ଶିବିରରେ ବିଭିନ୍ନ ପ୍ରକାର ଯୁକ୍ତିଗତ ତ୍ରୁଟି ସମ୍ବନ୍ଧରେ ନୋଟିସ ପାଇଥିବା ୨୪୮ ରୁ ଅଧିକ ଭୋଟରଙ୍କ ଆବେଦନ ଓ ଦଲିଲପତ୍ରର ଯାଞ୍ଚ କରାଯାଇଥିଲା। କୁଲିଆରୀ, କଟାବାହାଲ, କେନ୍ଦୁମାଲ, ଜୁବାଖୋଲ, ପରମାନନ୍ଦପୁର ଓ ଡଙ୍ଗରମୁଣ୍ଡା ଆଦି ଗ୍ରାମର ଭୋଟରମାନେ ନିଜର ଭୋଟର ପରିଚୟପତ୍ର, ରାସନ କାର୍ଡ, ଆର୍‌ଓଆର୍ (ଜମି ରେକର୍ଡ) ସହ ବିଭିନ୍ନ ଆବଶ୍ୟକ ଦଲିଲ ଉପସ୍ଥାପନ କରିଥିଲେ। ସମସ୍ତ ଦଲିଲର ଯାଞ୍ଚ ପରେ ନିୟମାନୁଯାୟୀ



ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପିଇଓ କାର୍ତ୍ତିକେଶ୍ୱର ବେହେରା, ବୁଥ୍ ସ୍ତରୀୟ ଅଧିକାରୀଙ୍କ ପରିଦର୍ଶକ ପ୍ରଶାନ୍ତ ଦୀପ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ଦଶରଥ ବରିହା, ରଞ୍ଜନ ମେହେର, ପ୍ରହଲ୍ଲାଦ ବରିହା, ବିଜୟ କୁମାର ସାହୁ, ପ୍ରମୋଦ କୁମାର ବଢେଇ, ଜଗନ୍ନାଥ ବରିହା ଓ ଜବାହରଲାଲ ବରିହା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ବ୍ଲକସ୍ତରରେ ଏକ ସ୍ଥାନରେ ଶୁଣାଣି କରିବା ପରିବର୍ତ୍ତେ ପଞ୍ଚାୟତସ୍ତରରେ ଏହି ଶୁଣାଣି ଆୟୋଜନ କରାଯାଇଥିଲା। ଫଳରେ ଗ୍ରାମବାସୀଙ୍କୁ ଦୂରଦୂରାନ୍ତରୁ ଯାତାୟାତ କରିବାକୁ ପଡ଼ିନଥିଲା ଏବଂ ସେମାନେ ବର୍ଷାଜନିତ ଅସୁବିଧାରୁ ମଧ୍ୟ ରକ୍ଷା ପାଇଥିଲେ। ବିଡିଓ ଶ୍ରୀ ଲକ୍ଷ୍ମଣମାଝୀଙ୍କ ଏହି ଜନହିତକର ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ।

## ପିଏମ୍‌ଶ୍ରୀ ଜନତା ହାଇସ୍କୁଲରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ଅମ୍ବାଭୋନା,୨୮।୭(ସମିସ): ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ପ୍ରକୃତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିବା ସହିତ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ପ୍ରକୃତି



ଜୀବଜନ୍ତୁ ସମ୍ପର୍କିତ ଛାୟାଚିତ୍ର ପ୍ରଦର୍ଶନ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଶ୍ରୀପତି ସାହୁଙ୍କ ସମେତ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଓ ୟୁଥ୍ ଆଣ୍ଡ ଇକୋ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ରାସ୍ତାରେ ଛାତ୍ରୀଙ୍କୁ ଅସଦାଚରଣ ଘଟଣା**

## କଠୋର କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ବ୍ୟବସ୍ଥା ଦାବି

ବରଗଡ଼,୨୮।୭(ସମିସ): ବରଗଡ଼ ପଞ୍ଚାୟତ କଲେଜ ରାସ୍ତା ନାକା ଛକରେ ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ ନେଇ ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିନ ଦ୍ୱିପ୍ରହରରେ ଛାତ୍ରୀ ଜଣକ ରାସ୍ତାରେ ଯାଉଥିବାବେଳେ ଜଣେ ଯୁବକ ଅସଦାଚରଣ କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ପରେ ଘଟଣା ସାମ୍ନାକୁ ଆସିଥିଲା। ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ, ପଞ୍ଚାୟତ କଲେଜ ଛାତ୍ର ସଂଘ, ସଚେତନ ଯୁବବର୍ଗଙ୍କ ପକ୍ଷରୁ ବରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗ ପରେ ବରଗଡ଼ ପୁଲିସ ଅଭିଯୁକ୍ତ ଯୁବକ ସ୍ଥାନୀୟ ଦଶବଖରୀ ପଡ଼ାର ସୁଶୀଲ ଜାନୀକୁ ଗିରଫ କରିଛି। ଏହି ରାସ୍ତାରେ ବାରମ୍ବାର ଏପରି ଘଟୁଥିବାରୁ ସଂକଳ୍ପ ପରିବାର, ନିଷ୍ଠା ପରିବାର, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ସେବା ଫାଉଣ୍ଡେସନ, ତୀରଙ୍ଗା କ୍ଲବ, ବରଗଡ଼ ଛାତ୍ର କଂଗ୍ରେସ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଯୁବକମାନେ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ସାମାଜିକ କର୍ମୀମାନେ କହିଛନ୍ତି ଯେ, ପୂର୍ବରୁ ଏହି ରାସ୍ତାରେ ଏଭଳି ଘଟଣା ନେଇ ଅଭିଯୋଗ ଆସୁଥିଲେ ମଧ୍ୟ ପ୍ରମାଣ ଅଭାବରୁ ଅନେକ ସମୟରେ ଅଭିଯୁକ୍ତମାନେ ଖସି ଯାଉଥିଲେ। ତେଣୁ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପଞ୍ଚାୟତ କଲେଜ ରୋଡ଼ରେ ନିୟମିତ ପୁଲିସ ପାଟ୍ରୋଲିଂ, ସିସି କେମେରା ବ୍ୟବସ୍ଥା ଏବଂ ପୂର୍ବରୁ ଥିବା ପୁଲିସ ଫାଣ୍ଡିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି। ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ସହ କୌଣସି ପ୍ରକାରର ସାଲିସ କରାଯିବନାହିଁ। ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ମିଳିବା ସହ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ପ୍ରଶାସନ ଠୋସ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି କରିଛନ୍ତି।

## ବୁଣାକାର ମହାସଂଘ ପକ୍ଷରୁ ଜ୍ୟୋତିଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୮।୭(ସମିସ): ଇଣ୍ଡିଆନ ଆଇଡଲ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିବା ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି ଓଡ଼ିଶା ବୁଣାକାର ମହସଂଘ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର ଓଡ଼ିଆ ଜାତି ପାଇଁ ଗୌରବ ଆଣିଛନ୍ତି ଜ୍ୟୋତି। ବୟନିକା ଡାଇରେକ୍ଟର ସଞ୍ଜୟ କୁମାର ମେହେର, କିଶୋର ଦାଶ ଜ୍ୟୋତିଙ୍କ ବାସଭବନରେ ପହଞ୍ଚି ମହାପ୍ରଭୁ ଜଗନ୍ନାଥଙ୍କ ଏକ ୱାଲ୍ ହେଙ୍ଗିଙ୍ଗ ପ୍ରଦାନ କରିଛନ୍ତି। ଜ୍ୟୋତି ପ୍ରତି ମୁହୂର୍ତ୍ତରେ ଗୀତ ଗାଇବା ପୂର୍ବରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମ ନେଇ ଆଜି ଏହି ସଫଳତା ପାଇଛନ୍ତି ତଥା ସମଗ୍ର ଓଡ଼ିଶା ବାସୀଙ୍କ ଆଶୀର୍ବାଦ ପାଇଁ ଏତେ ବଡ଼ ସଫଳତା ପାଇଛନ୍ତି ବୋଲି କହିଛନ୍ତି।



**ଜୁଲାଇରେ ରେକର୍ଡ ଭାଙ୍ଗିଲା ବର୍ଷା**

# ବିଜେପୁରରେ ସର୍ବାଧିକ ୯୮୨, ସୋହେଲାରେ ୫୯୯ ମିମି

ପଦ୍ମପୁର,୨୮।୭(ସମିସ)

ଚଳିତ ବର୍ଷ ଜୁଲାଇ ମାସରେ ପଦ୍ମପୁର ଉପଖଣ୍ଡରେ ରେକର୍ଡ ପରିମାଣର ବର୍ଷା ହୋଇଛି। ବିଗତବର୍ଷ ଜୁଲାଇ ମାସ ତୁଳନାରେ ପ୍ରାୟ ୨ ଗୁଣା ଅଧିକ ବର୍ଷା ରେକର୍ଡ ହୋଇଥିବାରୁ ଅଞ୍ଚଳରେ ଜନଜୀବନ ସହ କୃଷି କାର୍ଯ୍ୟ ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଉପଖଣ୍ଡର ୬ଟି ବ୍ଲକରେ ଜଳସଞ୍ଚୟ ସ୍ଥିତି ସନ୍ତୋଷଜନକ ରହିଥିବା ସତ୍ତ୍ୱେ ଲଗାଣ ବର୍ଷା ଯୋଗୁଁ ଚାଷ ଜମିରେ ପାଣି ଜମି ରହିଛି। ଫଳରେ ଧାନ ରୋଇବା, ତଳି ଉପାଡ଼ିବା ଓ ଅନ୍ୟାନ୍ୟ କୃଷି କାର୍ଯ୍ୟ ପ୍ରାୟ ଠପ୍ ହୋଇପଡ଼ିଛି। ଅନେକ ଚାଷୀ ବର୍ଷା କମିବାକୁ ଅପେକ୍ଷା



କରୁଥିବାରୁ ଚାଷ କାର୍ଯ୍ୟରେ ବିଳମ୍ବ ଦେଖାଦେଇଛି। ଅନ୍ୟପକ୍ଷରେ, ଅତ୍ୟଧିକ ବର୍ଷାର ସିଧାସଳଖ ପ୍ରଭାବ ଡାଲିଜାତୀୟ ଫସଲ ଉପରେ ପଡ଼ିଛି। ମୁଗ, ବିରି ସମେତ କପା ଚାଷଜମି ଜଳମଗ୍ନ ହୋଇ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଜମିରେ ପାଣି ଜମି ରହିବାରୁ ଗଛ ପଚିଯିବା ଓ ଅମଳ କମିଯିବାର ଆଶଙ୍କା ବଢ଼ିଛି। କୃଷି ବିଶେଷଜ୍ଞଙ୍କ ମତରେ ଆଉ କିଛିଦିନ ବର୍ଷା

**ବିଗତ ବର୍ଷ ତୁଳନାରେ ୨ ଗୁଣା ଅଧିକ, ଚାଷ କାର୍ଯ୍ୟ ପ୍ରଭାବିତ**

ଜାରି ରହିଲେ ଖରିଫ ଫସଲର ଉତ୍ପାଦନ ଉପରେ ପ୍ରଭାବ ପଡ଼ିପାରେ। ତିନି ବର୍ଷର ବ୍ଲକୱାରୀ ବୃଷ୍ଟିପାତ:ବିଜେପୁରରେ ୨୦୨୬ରେ ୯୮୨ ମିମି, ୨୦୨୫ରେ ୪୧୪, ୨୦୨୪ରେ ୩୦୭ ଓ ୨୦୨୩ରେ ୩୯୩ ମିମି ରେକର୍ଡ କରାଯାଇଥିବାବେଳେ ଗାଇସିଲେଟରେ ୨୦୨୬ରେ ୭୮୬ମିମି, ୨୦୨୫ରେ ୪୩୨ମିମି, ୨୦୨୪ରେ ୨୯୨ ମିମି, ୨୦୨୩ରେ ୨୫୮ ମିମି, ଝାରବନ୍ଧରେ୨୦୨୬ରେ ୭୦୧ ମିମି, ୨୦୨୫ରେ ୫୩୫ମିମି, ୨୦୨୪ରେ ୫୩୬ ମିମି, ୨୦୨୩ରେ ୨୫୪ମିମି, ପଦ୍ମପୁରରେ ୨୦୨୬ରେ ୭୫୦ମିମି, ୨୦୨୫ରେ ୩୪୪ମିମି, ୨୦୨୪ରେ ୫୩୦ମିମି, ୨୦୨୩ରେ ୩୧୭ମିମି, ପାଇକମାଲରେ ୨୦୨୬-୭୩୨ମିମି, ୨୦୨୫ରେ ୫୬୩ମିମି, ୨୦୨୪ରେ ୫୬୧ମିମି, ୨୦୨୩ରେ ୩୭୫ମିମି, ସୋହେଲାରେ ୨୦୨୬-୫୯୯ମିମି, ୨୦୨୫ରେ ୪୦୧ମିମି, ୨୦୨୪ରେ ୨୪୭ମିମି, ୨୦୨୩ରେ ୨୯୦ମିମି ବର୍ଷା ରେକର୍ଡ କରାଯାଇଛି।

# ଅଙ୍ଗନବାଡ଼ିକୁ ବାଧକ ସାଜିଛି କେନାଲ

ଦେବଗଡ଼,୨୮ ।୭ (ସମିସ)

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ନାଉଲିପଡ଼ା ପଞ୍ଚାୟତ ତିଳେଇପଶି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବା ପାଇଁ ବର୍ଷା ଦିନେ ଗ୍ରାମ୍ୟ କେନାଲ ବାଧକ ସାଜୁଛି। ବର୍ଷା ଦିନେ ଅଙ୍ଗନବାଡି କର୍ମୀ, ସେବିକା ଓ ଅଭିଭାବକମାନେ ପ୍ରତ୍ୟେକ ଦିନ କେନାଲରେ ଶିଶୁଙ୍କୁ ବିପଦପୂର୍ଣ୍ଣ ଭାବେ ପାରି କରିବାକୁ ବାଧ ହେଉଛନ୍ତି। ବର୍ଷା ଦିନେ ଏହି କେନାଲ ଉପରେ ୩ ଫୁଟର ଜଳ ପ୍ରବାହିତ ହୋଇଥାଏ। ଏଣୁ କେନାଲ ଉପରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘବର୍ଷ ଧରି ଗ୍ରାମସଭା ଓ ପଲ୍ଲୀ ସଭାରେ ପ୍ରସ୍ତାବ ଦେଉଛନ୍ତି। ସେମାନଙ୍କ ପ୍ରସ୍ତାବ କିନ୍ତୁ କାର୍ଯ୍ୟକାରୀ ହୋଇପାରୁନାହିଁ। ଏପରିକି ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳିପାରିନାହିଁ। ଏହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଭବିଷ୍ୟତରେ ଶିଶୁଙ୍କ କୌଣସି ଅଘଟଣ ଘଟିଲେ ପ୍ରଶାସନ



ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂପର୍କରେ ସ୍ଥାନୀୟ ସରପଞ୍ଚ ଏଲିନା ସାହୁଙ୍କ ମତାମତ ଲୋଡ଼ିବାରୁ ଅଭିଯୋଗ ସ୍ୱୀକାର କରିଛନ୍ତି। ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସେ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିବା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରିଦର୍ଶନ କରିଥିବା ପ୍ରକାଶ କରିଥିଲେ। ଯଥାଶୀଘ୍ର ପୋଲ ନିର୍ମାଣ ପାଇଁ ସେ ପ୍ରଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।

## ଦେବଗଡ଼ରେ ଆଜି ସ୍କୁଲ, କଲେଜ ଛୁଟି

ଦେବଗଡ଼,୨୮ ।୭ (ସମିସ): ଦେବଗଡ଼ ଜିଲ୍ଲାରେ ବର୍ଷା ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ଘୋଷଣା କରାଯାଇଛି। ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷାକୁ ଲକ୍ଷ୍ୟ କରି ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତାକାଲି (ବୁଧବାର) ଜିଲ୍ଲାର ସମସ୍ତ ଅଙ୍ଗନବାଡି, ପ୍ରାଥମିକ, ମାଧ୍ୟମିକ, ଉଚ୍ଚବିଦ୍ୟାଳୟ ସମେତ ସମସ୍ତ କଲେଜ, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ସମେତ ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ସ୍ଥଗିତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ଏହି ନିର୍ଦ୍ଦେଶ ଦେଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ସାରା ରାଜ୍ୟରେ କିଛି ଦିନ ହେଲା ବର୍ଷା ଲାଗି ରହିଛି। ଏହା ପ୍ରଭାବରେ ଅଧା ଓଡ଼ିଶାର ଅବସ୍ଥା ଅସମ୍ଭାଳ ହୋଇ ପଡିଲାଣି। ପ୍ରାୟ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀନାଳ ଉଛୁଳୁଛି। ପୋଲ ଉପରେ ପାଣି ଚାଲୁଛି। ରାସ୍ତାରେ ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ଜାଗାରେ ମାଟି ଘରର କାନ୍ଥ ଭାଙ୍ଗି ଗଳି ପଡିଛି। ଲୋକେ ଉଚ୍ଚ ଜାଗାରେ ଆଶ୍ରୟ ନେଇଛନ୍ତି। କେତେକ ଜାଗାରେ ଲୋକେ ଛାତ ଉପରେ ଆଶ୍ରୟ ନେଉଛନ୍ତି। ଗୃହପାଳିତ ପଶୁପକ୍ଷୀଙ୍କୁ ଉଚ୍ଚ ସ୍ଥାନରେ ନେଇ ରଖିଛନ୍ତି। ଚାଷ ଜମି ପାଣିରେ ବୁଡ଼ି ରହିଛି। ଲୋକେ ପାଣିରୁ ରକ୍ଷା ପାଇବାକୁ ତ୍ରାହି ତ୍ରାହି ଡାକୁଛନ୍ତି।

## କିଶୋର ନ୍ୟାୟ ଓ ସାଇବର ସୁରକ୍ଷା ସମ୍ପର୍କିତ କର୍ମଶାଳା

ଦେବଗଡ଼,୨୮ ।୭ (ସମିସ): ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କିଶୋର ନ୍ୟାୟ, ସାଇବର ସୁରକ୍ଷା ଓ ପ୍ରଶାସନିକ ସେବାରେ



ଏଆଇ ଟୁଲ୍ସର ବ୍ୟବହାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମଙ୍ଗଳ ସମିତି ଓ କିଶୋର ନ୍ୟାୟ ବୋର୍ଡର ସଦସ୍ୟ ସଦସ୍ୟା, ଚାଇଲ୍ଡ ହେଲ୍ପଲାଇନ, ଶିଶୁ ଗୃହ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଓ ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀଙ୍କୁ ତାଲିମ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସୁଷମା ମଞ୍ଜରି ମହାପାତ୍ର, ଅନ୍ୟତମ ଅତିଥି ଭାବେ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ପ୍ରବୀଣା ମିଶ୍ର, ସିଡବ୍ଲୁସି ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ, ନିର୍ଜନା ମାହାର, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମାସଙ୍ଗ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ସାଇବର ଥାନା ଅଧିକାରୀ ବିପ୍ଳବ ସାହୁ, ସିଡବ୍ଲୁସି ସଦସ୍ୟା ସୁମିତ୍ରା ପୁରୋହିତ, ଯତୀନ୍ଦ୍ର ମୋହନ ନାୟକ, ଲିଗାଲ ପ୍ରୋବେଶନ ଅଫିସର ସୁଧୀର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଦେବରଞ୍ଜନ ପ୍ରଧାନ, ଅଜିତ ନାୟକ, କ୍ରାନ୍ତି ମଞ୍ଜରି ଧାଉନଳୀୟଓ, ଲିଙ୍ଗରାଜ ପ୍ରଧାନ, ଲିପନ ବଣିଚୂଳ ଓ ଗଗନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ



ବୌଦ୍ଧ,୨୮ ।୭ (ସମିସ): ବୌଦ୍ଧ ବ୍ଲକ ଗଉଡ଼ଦେଇ ଉଚ୍ଚ ବିଦ୍ୟାଳୟ ପରିସରରେ କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ଧ୍ରୁବ ଚରଣ ଘିବେଲା ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧିବକ୍ତା ସୁଧୀର କର୍ଣ୍ଣ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଯେଉଁ ସମାଜର ସଂସ୍କୃତି ଯେତେ ଉନ୍ନତ ସେହି ଦେଶ ସେତେ ଉନ୍ନତ। ଭାରତବର୍ଷରେ ପ୍ରଚଳିତ ରାମାୟଣ ଓ ମହାଭାରତର ଚରିତ୍ରମାନଙ୍କୁ ନେଇ ସେ ଆଲୋଚନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଅମାତ ଓ ସମ୍ପାଦକ ରାଧାମୋହନ ମାହାଣା ମଞ୍ଚାସୀନ ଥିଲେ। ବ୍ୟାସଦେବଙ୍କ ଗୁରୁଭକ୍ତି ଉଦାହରଣ ଦେଇ ସାହିତ୍ୟ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବିଷୟ ସଭାପତି ଶ୍ରୀ ଘିବେଲା ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନର ଉପସଭାପତି ଟଙ୍କଧର ସାହୁଙ୍କ ସଭାପତିତ୍ୱରେ କବିତା ଆସର ହୋଇଥିଲା। ସାହିତ୍ୟିକ ସଂସାର ଅମାତ ଓ ସୁବାଷ ଚନ୍ଦ୍ର ମହାକୁଡ଼ ଅତିଥି ଭାବରେ ମଞ୍ଚାସୀନ ଥିଲେ। କବି କୃଷ୍ଣଚନ୍ଦ୍ର ସେଠୀ କବିତା ସଂଯୋଜନା କରିଥିଲେ। କବି ରାଧାମୋହନ ମାହାଣା, ରାଜକୁମାର ପ୍ରଧାନ, ସୁବାଷ ଚନ୍ଦ୍ର ମହାକୁଡ଼, ଜୟନାରାୟଣ ମହାନ୍ତି, ଧ୍ରୁବ ଚରଣ ଘିବେଲା, ଗୋପାଳ ଅମାତ, କୃଷ୍ଣଚନ୍ଦ୍ର ସେଠୀ, ବିଷ୍ଣୁପ୍ରିୟା ଦେହୁରୀ, କ୍ରିଷ୍ଣା ପ୍ରଧାନ, ଟଙ୍କଧର ସାହୁ ପ୍ରମୁଖ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଧାମୋହନ ମାହାଣା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳ ସଦସ୍ୟ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଗୋ ସମ୍ମାନ ଆହ୍ୱାନ ଅଭିଯାନ



ବୌଦ୍ଧ,୨୮ ।୭ (ସମିସ): ଗୋ ମାତାଙ୍କୁ ରାଷ୍ଟ୍ରମାତା ସମ୍ମାନ ଦେବାପାଇଁ ସମଗ୍ର ଭାରତ ବର୍ଷରେ ଅଭିଯାନ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ରଘୁନାଥ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି ବିଜୟମନ୍ତ୍ର ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଜିଲ୍ଲାର ସାଧୁସନ୍ଥ ଓ ଗୋଭକ୍ତ ଏକତ୍ରିତ ହେବାପରେ ଗୋପୂଜନ କରି ବ୍ରହ୍ମଚାରୀ ଆଦିତ୍ୟ ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ପଦଯାତ୍ରାରେ ଗୋମାତାଙ୍କ ସହିତ ସାଧୁ ବାବା ଲକ୍ଷ୍ମଣ ଦାସ, ଲଛମନ ଦାସ, ସର୍ବେଶ୍ୱର ଦାସ ତ୍ୟାଗୀ, ଗୌରୀ ପ୍ରସାଦ ସାହୁ, ଗୋପାଳ ଦାସ, ଧୂଳିଆ ଦାସ, ଭୋଳାଶଙ୍କର ଦାସ, ଶ୍ରୀଧର ଦାସ ସାମିଲ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଦାବିପତ୍ର ସହିତ ୩ଲକ୍ଷ ଗୋଭକ୍ତଙ୍କ ଦସ୍ତଖତ ପୁସ୍ତିକା ଓ ପେନ୍‌ଡ୍ରାଇଭ୍ ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଦେବାଶିଷ ପୁରୋହିତ, କୃତ୍ତିବାସ ପାଲିଆ, ନିର୍ଗୁଣ ମହାକୁଡ, ଅରୁଣ ମେଣ୍ଡଲି, ମିଥୁନ ନାୟକ, ଅଭିଜିତ ମହାପାତ୍ର ପ୍ରମୁଖ ଗୋଭକ୍ତ ଉପସ୍ଥିତ ରହିଥିଲେ।

## ତରଭାରେ ନୀଳାଦ୍ରି ବିଜେ



ତରଭା,୨୮ ।୭ (ସମିସ): ତରଭାରେ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଛି। ନୂଆପଡା, ତେଲିପଡା, ମେହେରପଡା ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ତରଫରୁ ଭବ୍ୟ ଉପନଭୋଗ ଲାଗି ହୋଇଥିଲା। ନୂଆଁପଡା ଉପନ ଭୋଗ ପରେ ରଥ ଟଣା ଯାଇଥିଲା। ଚଳିତ ବର୍ଷ ପ୍ରଥମ ଦିନରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ବଡ଼ଦାଣ୍ଡରେ ପ୍ରଭୁ ଦଧିବାବନଙ୍କ ଦର୍ଶନ କରିଥିଲେ। ରଥ ଆସି ବଡ଼ଦେଉଳ ନିକଟରେ ପହଞ୍ଚିବା ପରେ ସେବାୟତମାନେ ପ୍ରଭୁଙ୍କୁ ନୀଳାଦ୍ରିବିଜେ କରି ମନ୍ଦିରରେ ପହଞ୍ଚାଇଥିଲେ। ତରଭା ଏନଏସି ତତ୍ତ୍ୱାବଧାନରେ ହେଉଥିବା ତରଭା ରଥଯାତ୍ରା କମିଟିର ସଭାପତି ରତନ ଲାଲ ଅଗ୍ରୱାଲ ଶ୍ରୀ ଦଧିବାବନଙ୍କ ଛେରାପହଁରା କାର୍ଯ୍ୟ ତୁଲାଇଥିଲେ। ଟିକେଲାଲ ମିଶ୍ର ଓ ଶାନ୍ତନୁ ପଣ୍ଡା ପହଣ୍ଡି ସମୟରେ ଝୁଲୁରେ ହାତୀ ଝୁଲ ଗୀତ ଗାଇଥିଲେ। ମନ୍ଦିରରେ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ନାରାୟଣଙ୍କ କଳି ଗୀତ ଭକ୍ତଙ୍କ ମନ ମୋହିଥିଲା। ମାତା ଲକ୍ଷ୍ମୀଙ୍କ ମାନଭଞ୍ଜନ ସହ ରସଗୋଲା ଭୋଗ ଅର୍ପଣ ପରେ ପ୍ରଭୁ ରତ୍ନ ସିଂହାସନରେ ବିଜେ କରିଥିଲେ। ପ୍ରଭୁଙ୍କ ପହଣ୍ଡିରେ ସତ୍ୟନାରାୟଣ ପୂଜାରୀ, ପ୍ରଦୀପ ନାୟକ, ସୁଧୀର ପୂଜାରୀ, ଜୟନ୍ତ ପୂଜାରୀ, କେଶବ ତ୍ରିପାଠୀ, ସୌମ୍ୟ ପାଣିଗ୍ରାହୀ, ଜ୍ଞାନ ରଞ୍ଜନ ମିଶ୍ର, ଅଭିଷେକ ପାଣିଗ୍ରାହୀ, ସଞ୍ଜୟ ମିଶ୍ର, ବିଜୟ ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ଆଶିଷ ମିଶ୍ର, ତୁହିନ ପାଣିଗ୍ରାହୀ, ଦେବଦତ୍ତ ପଣ୍ଡା, ସୁରେନ୍ଦ୍ର ବେଜ, ବିକ୍ରମ ମିଶ୍ର, ସାନ୍ତନୁ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଝିପି ଝିପି ବର୍ଷା ସତ୍ତ୍ୱେ ପଭୁଙ୍କ ପହଣ୍ଡି ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ଡୋଲାମଣି ନାଏକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ମୁତୟନ କରଯାଇଥିଲା।

## ବର୍ଷାରେ ଭୁଶୁଡିଲା କାନ୍ଥ; ଶିଶୁପୁତ୍ର ସହ ମହିଳା ଉଦ୍ଧାର

ଶଗଡା,୨୮ ।୭ (ସମିସ): ବୌଦ୍ଧ ବ୍ଲକ୍ ମନୁପାଲି ପଞ୍ଚାୟତ ମହୁଲି ଗ୍ରାମରେ ଜଣେ ମହିଳା ଓ ତାଙ୍କ ଶିଶୁପୁତ୍ର ବର୍ତ୍ତି ଯାଇଛନ୍ତି। ଜିଲ୍ଲାରେ ଗତ ୩ ଦିନ ହେବ ବର୍ଷା ଲାଗି ରହିଛି। ଏହା ପ୍ରଭାବରେ ଗ୍ରାମର ନରେନ୍ଦ୍ର ଗୁରୁଙ୍କ ମାଟି ଘରର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ଭୁଶୁଡ଼ିବା ଫଳରେ ଘରେ ଥିବା ନରେନ୍ଦ୍ରଙ୍କ ପତ୍ନୀଙ୍କ ସମେତ ତାଙ୍କର ଶିଶୁପୁତ୍ର ମାଟି ତଳେ ପୋତି ହୋଇଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ



ମାଟି ତଳୁ ଉଦ୍ଧାର କରିଥିଲେ। ଖବର ପାଇ ବୌଦ୍ଧ ବିଡ଼ିଓ ଯୁଗଳ ବିଶ୍ୱାଳ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ନିଜ ସରକାରୀ ଗାଡିରେ ବାଉଁଶୁଣୀ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ପରେ ମନୁପାଲି ସରପଞ୍ଚ, ରାଜସ୍ୱ ନିରୀକ୍ଷକଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପହଞ୍ଚି ଜରିପାଲ ଯୋଗାଇ ଦେବା ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରିଛନ୍ତି। ଏମାନଙ୍କୁ ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ବୌଦ୍ଧ ବିଡ଼ିଓ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଟ୍ରକ୍‌ରେ ଚାପି ହୋଇ ମହିଳାଙ୍କ ମୃତ୍ୟୁ

ଜହ୍ନାପଙ୍କ,୨୮ ।୭ (ସମିସ): ବୌଦ୍ଧ-ବଘିଆପଡା ରାସ୍ତାର ପନଖିମାଲ ଗ୍ରାମ ନିକଟ ରାଇସ୍ ମିଲ୍ ସମ୍ମୁଖରେ ଜଣେ ମହିଳାଙ୍କ ଉପରେ ଏକ ଟ୍ରକ୍ ଚଢି ଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ରାଇସ୍ ମିଲ୍ ଆଡକୁ ଯିବା ପାଇଁ ଏକ ଟ୍ରକ୍ ପଛକୁ ଯାଉଥିବା ବେଳେ ପଛରୁ ଆସୁଥିବା ମହିଳାଙ୍କ ଉପରେ ଚଢି ଯାଇଥିଲା। ଘଟଣା ସ୍ଥଳରେ ହି ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତ ମହିଳା ଜଣକ ହେଲେ ହେଲେ ପନଖିମାଲ ନିକଟସ୍ଥ ବିଶ୍ୱନାଥପୁର ଗ୍ରାମର ଚଞ୍ଚଳା ବେହେରା (୬୫)। ତେବେ କ୍ଷତିପୂରଣ ଦାବିରେ ମହିଳାଙ୍କ ପରିବାର ଓ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ବୌଦ୍ଧ-ବଘିଆପଡା ପୂର୍ତ୍ତ ରାସ୍ତାକୁ ଅବରୋଧ କରିଥିଲେ। ଏହାଫଳରେ ଉଭୟ ପଟୁ ଶହ ଶହ ଗାଡି ମଟର ଅଟକି ରହିଥିଲ। ଏଣୁ ଲୋକେ ଲୋକେ ଯିବା ଆସିବାରେ ଅସୁବିଧା ଭୋଗିଥିଲେ। ଖବର ପାଇ ବଘିଆପଡା ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ଓ ବୌଦ୍ଧ ଥାନା ଏସ୍ଆଇ ବିଶ୍ୱାମିତ୍ର ଲୋଇ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ଶହ ଡ୍ରାଇଭରକୁ ଅଟକ ରଖିଥିଲେ। ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଟ୍ରକ୍ ମାଲିକ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କ ପରିବାରକୁ ୧ ଲକ୍ଷ ଟଙ୍କା କ୍ଷତି ପୂରଣ ସହାୟତା ଦେଲା ପରେ ଲୋକେ ରାସ୍ତା ରୋକ ହଟିଥିଲା। ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ନିଆଯାଇ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା।

## ୩ଦିନ ହେଲା ଅନ୍ଧାରରେ ୬ଖଣ୍ଡ ଗ୍ରାମବାସୀ

ଶଗଡା,୨୮ ।୭ ( ସମିସ): ଲୋକଙ୍କୁ ୨୪ଘଣ୍ଟିଆ ବିଦ୍ୟୁତ ଯୋଗାଣ ପାଇଁ ସରକାର ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ବିଦ୍ୟୁତ୍ ଯୋଗାଣକୁ ନିରନ୍ତର ଜାରି ରଖିବା ପାଇଁ ପ୍ରୟାସ ଚଳାଇଛନ୍ତି; ହେଲେ ସ୍ଥାନୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ସାମାନ୍ୟ ଫ୍ୟୁଜ୍ ପାଇଁ ଗ୍ରାମବାସୀଙ୍କୁ ଦିନସାରା ଅନ୍ଧାରରେ ରହିବାକୁ ପଡ଼ିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତରେ ଏହାର ପ୍ରମାଣ ମିଳିଛି। ଟୁନିମୁଣ୍ଡା, ଦପଲା, ବଉଳସିଂହା, ପାଇକବାହାଲ୍, ଧଉରାକୁଦ, ପ୍ରଧାନପାଲି ଆଦି ୬ଖଣ୍ଡ ଗ୍ରାମବାସୀ ଅନ୍ଧାରରେ ଅଛନ୍ତି। ଗତ ୩ଦିନ ଧରି ଲଗାଣ ବର୍ଷା ହେବା ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ମରାମତି ପାଇଁ ଲାଇନମ୍ୟାନ୍‌ଙ୍କୁ ଫୋନ କଲେ କେହି ରିସିଭ୍ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

## ଲଗାଣ ବର୍ଷାରେ ରାସ୍ତା ଉପରେ ପାଣି



କଣ୍ଟାମାଳ,୨୮ ।୭ (ସମିସ): କୁଳିଆପାଲିରୁ ବରଗୋଛା ଦେଇ ବଘିଆପଡ଼ାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ପାଣି ଚାଲିଛି। ଲଗାଣ ବର୍ଷା ଯୋଗୁଁ ରାସ୍ତା ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି। ପ୍ରବଳ ପାଣି ପ୍ରବାହିତ ହେଉଥିବା ଯୋଗୁଁ ରାସ୍ତା ଭୁଶୁଡି ପଡିଛି। ଏଣୁ ଯୋଗାଯୋଗ ପ୍ରଭାବିତ ହୋଇଛି।

## ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା

ତରଭା,୨୮ ।୭ (ସମିସ): ନିର୍ବାଚନୀ ନାମାବଳୀର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଅଧୀନ ଓଡ଼ିଶା ସରକାରଙ୍କ ଗୃହ (ନିର୍ବାଚନ) ବିଭାଗ ଅଧୀନ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ରାଜ୍ୟ ପର୍ଯ୍ୟବେକ୍ଷକ ଶାଶ୍ୱତ ପ୍ରଧାନ ମଙ୍ଗଳବାର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରି ଏସ୍ଆଇଆର୍ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ସୋନପୁର ଏବଂ ବୀରମହାରାଜପୁର ବିଧାନସଭା କ୍ଷେତ୍ରରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ସେ ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରି ନିର୍ବାଚନ କାର୍ଯ୍ୟରେ ନିୟୋଜିତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ), ସୁପରଭାଇଜର ଏବଂ ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ଯାଞ୍ଚ କରିଥିଲେ। ଘରକୁ ଘର ଯାଇ ଯାଞ୍ଚ, ଭୋଟରଙ୍କ ତଥ୍ୟ ସଂଗ୍ରହ ଓ ନିର୍ବାଚନୀ ନାମାବଳୀ ଅଦ୍ୟତନ ପ୍ରକ୍ରିୟାକୁ ପରଖିବା ସହ ନାମାବଳୀ ସଂଶୋଧନ କାର୍ଯରେ ସଠିକତା, ସ୍ୱଚ୍ଛତା ଓ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ



କାର୍ଯ୍ୟାଳୟ ପରିଦର୍ଶନ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ପରିଚାଳନା ସମ୍ବନ୍ଧୀୟ ସାମଗ୍ରିକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ସେ ଅଭିଲେଖ, ତଦାରଖ ବ୍ୟବସ୍ଥା, ରିପୋର୍ଟିଂ ପ୍ରଣାଳୀ ଏବଂ ବିଭିନ୍ନସ୍ତରର ସମନ୍ୱୟ ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ଏହି ଅବସରରେ ନିର୍ବାଚନ ପରିଚାଳନା ସହ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି, କ୍ଷେତ୍ରସ୍ତରରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ସୁଚାରୁ ଭାବେ କାର୍ଯ୍ୟ ସମ୍ପାଦନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀ ପ୍ରଧାନ ଭୋଟର ସଚେତନତା ବୃଦ୍ଧି ସହ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ସମାପ୍ତ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିର୍ବାଚନୀ ନାମାବଳୀରେ ସାମିଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରତିନିଧିଙ୍କ ଏହି ଗସ୍ତ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ତଦାରଖକୁ ଆହୁରି ସୁଦୃଢ଼ କରିବା ସହ ସୁବର୍ଣ୍ଣପୁର ଜିଲ୍ଲାରେ ନିର୍ବାଚନୀ ନାମାବଳୀ ସଂଶୋଧନ କାର୍ଯ୍ୟର ଗୁଣାତ୍ମକ ମାନ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟ ରୂପା ରଥଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାପାଳ ଏବଂ ସୋନପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରୁଣ୍ଡିମହୁଲରେ ଆମ ପୋଲିସ୍ କାର୍ଯ୍ୟକ୍ରମ



କଣ୍ଟାମାଳ,୨୮ ।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ରଣ୍ଡିମହୁଲ ପଞ୍ଚାୟତ କାର୍ଯ୍ୟାଳୟରେ କଣ୍ଟାମାଳ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଓ ଆଇନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆଇନ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ କଣ୍ଟାମାଳ ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି, ଏସ୍ଆଇ ପ୍ରକାଶ ଭୋଇ, ରଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ରେଙ୍ଗାଲିର ପୂର୍ବତନ ସରପଞ୍ଚ ସନତ ବାରିକ, ସାମ୍ବାଦିକ ପୂର୍ଣ୍ଣଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ପୁଲିସ ଓ ଜନସାଧାରଣ ମଧ୍ୟରେ କିପରି ସୁସମ୍ପର୍କ ରହିପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାଧାରଣ ଓ ଅନୁନ୍ନତ ବର୍ଗର ଲୋକଙ୍କ ଉନ୍ନତି ଏବଂ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଆଇନରେ ସେମାନଙ୍କ ପାଇଁ ରହିଥିବା ସୁରକ୍ଷା ନେଇ ସାଧାରଣ ଲୋକଙ୍କୁ ଶିବିରରେ ସଚେତନ କରାଯାଇଥିଲା। ପୋଲିସ ଓ ଲୋକମାନଙ୍କ ମଧ୍ୟରେ ବ୍ୟବଧାନକୁ ଦୂର କରିବା, ତାଙ୍କୁ ଅନ୍ୟମାନଙ୍କ ପରି ସମସ୍ତ ସୁବିଧା ସୁଯୋଗ ଦେବା, ତାଙ୍କର ସୁରକ୍ଷା ଓ ଆଇନଗତ ସାହାଯ୍ୟ ଦେବା ନେଇ ଲୋକମାନଙ୍କୁ ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ରମେଶ ମହାକୁଡ଼, ବ୍ରହ୍ମା ବଂଚୋର, ବିଶ୍ୱନାଥ ବଣ୍ଡକି, ସ୍ୱାଧୀନ ଲୁହା, ହେମନ୍ତ ବଗର୍ତ୍ତି, ସିଦ୍ଧେଶ୍ୱର ଲୁହା, ବିଶେଶ୍ୱର ଖଟୁଆ, ଗୋପବନ୍ଧୁ ସାହୁ, ରମାକାନ୍ତ ବାଣ୍ଡକି, ରମଣୀ ଲୁହା ପ୍ରମୁଖ ଯୋଗ ଦେଇଥିଲେ।

## ଯୁବଶକ୍ତି ନିଶାମୁକ୍ତ ଭାରତ ଗଠନ କାର୍ଯ୍ୟକ୍ରମ



କଣ୍ଟାମାଳ,୨୮ ।୭ (ସମିସ): କଣ୍ଟାମାଳ ପଞ୍ଚାୟତ କଲେଜରେ ନିଶା ମୁକ୍ତ ଭାରତ ଗଠନରେ ଯୁବଶକ୍ତିର ଭୂମିକା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁସ୍ମିତା ବେହେରା, ଅନୁଜ ଭୁକ୍ତା, ଅଭୟ ପ୍ରଧାନ, ଅଧ୍ୟାପକ ରବୀନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର, ଆଶ୍ମାନ ମହାକୁଡ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୩ ଶହରୁ ଅଧିକ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥଲେ। ଏହି କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଲୋକଗୀତ, ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ, ପଥପ୍ରାନ୍ତ ନାଟକ, କବିତା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁଧୀର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକଟାଳ ଶବ୍ଦ କରୁଥିବା ବାଇକ୍ ପ୍ରତି ପୁଲିସ ଦୃଷ୍ଟି ଦେଉନି

ତରଭା,୨୮ ।୭ (ସମିସ)

ବର୍ତ୍ତମାନ ନାମୀଦାମୀ କମ୍ପାନୀର ବାଇକ୍ ବଜାରକୁ ଆସୁଛି। ତାହା ପୁଣି ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଡିଜାଇନ ଓ ରଙ୍ଗବେରଙ୍ଗରେ ବଜାରରେ ଉପଲବ୍ଧ। ଏହାଫଳରେ ଯୁବ ପିଢ଼ି କିଣିବା ପାଇଁ ବେଶୀ ଆଗ୍ରହ ପ୍ରକାଶ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ବାଇକ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି; କିନ୍ତୁ ବାଇକ୍ କିଣିବା ପରେ କେତେକ ଅମାନିଆ ଯୁବକ ହିତାହିତ ଜ୍ଞାନ ଭୁଲି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି କରୁଛନ୍ତି। ଜନଗହଳିପୂର୍ଣ୍ଣ ରାସ୍ତାରେ ବେପରୁଆ ଓ ଦ୍ରୁତ ଗତିରେ ବାଇକ୍ ଚାଳନା କରୁଛନ୍ତି। ବାଇକ୍‌ରୁ ବାହାରୁଥିବା ବିକଟାଳ ଶବ୍ଦ ଲୋକଙ୍କୁ ଅସ୍ତବ୍ୟସ୍ତ କରି ଦେଉଛି। ଅମାନିଆ ଯୁବକମାନେ ନାମିଦାମୀ ବାଇକ୍‌ରୁ କମ୍ପାନୀର ସାଇଲେନ୍ସର ଖୋଲି ଦେଇ



ମୋଡିଫାଏଡ ସାଇଲେନ୍ସର ଲଗାଉଥିବାରୁ ଏହା ପ୍ରଚଣ୍ଡ ଶବ୍ଦ କରୁଛି। ଜନଗହଳିପୂର୍ଣ୍ଣ ରାସ୍ତାରେ ଗାଡ଼ି ଚାଳନା କରୁଥିବାରୁ ରାସ୍ତାରେ ଯାଉଥିବା ଲୋକଙ୍କ ପାଇଁ ବିପଦର କାରଣ ହୋଇଛି। ବିକଟାଳ ଶବ୍ଦ ଯୋଗୁଁ କୁନି କୁନି ପିଲାମାନେ ଭୟଭୀତ ହେଉଥିବା ଲକ୍ଷ୍ୟ କରାଯାଉଛି। ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଯାଉଥିବା ଅଭିଭାବକ ନିଜକୁ ନିରାପଦ ମଣୁ ନାହାନ୍ତି। ବାଇକ୍‌ର ଉଚ୍ଚ ଶବ୍ଦ ଶୁଣି ଲୋକେ ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇବାର ଆଶଙ୍କା ରହିଛି। ଏଭଳି ଶବ୍ଦ ଗର୍ଭବତୀ ଓ ହୃଦ୍‌ରୋଗୀଙ୍କ ପାଇଁ ବିପଦର କାରଣ ସାଜିବାର ସମ୍ଭାବନାକୁ ଏଡେଇ ହେବନାହିଁ। ବିଶେଷ କରି ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ପ୍ରଭୃତି ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ପ୍ରତି ସଚେତନ ରହିବା ଉଚିତ ବୋଲି ରହିଥିବା ନିୟମର ଉଲ୍ଲଙ୍ଘନ ହେଉଥିବା ଦେଖାଯାଉଛି। ତରଭା ପୁଲିସ ଏଭଳି ବାଇକ ଚାଳକଙ୍କ ପ୍ରତି ଆଇନନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ


## ଆମ ଶିମିଳିପାଳ ଯୋଜନାକୁ ସରକାରଙ୍କ ଅନୁମୋଦନ

# ୨୦୦ ଗାଁରେ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟି ଯୋଜନା

■ ଅକ୍ଟୋବରରେ ଉଦଘାଟନ ସହ କାର୍ଯ୍ୟ ଆରମ୍ଭ

■ ଶିମିଳିପାଳରେ ଲାଗିବ ୫୦୦ ଅତିରିକ୍ତ ଏଆଇ କ୍ୟାମେରା

ବାରିପଦା, ୨୮ ।୭ (ସମିସ): ଓଡ଼ିଶା ସରକାର ପ୍ରସ୍ତାବିତ ୧୨୫ କୋଟି ଟଙ୍କାର ଆମ ଶିମିଳିପାଳ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହା ଏକ ପ୍ରମୁଖ ଜୀବିକା ଉପାର୍ଜନ ପଦକ୍ଷେପ। ଯାହା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର) ଅଞ୍ଚଳ ଚାରିପାଖରେ ବସବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ତତସହିତ ଏହି ଉଚ୍ଚାକାଂକ୍ଷୀ ପ୍ରକଳ୍ପ ପାଇଁ ପୂର୍ବରୁ ଏସଟିଆର କର୍ତ୍ତୃପକ୍ଷଙ୍କ ପାଖରେ ଟଙ୍କା ମହଜୁଦ ରହିଛି। ଏସଟିଆର କ୍ଷେତ୍ର ନିର୍ଦ୍ଦେଶ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ଡ. ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି, ସରକାର କିଛିଦିନ ପୂର୍ବେ ପ୍ରସ୍ତାବକୁ ଅନୁମୋଦନ ଦେଇ ଏହାର କାର୍ଯ୍ୟକାରିତା ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ଚଳିତ ଅକ୍ଟୋବର ମାସ ପୂର୍ବରୁ ଔପଚାରିକ ଉଦଘାଟନ ପରେ ପ୍ରକଳ୍ପ ଆରମ୍ଭ ହେବ।



ବର୍ତ୍ତମାନ ଅଧିକାରୀମାନେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ଅନୁସାରେ କାର୍ଯ୍ୟକାରିତା ରଣନୀତି ଚୂଡ଼ାନ୍ତ କରୁଛନ୍ତି। ଏହି ଡିପିଆର ପ୍ରାୟ ୭ ମାସ ପୂର୍ବେ ରାଜ୍ୟ ସରକାରଙ୍କ ପାଖରେ ଦାଖଲ ହୋଇଥିଲା। ଏହି ଯୋଜନା ଏସଟିଆର ପାଦଦେଶରେ ଥିବା ପ୍ରାୟ ୨୦୦ ଗାଁକୁ ଯୋଡିବ। ଫଳରେ ବନବାସୀଙ୍କୁ ଲାଭଜନକ ରୋଜଗାର ଅଭାବରେ ବେଆଇନ ଶିକାର ଓ ଚୋରା ଶିକାରରେ ଲିପ୍ତ ରହିବା କାର୍ଯ୍ୟରୁ ଦୂରେଇ ହେବ। ଗୋଗିନେନି କହିଛନ୍ତି ଯେ, ଏହି ଯୋଜନା "ଜୀବନ ଜୀବିକା' (ଜୀବିକା ଉତ୍ପାଦନ) ଧାରଣା ଉପରେ ଆଧାରିତ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କୁ ସ୍ଥାୟୀ ବିକଳ୍ପ ଆୟ ଉତ୍ସ ଯୋଗାଇବାକୁ ଚେଷ୍ଟା କରୁଛି। ଯୋଜନା ଅନ୍ତର୍ଗତ ମୁଖ୍ୟତଃ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ମାଧ୍ୟମରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦିଆଯିବ। ଏଥିରେ ଶାଳ ପତ୍ର ପ୍ଲେଟ ତିଆରି, ସିଲେଇ, ମହୁ ପ୍ରକ୍ରିୟାକରଣ, ଦୁଗ୍ଧ ଓ କ୍ଷୀର ପ୍ରକ୍ରିୟାକରଣ, କୁକୁଡ଼ା, ଛେଳି ଓ ମେଣ୍ଢା ପାଳନ, କୃଷି ତଥା ଅଳ୍ପ ସମୟର ଅଣଧାନ ଫସଲ ଚାଷ ଭଳି ବିଭିନ୍ନ ଆୟ ଉତ୍ପାଦକ କାର୍ଯ୍ୟକ୍ରମ ରହିଛି। ଯୋଜନାର କାର୍ଯ୍ୟକାରିତା ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ କର୍ତ୍ତୃପକ୍ଷ ଓ ଇକୋ ଡେଭଲପମେଣ୍ଟ କମିଟି (ଇଡିସି) ଦ୍ୱାରା ଯୌଥ ଭାବେ ନିରୀକ୍ଷଣ କରାଯିବ। ଯଦ୍ୱାରା ସମ୍ପ୍ରଦାୟ ଅଂଶଗ୍ରହଣ, ସ୍ୱଚ୍ଛତା ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ ହେବ। ଏହି ଉଦ୍ଦେଶ୍ୟରେ ଇତିମଧ୍ୟରେ ୨୫ଟି ଇଡିସି ଗଠନ କରାଯାଇଛି। ସେହିପରି ଏହି ସମୟରେ ଏସଟିଆର କର୍ତ୍ତୃପକ୍ଷ ସଂରକ୍ଷିତ ଅଞ୍ଚଳ ଭିତରେ ସୁରକ୍ଷାକୁ ଶକ୍ତିଶାଳୀ କରିବା ପାଇଁ ୫୦୦ଟି ଅତିରିକ୍ତ କୃତ୍ରିମ ବୁଦ୍ଧିମତ୍ତା ଯୁକ୍ତ କ୍ୟାମେରା ସ୍ଥାପନ କରିବାକୁ ଯାଉଛନ୍ତି। ଯାହା ଚୋରା ଶିକାର ବିରୋଧୀ ବ୍ୟବସ୍ଥାକୁ ମଜବୁତ କରିବ। ଗୋଗିନେନି ଆହୁରି କହିଛନ୍ତି, ଗତ କିଛି ବର୍ଷରେ ପ୍ରାୟ ୨୦୦ଟି ଏଆଇ ଯୁକ୍ତ କ୍ୟାମେରା ପୂର୍ବରୁ କାର୍ଯ୍ୟକ୍ଷମ ହୋଇଛି। ୨.୨୫ କୋଟି ଟଙ୍କା ଖର୍ଚ୍ଚରେ କିଣାଯାଇଥିବା ନୂଆ କ୍ୟାମେରା ବାସ୍ତବ ସମୟର ସୁରକ୍ଷାକୁ ସଂରକ୍ଷିତ ଅଞ୍ଚଳର ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବ। ପାଣିପାଗ ଅନୁକୂଳ ହେବା ମାତ୍ରେ ସ୍ଥାପନା କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି।



### VEHICLE FOR SALE

ASHOK LEYLAND 4825 TIPPER ,MODEL 2025, Regn. No - OD-02-DL-4130, in as is where is condition. Contact: M/S Sundaram Finance Limited, Bhubaneswar Branch, Ph:0674-2544772 within 7 days

### AFFIDAVIT

I, Sudadsan Das, S/o. Gayadhar Das, resid- ent of Vill- Paikasta, PO/PS- Gopalpur, Dist- Balasore, Pin- 756044, Odisha, declare by this affidavit No. 1452, dtd.- 03.07.2026 that now onwards I shall be known as **SUDARSHAN DAS** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Mohana, Gajapati Affidavit No. 4265/26 on dated 28/07/2026, I **MAMATA NAYAK**, W/o Debananda Nayak resident of At- Goudagotha, Po- Goudagotha, P.S. Badagada, Dist. Ganjam, Odisha, PIN 761109, declare that I have changed my minor Son's name from **RISHI NAYAK (Old Name)** to **ASHIKEL NAYAK (New Name)**. Henceforth, he shall be known as **ASHIKEL NAYAK** for all purposes.

Sd- **MAMATA NAYAK**

### AFFIDAVIT

Affidavit for MinorBy virtue of an affidavit no- 2221, dated- 17/7/2026 sworn before Executive Magistrate, Khordha, declare that I, Abdul Moai Khan, S/o- Late Mansur Khan of Address At/Post- Kerang, Ps/Dist- Khordha, Odisha, Pin-752057, declare that I have changed my minor Son's name from Abdul Fazele Umar Rabani to Abdul Fazle Umar Rabbani. Henceforth, he shall be known as Abdul Fazle Umar Rabbani for all purposes.

**Sd/-Abdul Fazle Umar Rabbani**

### AFFIDAVIT

By virtue of an affidavit sworn before The Notary Public, Titlagarh, on dated- 28.07.2026. I, **Nilanti Banchhor** (new name), W/o Hrudananda Kand, permanent & current resident of AT: Bhusled, PO: Manigaon, PS: Titlagarh, Dist: Balangir, State: Odisha, PIN: 767033 declare that I have changed my name from **Nilandri Kand** (old name) to **Nilanti Banchhor** (new name). Henceforth, I shall be known as **Nilanti Banchhor** (new name) for all future purposes.

**Nilanti Banchhor**

### AFFIDAVIT

By virtue of an affidavit sworn before The Notary Public, Titlagarh, on dated- 22.07.2026. I, **Kanta Jani** (new name), S/o Tunu Jani, permanent & current resident of AT: Mahulpada (Bagpada), PO: Manigaon, PS: Titlagarh, Dist: Balangir, State: Odisha, PIN: 767033 declare that I have changed my name from **Chandrakant Jani** (old name) to **Kanta Jani** (new name). Henceforth, I shall be known as **Kanta Jani** (new name) for all future purposes.

**Kanta Jani**



34001/34006/1/26-27/0006

### OFFICE OF THE SUPERINTENDING ENGINEER
### PHULBANI (R&B) DIVISION, PHULBANI

AT/PO./PS- PHULBANI, PIN-762001
E-MAIL:- eepbrb@gmail.com, Tel-06842-2533102
Letter No. 4422 Date. 28-07-2026

**1st CORRIGENDUM to Bid Identification No. SE-R&B-PLB-04/2026-27, DATED: -20.07.2026**

It is hereby informed to all prospective bidders that, due to inadvertent use of a common DTCN format while preparing the tender documents for the works under **Notice No. 04/2026-27**, the eligibility condition regarding **experience in execution of similar nature of 11 KV/33 KV or Higher electrical works** has been incorporated in **Contract Data Sl. No. 17 and Clause No. 14** of the DTCN for all the works.

In this connection, it is hereby clarified that the requirement of **experience in execution of similar nature of 11 KV/33 KV or Higher electrical works**, as specified in Contract Data Sl. No. 17 and Clause No. 14 of the DTCN, shall be applicable and mandatory only for **Work Serial No. 5 and Work Serial No. 6** of Notice No. 04/2026-27.

All other terms and conditions of the DTCN shall remain **unchanged and in force.**

Superintending Engineer
Phulbani (R&B) Division, Phulbani

OIPR-34001/34006/1/26-27/0006

### OFFICE OF THE SUPERINTENDING ENGINEER
### RWS&S MECHANICAL DIVISION

PLOT NO. D-2/24, MANCHESWAR INDUSTRIAL ESTATE
BHUBANESWAR-751010
e-Mail: [illegible]
TENDER CALL NOTICE NO. [illegible] 2026-27

The Superintending Engineer, RWS&S Mechanical Division, Bhubaneswar, Plot No. D-2/24, Mancheswar Industrial Estate, Bhubaneswar-10, on behalf of the Governor of Odisha, invites **online item rate tenders** in conformity with the Detailed Tender Call Notice from registered and established **Manpower Service Providers** to provide **bore well drilling skilled personnel** to the Sub-Division Office under the Office of the Superintending Engineer, RWS&S Mechanical Division, Bhubaneswar, as per the requirement.

| Sl. No. | Description of Items | No. | Estimated Cost (Approx. per year) | Cost of Bid Document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub-Division, Dhenkanal | | Rs. 23,89,296.00 (on wages only) | Rs. 6,000/- | 2% of the estimated cost. |
| 1 | H.V. Driver | 2 Nos | | | |
| 2 | A.P.D | 1 No | | | |
| 3 | Asst. Driller | 2 Nos | | | |
| 4 | Boring Mate | 6 Nos | | | |
| 5 | Khallasi | 2 Nos | | | |
| 6 | Helper | 1 No | | | |

Tender documents with detailed technical requirements, scope of work, terms and conditions will be available online at **www.tendersodisha.gov.in** from **01.08.2026 to 14.08.2026 up to 5:00 PM**. The tender will be opened on **17.08.2026 at 12:00 PM onwards** in the Office of the Superintending Engineer, RWS&S Mechanical Division, Bhubaneswar, in the presence of the bidders or their authorized representatives, subject to availability. Interested manpower service providers may submit the tender document complete in all respects and duly signed along with all requisite documents, failing which the bid is liable for rejection. The authority reserves the right to reject any or all tenders without assigning any reason thereof.

I/C Superintending Engineer
RWS&S Mechanical Division, Bhubaneswar

OIPR-32001/32528/1/26-27/0004

## ଅମୁନି ଦାଦନ ଯନ୍ତ୍ରଣା

# ସୁରଟରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପୋଲସରା,୨୮ ।୭ (ସମିସ): ପରିବାରର ଭରଣପୋଷଣ ପାଇଁ ସୁରଟକୁ କାମ କରିବାକୁ ଯାଇଥିଲେ। କିନ୍ତୁ ଜୀବନ୍ତ ଫେରିବା ପରିବର୍ତ୍ତେ ତାଙ୍କ ମୃତଦେହ ଘରକୁ ଆସିଲା। ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍‌ର ଜକର ଗ୍ରାମର ଯୁବକ ମୁନା ଗୌଡ଼ଙ୍କ ସୁରଟରେ କାମ କରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ପରିବାର ସହ ସମଗ୍ର ଗାଁରେ ଶୋକର ପରିବେଶ ସୃଷ୍ଟି ହୋଇଛି। ଜକର ଗ୍ରାମର ମୁନା ଗୌଡ଼ ସୁରଟର ଏକ ବେସରକାରୀ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଅଭିଯୋଗ ଅନୁସାରେ, କାମ କରୁଥିବା ସମୟରେ ସେ କମ୍ପାନୀର ଏକ ଉଚ୍ଚ ସ୍ଥାନରୁ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ପରିବାର ନିକଟରେ ପହଞ୍ଚିଥିଲା। ମୁନା ଗୌଡ଼ ପରିବାରର ଏକମାତ୍ର ରୋଜଗାର କରୁଥିବା ସଦସ୍ୟ ଥିଲେ। ତାଙ୍କ ଉପରେ ବୃଦ୍ଧ ବାପା-ମା' ଓ ଦୁଇ ଭଉଣୀ ନିର୍ଭର କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଗଭୀର ଦୁଃଖରେ ଭାଙ୍ଗିପଡ଼ିଛି ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛି। ଘଟଣା ବିଷୟରେ ଜାଣିବା ପରେ ପୋଲସରାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୃତକଙ୍କ ଘରକୁ ଯାଇ ପରିବାରକୁ ସମବେଦନା ଜଣାଇଥିଲେ।





### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. [illegible] Tender Publication, dt.27.07.2026

[illegible]

PR-328/R/26-27



# ବୁଢ଼ାବଳଙ୍ଗରେ ନୂଆ ପ୍ରଜାତିର ମାଛ 'ସୁଡୋଲାଗୁଭିଆ ଖଇରୀ'

## ପ୍ରସିଦ୍ଧ ବାଘୁଣୀ ଖଇରୀ ନାମରେ ହେଲା ନାମିତ

ବାରିପଦା, ୨୮ ।୭ (ସମିସ): ଗବେଷକମାନେ ମୟୂରଭଞ୍ଜର ବୁଢ଼ାବଳଙ୍ଗା ନଦୀରୁ ଏକ ନୂଆ ପ୍ରଜାତିର ମିଠା ପାଣିର ମାଛ ଆବିଷ୍କାର କରିଛନ୍ତି। ଚାରି ଦଶନ୍ଧିରୁ ଅଧିକ ସମୟଧରି ବିଶ୍ୱର ବନ୍ୟପ୍ରାଣୀପ୍ରେମୀଙ୍କ କଳ୍ପନାକୁ ଆକର୍ଷିତ କରିଥିବା ଶିମିଳିପାଳର ପ୍ରସିଦ୍ଧ ବାଘୁଣୀ ଖଇରୀର ଉତ୍ତରାଧିକାରୀ ଭାବେ ଏକ ଅପ୍ରତ୍ୟାଶିତ ରୂପରେ ଉକ୍ତ ମାଛର ନାମକରଣ କରାଯାଇଛି। ଗବେଷକ ଏହାର ନାମ 'ସୁଡୋଲାଗୁଭିଆ ଖଇରୀ' ଦେଇଛନ୍ତି। ବିଜ୍ଞାନ ଜର୍ଣ୍ଣାଲ୍ ଜୁଟାକ୍ସାରେ ବର୍ଣ୍ଣିତ ଏହି



ପ୍ରଜାତି ସୁଡୋଲାଗୁଭିଆ ଗଣର ଅନ୍ତର୍ଭୁକ୍ତ। ଏହି ଗଣର ମାଛଗୁଡ଼ିକ ଛୋଟ ପାହାଡ଼ିଆ ଝରଣା ଓ ଦ୍ରୁତଗାମୀ ନଦୀରେ ବାସ କରନ୍ତି। ଭାରତ, ବାଂଲାଦେଶ, ନେପାଳ, ମିଆଁମାର ଆଦି ସ୍ଥାନରେ ଦେଖାଯା'ନ୍ତି। କେବଳ କିଛି ସେଣ୍ଟିମିଟର ଲମ୍ବା ଏହି ମାଛର ପିଠି ପଖାର ମୂଳରେ ଏକ ବିଶେଷ ମାଂସଳ ଉପସ୍ଥିତି ରହିଛି। ଯାହା ଏହି ଗଣର ଅନ୍ୟକୌଣସି ପ୍ରଜାତିରେ ପୂର୍ବରୁ ଦେଖାଯାଇନାହିଁ। ଅନ୍ୟାନ୍ୟ ଶାରୀରିକ ବିଶେଷତାର ମିଶ୍ରଣ ମଧ୍ୟ ଏହାକୁ ଅଲଗା କରିଥାଏ। ଏହି ଆବିଷ୍କାର ଭାରତରେ ବଢୁଥିବା ମିଠାପାଣି ମାଛ ତାଲିକାରେ ଆଉଏକ ପ୍ରଜାତି ଯୋଡ଼ିଛି। ତେବେ ଏହାର ନାମ କେବଳ ବିଜ୍ଞାନର ସୀମା ମଧ୍ୟରେ ସୀମିତ ନୁହେଁ; ଏହା ଏକ ବଡ଼ କାହାଣୀ ବହନ କରୁଛି।

୧୯୭୦ ଦଶକରେ ଶିମିଳିପାଳ ଜଙ୍ଗଲରୁ ଉଦ୍ଧାର ହୋଇଥିବା ଖଇରୀ ଏକ ରୟାଲ୍ ବେଙ୍ଗଲ ଟାଇଗର୍ ଭାରତର ସବୁଠାରୁ ପ୍ରସିଦ୍ଧ ବନ୍ୟପ୍ରାଣୀ ରାଷ୍ଟ୍ରଦୂତମାନଙ୍କ ମଧ୍ୟରୁ ଜଣେ ପରିଚୟ ହୋଇଥିଲା। ପ୍ରଖ୍ୟାତ ସଂରକ୍ଷଣବାଦୀ ସରୋଜ ରାଜ ଚୌଧୁରୀ ଓ ତାଙ୍କ ପତ୍ନୀ ନିହାର ନଳିନୀ ସ୍ୱାଇଁଙ୍କ ଦ୍ୱାରା ପ୍ରତିପାଳିତ ହୋଇ ସେ ମଣିଷ ପରିବାର ସହିତ ଏକ ଅସାଧାରଣ ବନ୍ଧନ ଗଢ଼ିଥିଲେ ଓ ମଣିଷ-ବନ୍ୟଜୀବ ସମ୍ପର୍କ ସମ୍ପର୍କୀୟ ପାରମ୍ପରିକ ଧାରଣାକୁ ଚ୍ୟାଲେଞ୍ଜ କରିଥିଲା। ତା'ର ଆଚରଣ, ବୃଦ୍ଧି ଓ ପରିବେଶ ଉପରେ ସରୋଜ ରାଜଙ୍କ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ବାଘର ଜୀବବିଜ୍ଞାନ ଓ ଆଚରଣ ଉପରେ ବିରଳ ବୈଜ୍ଞାନିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହା ଭାରତର ପ୍ରାରମ୍ଭିକ ବାଘ ସଂରକ୍ଷଣ ପ୍ରୟାସକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଥିଲା। ଖଇରୀର ଅସାଧାରଣ ଜୀବନ ସେହି ସମୟରେ ଓଡ଼ିଶାର ଜଙ୍ଗଲ ପ୍ରତି ଆନ୍ତର୍ଜାତିକ ଧ୍ୟାନ ଆକର୍ଷିତ କରିଥିଲା। ଯେତେବେଳେ ଭାରତରେ ବନ୍ୟପ୍ରାଣୀ ସଂରକ୍ଷଣ ଆନ୍ଦୋଳନ, ଏପରିକି ବିକାଶ ପଥରେ ଥିଲା। ଏହି ନୂଆ ମାଛ ପ୍ରଜାତି ଖଇରୀ ସ୍ମୃତିକୁ ଆଉଏକ ନୂତନ ମାଧ୍ୟମରେ ଜୀବନ୍ତ ରଖିବ ବୋଲି କୁହାଯାଉଛି।

OFFICE OF THE PRINCIPAL

### NATIONAL COLLEGE, NUAPADA

AT/PO/DIST-NUAPADA (ODISHA) – 766105
e-Mail- [illegible]
Web- [illegible]

**ADVERTISEMENT FOR GUEST FACULTY**

Applications are invited from eligible and interested candidates for engagement as Guest Faculty in **Education & Geography (Each 01 Post)** for the academic session **2026-27**. The engagement is purely temporary and will be governed by the guidelines of the **Department of Higher Education, Government of Odisha.**

| Activity | Date | Portal |
|---|---|---|
| Online Application Start Date | 23.07.2026 | HRMS Portal |
| Online Application End Date | 03.08.2026 | https://[illegible] |

The Walk-in-Interview for the above engagement will be held on the dates given below in the respective departments of this College.

| Date | Reporting Time | Interview Time | Subjects | Venue |
|---|---|---|---|---|
| 07.08.2026 | 9.00 AM to 11.00 AM | 11.30 AM onwards | Education, Geography | Office of The Principal, National College, Nuapada |

(Principal i/c)
National College, Nuapada

### PM SHRI JAWAHAR NAVODAYA VIDYALAYA-2

OHPC Road, Near OCC Office, BALIMELA,
DIST. MALKANGIRI, ODISHA, PIN – 764051

**WALK IN-INTERVIEW**

A walk in-interview on **03/08/2026 (Monday) at 10:00 am** at **PM SHRI JNV, Balimela, Malkangiri-II, Odisha** for PGTs- Geography, Biology, TGTs- Maths, S.St, English, Computer Science & Staff Nurse for the academic session 2026-27, purely on Contractual basis. The eligible/willing desiring candidates may appear in the interview for the said post. Eligibility as per Govt. norms.

**Date & Venue of interview-**
**PM SHRI JNV Balimela, Malkangiri-II on 03/08/2026**
**Time:- 10:00 am to 04:00 pm.**

**No TA/DA will be admissible for attending the walk in-interview.**

Required documents- Original documents, 01 set of xerox copy, ID passport size photo.

**Sd/-Principal**
**PM SHRI JNV, Malkangiri-II**

24001/328/2627

### ଓଡ଼ିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No **RDM-LAA-BDK-0002-2023**- 45066 R&DM, Dated:29.11.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- କଇଁଥଖୋଲା, ଥାନା- କଂଶରା ସଂଖ୍ୟା- ୧୪୩, ତହସିଲ- ଟାଙ୍ଗରାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ଶିଳ୍ପ ପାର୍କ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା [illegible] ତା. [illegible] ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରତୀତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା [illegible] ତା. [illegible] ରିଖ ଅନୁସାରେ ଅଧିସୂଚନାର ବୈଧତା ତା. [illegible] ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କଇଁଥଖୋଲା, ଥାନା- କଂଶରା ସଂଖ୍ୟା- ୧୪୩, ତହସିଲ- ଟାଙ୍ଗରାଲି, ଜିଲ୍ଲା- ଭଦ୍ରକ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ଭୂପରେଖାର ସାରାଂଶ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସକ କାର୍ଯ୍ୟାଳୟରେ ଉପଲବ୍ଧ ଅଛେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସହିତ ଭୂ-ଅର୍ଜନ ଅଧିକାରୀ, ଶିଳ୍ପ ପାର୍କ ପ୍ରକଳ୍ପ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଭଦ୍ରକ ତହସିଲ: - ଟାଙ୍ଗରାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଇଁଥଖୋଲା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୫.୭୧ | ଏକର ୨.୮୯ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ଭଦ୍ରକ ତହସିଲ: - ଟାଙ୍ଗରାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୩.୧୨.୨୦୨୫ ।

### ଭୂମି ଅନୁସୂଚୀ (ବେସରକାରୀ)
### ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜାର ନାମ: କଇଁଥଖୋଲା ଥାନା ଓ ନଂ.: କଂଶରା, ୧୪୩ ତହସିଲ: ଟାଙ୍ଗରାଲି ଜିଲ୍ଲା: ଭଦ୍ରକ

| କ୍ର.ସଂ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଜମି ମାଲିକଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | [illegible] | [illegible] | [illegible] | [illegible] | ଶାରଦ-୨ | [illegible] |
| ୨ | [illegible] | [illegible] | [illegible] | [illegible] | ଶାରଦ-୨ | [illegible] |
| ୩ | | [illegible] | [illegible] | [illegible] | ପଡ଼ିଆ | |
| ୪ | | [illegible] | [illegible] | [illegible] | ଶାରଦ-୨ | |
| ୫ | [illegible] | [illegible] | [illegible] | [illegible] | ପଡ଼ିଆ | [illegible] |
| | | ମୋଟ:- | [illegible] | [illegible] | | |

ରାଜସ୍ୱଆୟୁକ୍ତ ଅବବସ୍ଥାପନ
(ମୁଖ୍ୟ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0100

34001/539/2627

Government of Odisha
"e" Procurement Notice

### OFFICE OF THE SUPERINTENDING ENGINEER,
### RAYAGADA (R&B) DIVISION NO-I, RAYAGADA

E-mail ID: [illegible]

Bid Identification No.: RC (RAN/28) RGD 05 / 2026-2027 (Single Cover – Online Tender)
File No.: [illegible]-28/2026, No.: [illegible], Dated: 24.07.2026

1. **No. of Works:** 02 (Two) Civil Works and 01 (One) Electrical Work only.
2. **Estimated Cost:** Rs. 4.14 Lakhs to Rs. 9.63 Lakhs.
3. **Cost of Document:** Rs. 2,000 to Rs. 4,000.
4. **Bid Security:** Rs. 4,200 to Rs. 9,600.
5. **Class of Contractor:** C & D, MV & above.
6. **The Bid documents will be available in the website** www.tendersodisha.gov.in from 11.00 Hrs. on 30-07-2026 to 17:00 Hrs. on 05-08-2026 for online bidding.
7. **Last Date & Time for Receipt of Bids in the portal:** Up to 17:00 Hrs. on 05-08-2026.
8. **Bids received online shall be opened at 13.30 hours on dated 06-08-2026** in the office of the Superintending Engineer, Rayagada (R&B) Division No-I.
9. Further details can be seen on the e-Procurement portal : www.tendersodisha.gov.in. Any **Addendum/Corrigendum/Cancellation** of tender can also be seen in the said website only.

Superintending Engineer
Rayagada (R&B) Division No-I

OIPR- 34001/34040/1/26-27/0004

34001/536/2627

E-Mail I.D.- [illegible]
Tel./ Fax No.(0671)-2304128

### OFFICE OF THE SUPERINTENDING ENGINEER
### KATAKA (R&B) DIVISION NO.I, KATAKA
### GOVERNMENT OF ODISHA
### ('e' PROCUREMENT NOTICE)

**Bid Identification No. S.E. CTC(R&B)-14 of 2026-27**

**TENDER CALL NOTICE**

1. The Superintending Engineer, Kataka (R&B) Division No.I, Kataka on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Building works as mentioned below.
2. No. of Work :- **01 No.**
3. Nature of work :- **Building work**
4. Class of Contractor :- **"C" & "B" Class**
5. Tender Paper Cost :- **Rs.6000/- (Online)**
6. Available of bid documents in the website :- **From 31/07/2026 to 5PM of 13/08/2026**
7. Date of Opening of Bid :- **11AM of 14/08/2026**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

[illegible]
Superintending Engineer,
Kataka (R&B) Division No.I

OIPR-34001/34051/1/26-27/0012

● କାଦୁଅ ରାସ୍ତାରେ କଲବଲ ମଧୁପୁରବାସୀ

# ସ୍ଥାୟୀ ସଡ଼କ ହେଉ ନଥିବାରୁ ବଢୁଛି ଜନଅସନ୍ତୋଷ

କୋକସରା, ୨୮ ।୭ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ସଦର ମହକୁମା ଠାରୁ ମଧୁପୁର ଗ୍ରାମକୁ ସଂଯୋଗ କରୁଥିବା ପ୍ରାୟ ୨ କିଲୋମିଟର ରାସ୍ତା ଦୀର୍ଘବର୍ଷ ହେବ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ମରାମତି ଓ ସ୍ଥାୟୀ ନିର୍ମାଣ ଅଭାବରୁ ଦୈନନ୍ଦିନ ଯାତାୟାତରେ ଘୋର ବିପର୍ଯ୍ୟୟ ସୃଷ୍ଟି ହେଉଛି। ଏହି ରାସ୍ତା ଉପରେ ନିତିଦିନ ସ୍କୁଲ-କଲେଜ ଛାତ୍ରଛାତ୍ରୀ, ଶ୍ରମଜୀବୀ, କର୍ମଜୀବୀ ଓ ସ୍ଥାନୀୟ ଗ୍ରାମବାସୀ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ମାତ୍ର ବର୍ଷ ବର୍ଷ ବିତିଯାଉଥିଲେ ବି ରାସ୍ତାରେ କୌଣସି ସୁଧାର ଆସୁନାହିଁ। ସମଗ୍ର ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ବର୍ଷାଦିନେ ଏହା କାଦୁଅ ଓ ପାଣିରେ ଭର୍ତ୍ତି ହୋଇ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଫଳରେ ଗ୍ରାମବାସୀଙ୍କ ଯାତାୟାତ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଯାଉଛି। ଉକ୍ତ ଅଞ୍ଚଳରେ ଏକ ଧାନମଣ୍ଡି ରହିଥିବା ବେଳେ, ଚାଷୀମାନେ ନିଜର କଷ୍ଟଉପାର୍ଜିତ ଧାନ ଆଣିବା ସମୟରେ ଅନେକ ହଇରାଣ ହୋଇଥାନ୍ତି। କାଦୁଅ ରାସ୍ତାରେ ଗାଡ଼ିମୋଟର ଫସି ରହୁଥିବାରୁ ଚାଷୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି ଜଣାଯାଇଥିଲେ ହେଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯଦି ପ୍ରଶାସନ ତୁରନ୍ତ ଏହି ରାସ୍ତାର ସ୍ଥାୟୀ ନିର୍ମାଣ କିମ୍ବା ଆବଶ୍ୟକ ମରାମତି ନକରେ, ତେବେ ଆଗାମୀ ଦିନରେ



ଅଞ୍ଚଳବାସୀ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ୫ କିଲୋମିଟର ରାସ୍ତା ହେଉ ନ ଥିବା କାରଣରୁ ଆରଡି ବିଭାଗକୁ ହସ୍ତାନ୍ତର ହେଉ ନାହିଁ, ପଞ୍ଚାୟତ ଓ ବ୍ଲକ ଅନୁଦାନରୁ ଯଥାଶୀଘ୍ର କାମ କରାଯିବା ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଦିନକରେ ୫୨୮.୩ ମିମି ବର୍ଷା

# ଜୟପାଟଣାରେ ସର୍ବନିମ୍ନ ଏମ୍. ରାମପୁରରେ ସର୍ବାଧିକ ୯୬ ମିମି ବର୍ଷା

ଭବାନୀପାଟଣା, ୨୮ ।୭ (ସମିସ)

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ ବାଦଲଫଟା ବର୍ଷା ହୋଇଥିବାବେଳେ ଅନ୍ୟ ବ୍ଲକ ଗୁଡିକରେ ସୋମବାର ଠାରୁ ଝିପି ଝିପି ବର୍ଷା ଜାରି ରହିଛି। ଭବାନୀପାଟଣା ସହର ଜଳାର୍ଣ୍ଣବ୍ ହୋଇଯାଇଥିଲା। ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ନଆସିବା କାରଣରୁ ନାଳ ର ଆବର୍ଜନା ପାଣି ଘର ଏବଂ ଦୋକାନ ମଧରେ ପ୍ରବେଶ କରିଥିଲା ବର୍ଷା ଥମିବା ପରେ ପରିସ୍ଥିତି ଟିକେ ସ୍ୱାଭାବିକ ହୋଇଛି। ବିଶେଷକରି ଦୈନିକ ବଜାର ଅବସ୍ଥା ସାଙ୍ଘାତିକ। ଆଣ୍ଠୁ ପର୍ଯ୍ୟନ୍ତ ପାଣି ରାସ୍ତାରେ ଲହଡ଼ି ମାରୁଛି। ନିୟମିତ ଡ୍ରେନ୍ ସଫେଇ ହେଉ ନ ଥିବା ଅଭିଯୋଗ କରାଯାଉଛି। ସେହିପରି ସାମାନ୍ୟ ବର୍ଷା ହେଲେ ହିଲ୍‌ଟାଉନ୍ ଅଞ୍ଚଳ ସାଗରର ଭ୍ରମସୃଷ୍ଟି କରୁଛି। ଦୁଇଦିନର ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ତେବେ ଖରିଫ ଚାଷ ପାଇଁ ଏହି ବର୍ଷା ସାମୟିକଭାବେ ସହାୟକ ହୋଇଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ସୋମବାର ଜିଲ୍ଲାର ୧୩ଟି ବ୍ଲକରେ ମୋଟ ୫୨୮.୩ ମିମି ବର୍ଷା ରେକର୍ଡ ହୋଇଛି। ଏଥିରେ ଜିଲ୍ଲାର ଏମ୍.ରାମପୁର ବ୍ଲକରେ ସର୍ବାଧିକ ୯୬ମିମି ବର୍ଷା ହୋଇଥିବାବେଳେ ଥୁଆମୂଳ ରାମପୁରରେ ୭୫, ଭବାନୀପାଟଣାରେ ୬୦, କେସିଙ୍ଗା ୫୨.୪, କଳମପୁର ୪୯, ଜୁନାଗଡ଼ ୩୯.୬, ନର୍ଲା ୩୪, ଧର୍ମଗଡ଼ ୩୩.୩, କର୍ଲାମୁଣ୍ଡା ୨୯, ଲାଞ୍ଜିଗଡ଼ ଓ କୋକସରା ୨୩, ଗୋଲାମୁଣ୍ଡା ୧୨ ଓ ଜୟପାଟଣା ବ୍ଲକରେ ୨ମିମି ରେକର୍ଡ ହୋଇଛି। ତେବେ ଆଗକୁ ବର୍ଷା ପରିମାଣ ଜିଲ୍ଲାରେ ଆହୁରି ବଢ଼ିପାରେବୋଲି ଜିଲ୍ଲାବାସୀ ଅନୁମାନ କରୁଥିବା ଦେଖିବାକୁ ମିଳିଛି।



# ଥୁଆମୂଳ ରାମପୁରରେ କଂଗ୍ରେସର ପ୍ରତିବାଦ ଶୋଭାଯାତ୍ରା

ଥୁଆମୂଳ ରାମପୁର, ୨୮ ।୭ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଓ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା, ନ୍ୟାୟ ଦାବି କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀର ଜନ୍ତରମନ୍ତରରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ଓଡ଼ିଆ ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ନେଇ କଂଗ୍ରେସ କର୍ମୀମାନେ ପ୍ରତିବାଦ ଜଣାଇଥିଲେ। ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ପରିସର ଓ ଖଣ୍ଡୁଆଳ ଖେଳ ପଡ଼ିଆରୁ ଆରମ୍ଭ ହୋଇ ମା ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା। ଦଳୀୟ ପତାକା ଧରି ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ଏଥିରେ ସାମିଲ ହୋଇଥିଲେ। ପ୍ରତିବାଦ ସମୟରେ କର୍ମୀମାନେ କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତି ଓ ରାଜ୍ୟ ସରକାରଙ୍କ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ହୋଇଥିବା ତ୍ରୁଟିକୁ ନେଇ ସ୍ଲୋଗାନ ଦେଇଥିଲେ। ଓଡ଼ିଶା ସରକାରଙ୍କ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଭାରତଭୂଷଣ ବେମାଲ, ସଚୀନ୍ଦ୍ର ମହାକୁଡ଼, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଦ୍ରୌପଦୀ ମାଝୀ, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ନାୟକ, ଜିଲ୍ଲା କଂଗ୍ରେସ ସହ-ସମ୍ପାଦକ ପରମେଶ୍ୱର ନାୟକଙ୍କ ସମେତ ବହୁ କଂଗ୍ରେସ ନେତା, ପଞ୍ଚାୟତ ସଭାପତି, ମହିଳା ଓ ଯୁବ କର୍ମୀ ଉପସ୍ଥିତ ଥିଲେ।



# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମ.ରାମପୁର, ୨୮ ।୭ (ସମିସ): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅସ୍ଥିଶଲ୍ୟ ବାଧିତ ୧୫୧ ଜଣ, ଦୃଷ୍ଟି ବାଧିତ ୫୧ ଜଣ, କର୍ଣ୍ଣ ସରବ୍ୟ ୪୫ ଜଣ, ଓ ଅନ୍ୟାନ ୨୮ ଜଣ ସମୁଦାୟ ୨୬୫ ଜଣ ହିତାଧିକାରୀଙ୍କୁ ପଞ୍ଜିକୃତ କରାଯାଇ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସେଥିରୁ୨୨ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର, ୧୯ ଜଣଙ୍କୁ ବସ ପାସ୍, ୧୩ ଜଣଙ୍କୁ ଟ୍ରେନ ପାସ, ୭ ଜଣଙ୍କୁ ତିନିଚକିଆ ସାଇକଲ, ୬ଜଣଙ୍କୁ ହୁଇଲ ଚେୟାର, ୧୪୩ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ବିଡିଓ ଶରତଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ ଯୋଗଦାନ ଦେଇଥିବା ବେଳେ, ସମିତି ସଭ୍ୟ ତଥା ଯୁବ ନେତା ଯାଜ୍ଞସେନ ପଣ୍ଡା, ସମିତି ସଭ୍ୟ ଗୋକୁଳ ବିଶ୍ୱାଳ, ସରପଞ୍ଚ ସୁରେଶ ପ୍ରଧାନ, ଭିନ୍ନକ୍ଷମ ଜିଲ୍ଲା ସମିତି ସଭାପତି ସୁରେଶ ଚୌଧୁରୀ, ଭବାନୀପାଟଣା ଡାକ୍ତର ଏସ୍‌ଚନ୍ଦ୍ର ସାହୁ, ଅତିରିକ୍ତ ଶ୍ରମ ଅଧିକାରୀ ଥବିର ପାଳ, ବରିଷ୍ଠ ସାମ୍ବାଦିକ ଶଶିଭୂଷଣ ପ୍ରହରାଜ ପ୍ରମୁଖ ସମ୍ମାନିତ ଅତିଥି, ସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିଲେ।



● ହେପାଟାଇଟିସ୍-ସି ଚିକିତ୍ସା ସେବାରେ ଉତ୍କୃଷ୍ଟ ପ୍ରଦର୍ଶନ

# ନୂଆପଡ଼ା ଜିଲ୍ଲାକୁ ରାଜ୍ୟରେ ତୃତୀୟ ପୁରସ୍କାର

ଖଡ଼ିଆଳ, ୨୮ ।୭ (ସମିସ): ହେପାଟାଇଟିସ୍-ସି ଚିକିତ୍ସା ସେବାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ନୂଆପଡ଼ା ଜିଲ୍ଲାକୁ ରାଜ୍ୟରେ ତୃତୀୟ ସ୍ଥାନରେ ରହି ପୁରସ୍କୃତ। ଜାତୀୟ ଭାଇରାଲ୍ ହେପାଟାଇଟିସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ ୨୦୨୫-୨୬ ଅଧୀନରେ ହେପାଟାଇଟିସ୍-ସି ରୋଗୀଙ୍କୁ ଚିହ୍ନଟ କରି ଠିକ ସମୟରେ ଚିକିତ୍ସା ସେବାରେ ସାମିଲ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ନୂଆପଡ଼ା ଜିଲ୍ଲା ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି। ବିଶ୍ୱ ହେପାଟାଇଟିସ୍ ଦିବସ-୨୦୨୬ ଅବସରରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଏହି ସଫଳତା ପାଇଁ ନୂଆପଡ଼ା ଜିଲ୍ଲାକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି।

ରାଜ୍ୟସ୍ତରୀୟ ସମାରୋହରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା.ମଞ୍ଜୁରାଣୀ ସିଂହ ନୂଆପଡ଼ା ଜିଲ୍ଲା ପକ୍ଷରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହି ଉଲ୍ଲେଖନୀୟ ସଫଳତା ପଛରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନ ସହିତ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦ୍ୱାରିକାନାଥ ଶତପଥୀଙ୍କ ନେତୃତ୍ୱ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ମଞ୍ଜୁରାଣୀ ସିଂହ, ଜିଲ୍ଲା ପ୍ରକଳ୍ପ ପରିଚାଳକ ସତ୍ୟ ନାରାୟଣ ତ୍ରିପାଠୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀଙ୍କ ସମନ୍ୱିତ ଉଦ୍ୟମ, ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ଓ ସୁଦୃଢ଼ କାର୍ଯ୍ୟାନ୍ୱୟନ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ସଫଳତା ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆପଡ଼ା ଜିଲ୍ଲାର କ୍ରମାଗତ ଉନ୍ନତ କାର୍ଯ୍ୟଦକ୍ଷତାର ଆଉ ଏକ ସ୍ୱୀକୃତି ବୋଲି କୁହାଯାଉଛି। ଆଗାମୀ ଦିନରେ ହେପାଟାଇଟିସ୍-ସି ନିରାକରଣର ଜାତୀୟ ଲକ୍ଷ୍ୟ ହାସଲ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକ ସକ୍ରିୟ ଓ ଦୃଢ଼ତାର ସହ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି।





# ରେଳବାଇ ଜେନରାଲ ମ୍ୟାନେଜରଙ୍କ ସହ ଆଲୋଚନା

ଭବାନୀପାଟଣା, ୨୮ ।୭ (ସମିସ): ଇଷ୍ଟକୋଷ୍ଟ ରେଳ ବିଭାଗ ସମ୍ବଲପୁର ଡିଭିଜନ ରୂପ୍ରାରୋଡ ଏକ ବାଣିଜ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ଭାବେ ପରିଚିତ। ଏହି ରେଳ ଷ୍ଟେସନରେ କରୋନା ଆଗରୁ ସମତା ତିରୁପତି, ଏର୍ଣ୍ଣାକୁଲମ, ବୋକାରୋ - ମାଡ୍ରାସ, ଦୁର୍ଗ-ଜଗଦଲପୁର ଅନେକ ଏକ୍ସପ୍ରେସ୍ ଟ୍ରେନ ରହଣି ଥିଲା। ଯେଉଁଥିପାଇଁ ପାଖଆଖ ଅଞ୍ଚଳର ଛାତ୍ର ଛାତ୍ରୀ, ରୋଗୀ, ବ୍ୟବସାୟୀ, ଶ୍ରମଜୀବୀ, ଟୁରିଷ୍ଟ, ଶ୍ରଦ୍ଧାଳୁ ସହିତ ଉପକୃତ ହୋଇ ଆସିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଉନ୍ନତି ଦେଖିବାକୁ ମିଳିଥିଲା। ହେଲେ କରୋନା କାଳରେ ଏହି ସବୁ ଏକ୍ସପ୍ରେସ୍ ରହଣି ଉଠାଇ ନେଇ ଥିବାରୁ ରେଳ ଉପଭୋକ୍ତା ୩୦କିଲୋମିଟର କେସିଙ୍ଗା ଯାଇ ଖର୍ଚାନ୍ତ ହେଉଛନ୍ତି। ଏନେଇ ଆଜି ଭୁବନେଶ୍ୱରରେ ସ୍ଥିତ ରେଳବାଇ ଜେନରାଲ ମ୍ୟାନେଜରଙ୍କୁ ରୂପ୍ରାରୋଡ ରେଳସୁରକ୍ଷା ସମିତିର ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଦୀନେଶ ଅଗ୍ରୱାଲ, ପୁଷ୍ପକ ମହାନ୍ତି, ସୁମିତ ଅଗ୍ରୱାଲ, ରାଜେଶ ଦତ୍ତା, ନୀରଜ ଶର୍ମାଙ୍କ ସହିତ ଏକ ଡେଲି ଗେସନ ଟିମ ସାକ୍ଷାତ କରି ଟ୍ରେନ ରହଣୀ ଓ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଫାଟକରେ ଏକ ଅଣ୍ଡରବ୍ରିଜ ନିର୍ମାଣ ପାଇଁ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇଥିଲେ। ଜେନରାଲ ମ୍ୟାନେଜର ଟ୍ରେନ୍ ରହଣି ପାଇଁ ଏକମାସ ସମୟ ନେଇଥିବାବେଳେ ଅତିଶୀଘ୍ର ଏକ ଟିମ୍ ଯାଇ ରେଳ ଫାଟକ ନିର୍ମାଣ ପାଇଁ ଯାଞ୍ଚକରି ରିପୋର୍ଟ ଦେବେ ବୋଲି ପ୍ରକାଶ କରିଥିଲେ।



# ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସଙ୍କଟ

ଜୟପାଟଣା, ୨୮ ।୭ (ସମିସ): ଇନ୍ଦ୍ରାବତୀ ଜଳଭଣ୍ଡାରରେ ଦେଖାଦେଇଛି ଗମ୍ଭୀର ଜଳସଙ୍କଟ। ଜଳସ୍ତର ହ୍ରାସ ପାଇବା ଫଳରେ କଳାହାଣ୍ଡି ଜିଲ୍ଲାର ଲକ୍ଷାଧିକ ଚାଷୀଙ୍କ ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଇନ୍ଦ୍ରାବତୀ ଜଳଭଣ୍ଡାରର ସର୍ବାଧିକ ଜଳଧାରଣକ୍ଷମତା ୬୪୨ ମିଟର ହୋଇଥିବାବେଳେ ବର୍ତ୍ତମାନ ଜଳସ୍ତର ୬୩୧ ମିଟରକୁ ଖସି ଆସିଛି। ଗତବର୍ଷ ଏହି ସମୟରେ ଜଳସ୍ତର ୬୩୩ ମିଟରରୁ ଅଧିକ ଥିଲା। ଜଳସେଚନ ପାଇଁ ଗତ ଜୁଲାଇ୧୦ ତାରିଖରୁ ବାମ, ଡାହାଣ ଓ ଲିଫ୍ଟ କେନାଲ ମାଧ୍ୟମରେ ପାଣି ଛଡ଼ାଯାଇଥିଲା। ଏହାଦ୍ୱାରା ଜିଲ୍ଲାର ଲାଞ୍ଜିଗଡ଼, ଧର୍ମଗଡ଼, ଜୁନାଗଡ଼ ଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ୮ଟି ବ୍ଲକର ୫୦୧ଟି ଗାଁର ପ୍ରାୟ ୧ ଲକ୍ଷ ୧୮ ହଜାର ୯୦ ହେକ୍ଟର ଜମି ଜଳସେଚିତ ହେବାର ଲକ୍ଷ୍ୟ ରହିଥିଲା। ମାତ୍ର ୧୨ ଦିନ ପାଣି ଯୋଗାଇବା ପରେ କେନାଲ ବନ୍ଦ କରିଦିଆଯିବାରୁ କେନାଲର ତଳମୁଣ୍ଡକୁ ପାଣି ପହଞ୍ଚିପାରି ନାହିଁ। ଫଳରେ ଅନେକ ସ୍ଥାନରେ ଚାଷ କାର୍ଯ୍ୟ ଠପ୍ ହୋଇଯାଇଛି ଓ ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ବର୍ଷା ଜଳ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଭାରତୀୟ ପାଣିପାଗ ବିଭାଗର କମ୍ ବର୍ଷା ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଆଗତୁରା ସାବଧାନତା ସ୍ୱରୂପ ନିୟନ୍ତ୍ରିତ ଜଳ ଯୋଗାଣ କରାଯାଉଥିବା ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଚାଷକାର୍ଯ୍ୟର ଏହି ପ୍ରାରମ୍ଭିକ ସମୟରେ ପ୍ରଶାସନିକ ଅବହେଳା ଯୋଗୁଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ, ଜଳପରିଚାଳନାକୁ ବ୍ୟବସ୍ଥିତ କରିବା ସହ ଏହାର ଏକସ୍ଥାୟୀ ସମାଧାନ କରିବାକୁ ଜିଲ୍ଲାର ଚାଷୀକୂଳ ଦାବି କରିଛନ୍ତି।



# ବିଦେଶୀ ବିହଙ୍ଗ ପ୍ରେମରେ ସୋନବର୍ଷା; ସୁରକ୍ଷା ପାଇଁ ସମର୍ପିତ ଗ୍ରାମବାସୀ

ସିନାପାଲି, ୨୮ ।୭ (ସମିସ)

ପ୍ରତିବର୍ଷ ଅକ୍ଷୟ ତୃତୀୟା ବେଳକୁ ଦଳଦଳ ହୋଇ ଆସନ୍ତି। କିଛି ମାସ ଅବସ୍ଥାନ କରନ୍ତି। ବସା ଗଢ଼ନ୍ତି। ଅଣ୍ଡା ଦେଇ ଛୁଆ ଫୁଟାନ୍ତି। ଶାବକ ସାମାନ୍ୟ ବଡ଼ ହୋଇ ଉଡ଼ିବା ଆରମ୍ଭ କଲେ ପୁଣି ଫେରିଯାଆନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୋନବର୍ଷା ଗ୍ରାମବାସୀ ଦଶନ୍ଧି ଧରି ବିଦେଶୀ ପକ୍ଷୀଙ୍କ ସୁରକ୍ଷାରେ ନିଜକୁ ସମର୍ପିତ କରିଛନ୍ତି। ଫଳସ୍ୱରୂପ ପ୍ରତିବର୍ଷ ପକ୍ଷୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।ସିନାପାଲି ରେଞ୍ଜ ସିଙ୍ଘଝର ପଞ୍ଚାୟତର ଛୋଟ ଗାଁ ସୋନବର୍ଷା। ଏଠାରେ ପ୍ରାୟ ୧୦୦ ପରିବାରରେ ୮୦୦ ଲୋକ ବସବାସ କରନ୍ତି। ଏହି ଛୋଟ ଗାଁ ପାଇଁ ସ୍ୱତନ୍ତ୍ର ପରିଚୟ ଆଣିଦେଇଛନ୍ତି ବିଦେଶାଗତ ପକ୍ଷୀ। ଗାଁରେ ଶତାଧିକ ତେନ୍ତୁଳି ଗଛ ରହିଛି। ୧୦ବର୍ଷ ତଳେ ଗାଁକୁ 'ଏସିଆନ ଓପନ ବିଲ ଷ୍ଟୋର୍କ' ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିଲା। ଦଳବଦ୍ଧ ହୋଇ ଆସିଥିବା ପକ୍ଷୀ ଏକ ତେନ୍ତୁଳି ଗଛରେ ବସା ବାନ୍ଧିଥିଲେ। ପକ୍ଷୀଙ୍କ କିଚିରି ମିଚିରି ଶବ୍ଦରେ ଗାଁ ମୁଖରିତ ହୋଇଉଠିଲା। ଗାଁର ମୂଳବସା ଡ୍ୟାମ୍‌ରେ ପକ୍ଷୀ ବିଚରଣ କରିବା ସହ ଖାଦ୍ୟ ଅନ୍ୱେଷଣ କଲେ। ପରବର୍ତ୍ତୀ ସମୟରେ ଆହୁରି ଅଧିକ ପକ୍ଷୀ ଆସିଲେ। ଗାଁ ଚାରିପଟେ ବସା ବାନ୍ଧିଲେ। ଏଥିରେ ଗ୍ରାମାଞ୍ଚଳର ସୌନ୍ଦର୍ଯ୍ୟ ବଢ଼ିଲା। ପରିବେଶ ପକ୍ଷୀମୟ ହୋଇଗଲା। ଯାହା ଗାଁ ଲୋକଙ୍କୁ ଆନନ୍ଦିତ ଓ ଆମୋଦିତ କରିଥିଲା। ଗ୍ରାମବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ବୈଠକ କରି ଶପଥ ନେଲେ। ପ୍ରଥମେ ଏକ କମିଟି ଗଢ଼ା ହେଲା। ନିୟମିତ ବ୍ୟବଧାନରେ ପକ୍ଷୀ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଗଲା। ପକ୍ଷୀ ଶିକାରୀଙ୍କ ପାଇଁ କଠୋର ଶାସ୍ତି ବିଧାନ ହେଲା। ପକ୍ଷୀ ଶିକାର କଲେ ହଜାରେ ଟଙ୍କା ଜରିମାନା ନିଷ୍ପତ୍ତି ନିଆଗଲା। ତାହା ପରଠୁ ଗାଁରେ ପକ୍ଷୀ ଶିକାର ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଗ୍ରାମବାସୀ ଏବେ ବିଦେଶୀ ଅତିଥି ପକ୍ଷୀଙ୍କ ସୁରକ୍ଷାରେ ମାତିଛନ୍ତି। ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହ ବେଳକୁ ଦଳଦଳ ହୋଇ ଗାଁକୁ ବିଦେଶୀ ପକ୍ଷୀ ଆସନ୍ତି। ଏଥି ପୂର୍ବରୁ ଅକ୍ଷୟ ତୃତୀୟା ବେଳକୁ ଗୋଟିଏ ପକ୍ଷୀ ଆସି ଆଖପାଖ ପରିବେଶ ନିରୀକ୍ଷଣ ରିଥାଏ। ସେ ଫେରିଯିବା ପରେ ପକ୍ଷୀମାମାନେ ଦଳଦଳ ହୋଇଆସନ୍ତି। ଯଦି ପରିବେଶଗତ ବ୍ୟତିକ୍ରମ ଥିଲେ ସେମାନଙ୍କ ଆସିବା ସାମାନ୍ୟ ବିଳମ୍ବ ହୋଇଥାଏ। ଏଠାରେ ପହଞ୍ଚିବା ପରେ ଗ୍ରାମର ବିଭିନ୍ନ ତେନ୍ତୁଳି ଗଛରେ ସେମାନେ ବସା ବାନ୍ଧି ଅଣ୍ଡା ଦିଅନ୍ତୁ। ୫-୬ ମାସ ରହଣି ପରେ ଦୀପାବଳି ଅର୍ଥାତ୍ ଅକ୍ଟୋବର ବେଳକୁ ପକ୍ଷୀମାନେ ସେମାନଙ୍କ ପ୍ରାକୃତିକ ଆବାସକୁ ଫେରିଯାଆନ୍ତି। ପକ୍ଷୀ ସୁରକ୍ଷା କମିଟିର ସଭାପତି ଗୁଆଲୁ ରାଉତ, ସମ୍ପାଦକ କୁଣ୍ଡରୀ ରାଉତ କହିଛନ୍ତି, ବିଦେଶୀ ଅତିଥି ପକ୍ଷୀ ଆସିଲେ ବର୍ଷା ଆରମ୍ଭହୁଏ। ପକ୍ଷୀମାନେ ଚାଲି ଗଲେ ବର୍ଷା ଛାଡ଼ିଯାଏ। ପକ୍ଷୀଙ୍କ ଆଗମନ ଅନୁସାରେ ଗାଁର ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରି ସମ୍ପୂର୍ଣ୍ଣ କରିଥାଆନ୍ତି। ଚଳିତବର୍ଷ ପ୍ରାୟ ୫୦ଟି ତେନ୍ତୁଳି ଗଛରେ ପକ୍ଷୀମାନେ ଡେରା ପକାଇଛନ୍ତି। ଗ୍ରାମର ପ୍ରତି ପରିବାର ପାଳି କରି ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। ଗୋସିଂ ରାଉତ, ପୁଣ୍ଡରି ରାଉତ, କୌଶଲ୍ୟା ରାଉତ, କୁମାର ରାଉତ କହିଛନ୍ତି, ବିଦେଶୀ ପକ୍ଷୀ ଆମ ଅଞ୍ଚଳର ସମୃଦ୍ଧିର ପ୍ରତୀକ। ସେମାନେ ଆସିଲେ ଭଲ ବର୍ଷା ଓ ଫସଲ ହୁଏ। ଏମାନଙ୍କ ସୁରକ୍ଷା ଆମ ଦାୟିତ୍ୱ। ଏଥିପାଇଁ ଯାହା ଆବଶ୍ୟକ ତାହା କରିବୁ। ଖଡ଼ିଆଳ ଡିଏଫ୍‌ଓ ଅଜିଜ୍ ଖାନ୍ କହିଛନ୍ତି, ଏଥର ଏସିଆନ ଓପନ ବିଲ ଷ୍ଟାର୍କ ସହ ବିଗ ଏଗରେଟ୍, ଇଣ୍ଡିଆନ ସାଗ୍ ପ୍ରଜାତିର ହଜାରେ ସଂଖ୍ୟାରେ ବିଦେଶୀ ପକ୍ଷୀ ଆସିଛନ୍ତି। ପକ୍ଷୀ ଆଗମନ ବଢୁଥିବା ଦେଖି ବିଭାଗ ପକ୍ଷରୁ ନିୟମିତ ସେମାନଙ୍କ ସୁରକ୍ଷା ନିରୀକ୍ଷଣ କରାଯାଉଛି। ବିଭାଗୀୟ ଅଧିକାରୀମାନେ ଗାଁରେ ବୈଠକ କରି ଲୋକଙ୍କୁ ବୁଝାଉଛନ୍ତି। ପକ୍ଷୀଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି।




# ରାସ୍ତାରେ ବୋହୁଛି ଡ୍ରେନ୍ ପାଣି; ଅତିଷ୍ଠ ସହରବାସୀ

ଖଡ଼ିଆଳ, ୨୮ ।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ମଧ୍ୟଭାଗରେ ଥିବା ପ୍ରମୁଖ ରାସ୍ତା ଦୀର୍ଘଦିନ ଧରି ଭଙ୍ଗା ଅବସ୍ଥାରେ ପଡ଼ିରହିଛି। ଏହା ସହିତ ରାସ୍ତା ଉପରେ ଡ୍ରେନର ଦୂଷିତ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତରେ ସମସ୍ୟା ହେବା ସହ ସ୍ଥାନୀୟ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଭଙ୍ଗା ରାସ୍ତାକୁ ଲାଗି ସ୍କୁଲ ରହିଛି। ଏଥିରେ ସହରର ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୂଷିତ ପାଣି ଜମି ରହିବାରୁ ରାସ୍ତା ପିଚ୍ଛଳ ହୋଇପଡ଼ିଛି। ଫଳରେ ଦୁଇଚକିଆ ଯାନଚାଳକ, ପଥଚାରୀ, ବୃଦ୍ଧବୃଦ୍ଧା ଏବଂ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ ମାନେ ପ୍ରତିଦିନ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାସ୍ତାର ମରାମତି ସହ ଡ୍ରେନ ବ୍ୟବସ୍ଥାର ସୁଧାର କରାଯିବାକୁ ସେମାନେ ଦାବି କରିଛନ୍ତି। ସହରବାସୀଙ୍କ ଦାବି, ଜନସ୍ୱାସ୍ଥ୍ୟ ଓ ଜନସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ, ଯାହାଫଳରେ ସାଧାରଣ ଲୋକେ ନିରାପଦ ଓ ସୁବିଧାରେ ଯାତାୟାତ କରିପାରିବେ।




# ଜିଡାନ୍ ଫ୍ରାନ୍ସର ନୂଆ କୋଚ୍



ପ୍ୟାରିସ, ୨୮ ।୭ (ଏଜେନ୍ସି): କିମ୍ବଦନ୍ତୀ ଫୁଟବଲର୍ ଜିନେଦିନ ଜିଡାନ ଫ୍ରାନ୍ସ ପୁରୁଷ ଫୁଟବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି । ବିଦାୟୀ ପ୍ରଶିକ୍ଷକ ଡିଡିଅର ଡେଶ୍‌ଚାମ୍ପସଙ୍କ ସ୍ଥାନରେ ୫୪ ବର୍ଷୀୟ ଜିଡାନ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ସର୍ବାଧିକ ୧୪ ବର୍ଷ ଧରି ଫ୍ରାନ୍ସ ଫୁଟବଲ ଦଳ ପ୍ରଶିକ୍ଷକ ତଥା ମ୍ୟାନେଜର ପଦ ସମ୍ଭାଳିବା ପରେ ଡେଶ୍‌ଚାମ୍ପସଙ୍କ କାର୍ଯ୍ୟକାଳ ଗତ ବିଶ୍ୱକପ୍ ପରେ ସମାପ୍ତ ହୋଇଥିଲା । ଫିଫା ବିଶ୍ୱକପର ଏହି ସଂସ୍କରଣରେ ଫ୍ରାନ୍ସ ସେମିଫାଇନାଲରେ ସ୍ପେନଠାରୁ ହାରି ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା । ଅପରପକ୍ଷରେ ୧୯୯୮ ବିଶ୍ୱକପ୍ ବିଜେତା ଜିଡାନ ଦ୍ୱିତୀୟଥର ଲାଗି ଫ୍ରାନ୍ସ ଜାତୀୟ ଦଳର ପ୍ରଶିକ୍ଷକ ପଦ ସମ୍ଭାଳିଛନ୍ତି । ଏଥିପୂର୍ବରୁ ୨୦୨୧ରେ ପ୍ରଥମଥର ଲାଗି ଏହି ପଦରେ ରହିଥିଲେ । ଏବେ ଫ୍ରାନ୍ସ ୨୦୩୦ ଫିଫା ବିଶ୍ୱକପ୍ ଜିଡାନଙ୍କ ତତ୍ତ୍ୱାବଧାନରେ ଖେଳି ଆହୁରି ଶ୍ରେଷ୍ଠ ପ୍ରଦର୍ଶନ କରିବା ଆଶାରେ ରହିଛି ।

# ଜଷ୍ଟିନ ଗ୍ରିଭ୍‌ସଙ୍କ ବିଶ୍ୱରେକର୍ଡ



ତାରୌବା, ୨୮ ।୭ (ଏଜେନ୍ସି): ଟେଷ୍ଟ କ୍ରିକେଟ ଇତିହାସରେ ପୂର୍ବରୁ ଯାହା କେବେ ହୋଇ ନ ଥିଲା, ତାହା ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ଜଷ୍ଟିନ୍ ଗ୍ରିଭ୍‌ସ କରି ଦେଖାଇଛନ୍ତି । ପାକିସ୍ତାନ ପ୍ରଥମ ଇନିଂସରେ ଗ୍ରିଭ୍‌ସ କ୍ରମାଗତ ୫ଓଭର ମେଡେନ୍ ବୋଲିଂ କରି ୫ଟି ୱିକେଟ ନେଇ ବିଶ୍ୱରେକର୍ଡ କରିଛନ୍ତି । ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍‌ଙ୍କ ନାମରେ ଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ବ୍ରଡ୍ କ୍ରମାଗତ ୪ ଓଭର ମେଡେନ ବୋଲିଂ କରି ୪ଟି ୱିକେଟ ଅକ୍ତିଆର କରିଥିଲେ ।

# ର୍‍ୟାନ୍‌ଙ୍କ ଇସ୍ତଫା; ଅଲଗା ହେଲେ ଦିଲୀପ



ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି): ଆଗାମୀ ଶ୍ରୀଲଙ୍କା ଗସ୍ତ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ପ୍ରଶିକ୍ଷକ ଷ୍ଟାଫ୍‌ଙ୍କ ମଧ୍ୟରେ ବଡ଼ ପରିବର୍ତ୍ତନ ହୋଇଛି । ସଦ୍ୟ ସୂଚନା ଅନୁଯାୟୀ ସହାୟକ କୋଚ୍ ର୍‍ୟାନ୍ ଟେନ୍ ଡୋସଚେଟ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ସେହିଭଳି ଫିଲ୍ଡିଂ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଥିବା ଟି. ଦିଲୀପଙ୍କ ଚୁକ୍ତି ନବୀକରଣ ନ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି । ଏହାକୁ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତ ସମୟରେ ଉଭୟ (ର୍‍ୟାନ୍ ଓ ଦିଲୀପ)ଙ୍କ ଚୁକ୍ତିନାମା ଶେଷ ହୋଇଯାଇଥିଲା । ସେମାନଙ୍କ ଚୁକ୍ତିନାମା ଆଉ ବୃଦ୍ଧି କରାଯାଇ ନଥିଲା । ଦିଲୀପ ୨୦୨୧ ମସିହାରୁ ଟିମ୍ ଇଣ୍ଡିଆ ସହିତ ଜଡ଼ିତ ରହିଥିଲେ । ଗତ ବର୍ଷ ତାଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା । ଅପରପକ୍ଷରେ ନେଦରଲ୍ୟାଣ୍ଡସର ର୍‍ୟାନ୍ ୨୦୨୪ରେ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ପ୍ରଶିକ୍ଷକମଣ୍ଡଳୀରେ ସାମିଲ ହୋଇଥିଲେ । ତାଙ୍କର ଚୁକ୍ତି ୨ ବର୍ଷୀୟା ଥିଲା । ସେ ଆଉ ଚୁକ୍ତି ବଢ଼ାଇବାକୁ ଆଗ୍ରହୀ ନ ଥିଲେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି । ଶୁଭଦୀପ୍ ଘୋଷ ଏବେ ଭାରତୀୟ କ୍ରିକେଟ୍ ଦଳର ପରବର୍ତ୍ତୀ ଫିଲ୍ଡିଂ କୋଚ୍ ହେବା ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି । ଶୁଭଦୀପ ଆସାମ ଓ ରେଳବାଇ ପକ୍ଷରୁ ଘରୋଇ କ୍ରିକେଟ୍‌ରେ ସକ୍ରିୟ ଥିଲେ ।

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଇତିହାସ ସୃଷ୍ଟି କଲେ ଶର୍ମିଳା ଧନକଡ଼

ଗ୍ଲାସ୍‌ଗୋ,୨୮ ।୭ (ଏଜେନ୍ସି)



ଏଠାରେ ଚାଲିଥିବା ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରପାରାଆଥଲେଟିକ୍ସର ମହିଳା ସଟ୍‌ପୁଟରେ ଭାରତର ଶର୍ମିଳା ଧନକଡ଼ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଏଫ୍‌୫୭ ସଟ୍‌ପୁଟ ଇଭେଣ୍ଟରେ ୯.୮୧ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ଶର୍ମିଳା ପ୍ରଥମସ୍ଥାନ ଅଧିକାର କରିଥିଲେ । ଏଥିସହ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତର ପ୍ରଥମ ପାରା ଆଥଲେଟିକ୍ସ ଭାବରେ ଶର୍ମିଳା ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦ ବର୍ଷ ପରେ ଭାରତ ପାରା ଆଥଲେଟିକ୍ସରେ ପ୍ରଥମଥର ପଦକ ଜିତିବାକୁ ସମର୍ଥ ହୋଇଛି । ୪୦ ବର୍ଷୀୟା ଶର୍ମିଳା ଧନକଡ଼ଙ୍କର ଏହା ଦ୍ୱିତୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ପ୍ରଥମ ପଦକ । ନିଜର ଦୁଇ ଝିଅଙ୍କ ସହ ଆଥଲେଟିକ୍ସରେ ତିଷ୍ଠି ରହିଥିବା ହରିଆଣା ମହେନ୍ଦ୍ରଗଡ଼ ବାସିନ୍ଦା ଶର୍ମିଳା ପ୍ରଥମ ବିବାହରେ ନିର୍ଯାତନାର ଶିକାର ହୋଇଥିଲେ । ଦ୍ୱିତୀୟ ବିବାହ ପରେ ବା ୩୪ ବର୍ଷରେ ସେ ପାରାଆଥ୍‌ଲେଟିକ୍ସରେ ଅଂଶଗ୍ରହଣ କରି ଏବେ ଭାରତର ପ୍ରଥମ ମହିଳା ସ୍ୱର୍ଣ୍ଣପଦକ ବିଜେତା ହୋଇ ଇତିହାସ ସୃଷ୍ଟି କରିଛନ୍ତି । ଏହି ଇଭେଣ୍ଟରେ ନାଇଜେରିଆର ୟୁଚାରିଆ ୟିଆଜିଙ୍କୁ ରୌପ୍ୟ ଓ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଶିକ୍ଷା କେ. ଶିଲାଙ୍କୁ କାଂସ୍ୟ ପଦକ ମିଳିଛି । ଫଳରେ ଏହି ଇଭେଣ୍ଟରେ ଭାରତକୁ ଦୁଇଟି ପଦକ ମିଳିଛି ।

## ଆଥ୍‌ଲେଟିକ୍ସରେ ସର୍ବେଶଙ୍କୁ ପ୍ରଥମ ପଦକ

ଓପନ ଆଥଲେଟିକ୍ସରେ ସର୍ବେଶ କୁଶାରେ ପୁରୁଷ ଲଙ୍ଗ ଜମ୍ପରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଏହି ଇଭେଣ୍ଟରେ ଭାରତକୁ ପ୍ରଥମ ପଦକ ମିଳିଛି । ଏଠାରେ ସେ ୨.୨୫ ମିଟର ଉଚ୍ଚତାକୁ ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ । ପ୍ରଥମ ଆଟେମ୍ପଟରେ ସମାନ ୨.୨୫ ମିଟରକୁ ଡେଇଁଥିବା ଜାମାଇକାର ବେକଫୋର୍ଡ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । କୁଶାରେ ତୃତୀୟ ଆଟେମ୍ପଟରେ ୨.୨୫ ମିଟର ଉଚ୍ଚତାକୁ ଡେଇଁବାରେ ସଫଳ ହୋଇଥିଲେ । ପୁରୁଷ ୧୧୦ ମିଟର ହର୍ଡ୍‌ଲ୍ସ ଫାଇନାଲରେ ତେଜାସ



ଶୀର୍ଷେ ୮ମ ତଥା ଶେଷ ସ୍ଥାନରେ ରହିଛନ୍ତି । ପୁରୁଷ ଲଙ୍ଗ୍‌ଜମ୍ପରେ ମୁରଲୀ ଶ୍ରୀଶଙ୍କର ଓ ଲୋକେଶ ସତ୍ୟନାଥନ ଭାଗନେଇଛନ୍ତି । ଏମାନଙ୍କଠାରୁ ପଦକ ଆଶା କରାଯାଉଛି ।

## ଭାରୋତ୍ତୋଳନରେ ପଦକ ବିଜୟ ଧାରା ଜାରି



ଭାରୋତ୍ତୋଳନରେ ଭାରତର ପଦକ ବିଜୟ ଧାରା ଅବ୍ୟାହତ ରହିଛି । ସୋମବାର ଫାଇନାଲ ହୋଇଥିବା ୩ଟି ଇଭେଣ୍ଟ ମଧ୍ୟରୁ ଭାରତ ୩ଟି ପଦକ ହାସଲ କରିଛି । ବିଳମ୍ବିତ ରାତିରେ ଶେଷ ହୋଇଥିବା ପୁରୁଷ ୭୯ କେଜି କାଟାଗୋରୀରେ ଅଜୟ ବାବୁ ମୋଟ ୩୩୦ କିଗ୍ରା ଉଠାଇ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଅଜୟ ବାବୁ ସ୍ନାଚ୍‌ରେ ୧୪୯, କ୍ଲିନ୍ ଆଣ୍ଡ ଜର୍କରେ ୧୮୧ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ମାଲେସିଆର ଏରୀ ହିଦାୟତ ସ୍ନାଚ୍‌ରେ ୧୪୭, କ୍ଲିନ୍ ଆଣ୍ଡ ଜର୍କରେ ରେକର୍ଡ ୧୮୪ କେଜି ସହ ମୋଟ୍ ୩୩୧ କିଗ୍ରା ଓଜନ ଉଠାଇ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଅଜୟ ବାବୁ ମାତ୍ର ୧ କିଲୋ କମ୍ ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାତଛଡ଼ା କରିଥିଲେ । ପୂର୍ବରୁ ଭାରତକୁ ଦୁଇଟି ପଦକ ମିଳିଥିଲା । ମହିଳା ୫୮ କିଲୋଗ୍ରାମ୍‌ରେ ବିନ୍ଦିଆରାଣୀ ଦେବୀଙ୍କୁ କାଂସ୍ୟ ଓ ୫୩ କିଲୋଗ୍ରାମ୍‌ରେ ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ ପଦକ ମିଳିଥିଲା । ମିରାବାଇ ଚାନୁ ମହିଳା ୪୮ କେଜିରେ ସ୍ୱର୍ଣ୍ଣ ଓ ରିଷିକାନ୍ତ ସିଂ ପୁରୁଷ ୬୫ କିଲୋଗ୍ରାମ୍ ଶ୍ରେଣୀରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ । ଏହାକୁ ମିଶାଇ ଭାରୋତ୍ତୋଳନରୁ ଭାରତକୁ ସର୍ବାଧିକ ପଦକ ମିଳିଛି । ଏହା ମଧ୍ୟରେ ରହିଛି ମିରାବାଇଙ୍କ ସ୍ୱର୍ଣ୍ଣ, ରିଷିକାନ୍ତ, ଅଜୟ ବାବୁ ଓ ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ, ବିନ୍ଦିଆରାଣୀଙ୍କୁ କାଂସ୍ୟ ପଦକ ମିଳିଛି ।

## ନିରାଶ କଲେ ନିରୁପମା


ମଙ୍ଗଳବାର ଅନୁଷ୍ଠିତ ମହିଳା ୬୩ କିଲୋଗ୍ରାମ୍ ବିଭାଗରେ ଭାରୋତ୍ତୋଳିକା ନିରୂପମା ଦେବୀ ନିରାଶ କରିଛନ୍ତି । ନିରୂପମା ୩ଟି ଯାକ ଆଟେମ୍ପଟରେ ଫେଲ ମାରିଛନ୍ତି । ପଦକ ଜିତିବାର ତ ଦୂରର କଥା ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନ ଥିଲେ । ଏଯାଏ ଅନୁଷ୍ଠିତ ସମସ୍ତ ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାରତ ପଦକ ଜିତିଥିଲା । କିନ୍ତୁ ୧୨୩ କେଜିଠାରୁ ଅଧିକ ଭାର ଉଠାଇଥିବା ନିରୁପମା କିପରି ଫେଲ୍ ମାରିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ଇଭେଣ୍ଟରେ ଭାରତ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ କାଂସ୍ୟ ପଦକ ବିଜୟୀ ହୋଇଛି । ଆଜିର ଅନ୍ୟ ଇଭେଂଟ ମଧ୍ୟରୁ ସନ୍ତରଣରେ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଶ୍ରୀହରି ନଟରାଜ ସେମିରେ ପ୍ରବେଶ କରିଛନ୍ତି । ପୁରୁଷ ୫୦ ମିଟର ଫ୍ରିଷ୍ଟାଇଲ ସନ୍ତରଣର ଫାଇନାଲରେ ପ୍ରବେଶ କରିଛନ୍ତି । କିନ୍ତୁ ସାଜନ ପ୍ରକାଶ ଆଉ ଏକ ଇଭେଂଟରୁ ବାଦ୍ ପଡ଼ିଛନ୍ତି । ଦୌଡ଼କୁଦର ପୁରୁଷ ୪୦୦ ମିଟର ଦୌଡ଼ରେ ବିଶାଳ ସେମିରେ ପ୍ରବେଶ କରିଥିଲାବେଳେ ରାଜେଶ ବାଦ୍ ପଡ଼ିଛନ୍ତି ।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବୁମ୍‌ରା, ଜାଡେଜା ଫେରିଲେ, ସାରାଂଶ ନୂଆ ମୁହଁ

ନୂଆଦିଲ୍ଲୀ,୨୮ ।୭ (ଏଜେନ୍ସି): ଶ୍ରୀଲଙ୍କା ସହ ଖେଳିବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି । ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଯଥାକ୍ରମେ ଅଧିନାୟକ ଓ ଉପଅଧିନାୟକ ପଦ ବଜାୟ ରଖିଛନ୍ତି । ସ୍ପିନ୍ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଦଳକୁ ଫେରିଛନ୍ତି । ଶ୍ରୀଲଙ୍କା-ଏ’ ସହ ଭଲ ଖେଳିଥିବା ସାଇ ସୁଦର୍ଶନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି । ଉଭୟ ବୁମ୍‌ରା ଓ ସୁଦର୍ଶନ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଦ୍ୱାରା ଫିଟ୍ ଘୋଷିତ ହେଲେ ଦଳରେ ସ୍ଥାନ ପାଇବେ । ଅନ୍ୟମାନେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି । ସୁଦର୍ଶନ ଫିଟ ନ ହେଲେ ଦେବଦତ୍ତ ପାଡିକଲ ନଂ-୩ରେ ବ୍ୟାଟିଂ କରିବେ । ଅନ୍‌ଫିଟ୍ ଥିବା ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ୩୩ ବର୍ଷୀୟ ଅଫ୍‌ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନଙ୍କୁ ପ୍ରଥମଥର ଲାଗି ଟେଷ୍ଟ ଦଳରେ ସାମିଲ କରାଯାଇଛି । ଜୈନ ମଧ୍ୟପ୍ରଦେଶ ପକ୍ଷରୁ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୮୮ଟି ୱିକେଟ ନେବା ସହ ୨୨୨୩ ରନ୍ ସଂଗ୍ରହ କରିଛନ୍ତି ।

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ଏବଂ ଦ୍ୱିତୀୟ ଟେଷ୍ଟ କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଅଗଷ୍ଟ ୨୩ରୁ ଖେଳାଯିବ । ଏହା ପୂର୍ବରୁ ଅଗଷ୍ଟ ୭ରୁ ଏକ ୪ ଦିନିଆ ଅଭ୍ୟାସ ମ୍ୟାଚ ଖେଳିବ ଭାରତ । ଭାରତ ୯ ବର୍ଷ ପରେ ଶ୍ରୀଲଙ୍କାରେ ଟେଷ୍ଟ ସିରିଜ୍ ଖେଳିବ । ୨୦୧୭ରେ ଭାରତ ୩-୦ରେ ସିରିଜ୍ କବ୍‌ଜା କରିଥିଲା ।



**ଘୋଷିତ ଦଳ**: ଶୁବମନ ଗିଲ୍ (ଅଧିନାୟକ), ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ଋଷଭ ପନ୍ତ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, କୁଲଦୀପ ଯାଦବ, ମାନବ ସୁତାର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଗୁରୁନୁର ବ୍ରାର୍ ।


## ଆଜିଠାରୁ ଜାତୀୟ ଯୁବ ତାଏକ୍ୱୋଣ୍ଡୋ

ଭୁବନେଶ୍ୱର, ୨୮ ।୭ (ସମିସ): କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟ ଯୁବ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା । ଏଥିରେ ସମଗ୍ର ଭାରତବର୍ଷରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଯୁବ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ ।

ରାଜ୍ୟ ବରିଷ୍ଠ ଚେସ୍

# ଫକିର ମାଝୀ ଏକକ ଅଗ୍ରଣୀ

ଭୁବନେଶ୍ୱର, ୨୮ ।୭ (ସମିସ): ରାୟଗଡ଼ା ତଥା କିସ୍‌ର ଛାତ୍ର ଫକିର ମାଝୀ ଏଠାରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ଫିଡେ ରେଟିଂ ଚେସ୍‌ରେ ଏକକ ଅଗ୍ରଣୀ ନେଇଛନ୍ତି । ମଙ୍ଗଳବାର ଚତୁର୍ଥ ଦିନ ଓ ୮ମ ରାଉଣ୍ଡ ଖେଳ ଶେଷସୁଦ୍ଧା ସେ ୮ ରାଉଣ୍ଡରୁ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି । ତାଙ୍କ ପଛକୁ ୪ଜଣ ଖେଳାଳି ୬.୫ ପଏଣ୍ଟ ସହ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେମାନେ ହେଲେ ପୁରୀର ଜଗଦୀଶ ବାରିକ, ବାଲେଶ୍ୱରର ସିଦ୍ଧେଶ କାମିଲା, ଖୋର୍ଦ୍ଧାର ଓମ୍‌ଆଦିତ୍ୟ ଖାଡଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ । ୬ ପଏଣ୍ଟ ସହ ୬ଜଣ ଖେଳାଳି ମିଳିତଭାବେ ତୃତୀୟସ୍ଥାନ ଅଧିକାର କରିଛନ୍ତି । ଅଲଓଡ଼ିଶା ରାଜ୍ୟ ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ ।



ଜାତୀୟ ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ

# ମେନ୍ ଡ୍ର’ରେ ଓଡ଼ିଶାରୁ ୧୦

ଭୁବନେଶ୍ୱର, ୨୮ ।୭ (ସମିସ): ଏଠାରେ ଚାଲିଥିବା ଜାତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ମେନ୍ ଡ୍ର ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏଥିରେ ଉଭୟ ବାଳକ ଓ ବାଳିକା ଏକକରେ ୩୨ଜଣ ଲେଖାଏଁ, ଯୁଗଳରେ ୧୬ଟି ଲେଖାଏଁ ଯୋଡି ଓ ମିଶ୍ରିତ ଯୁଗଳରେ ୧୬ ଯୋଡା ଖେଳାଳି ଅଂଶଗ୍ରହଣ କରୁଛନ୍ତି । ଏ ସମସ୍ତ ବିଭାଗରେ ଓଡ଼ିଶାରୁ ମୋଟ ୧୦ଜଣ ଖେଳାଳି ମେନ୍ ଡ୍ର’ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେମାନଙ୍କ ମଧ୍ୟରୁ ବାଳକ ବିଭାଗରେ ଦିବ୍ୟମ କେଜରିୱାଲ ଓ ଶୁଭ୍ରକେତନ ମଲ୍ଲିକ, ବାଳିକା ଏକକରେ ଜାତୀୟ ଜୁନିଅର ଚାମ୍ପିଅନ ତନ୍‌ଭୀ ପତ୍ରୀ, ନିମିଶା ଓଝା ଓ ଜେସିକା ସାହୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି ।

# ସର୍ବବୃହତ୍ ଫିଫା ବିଶ୍ୱକପ୍

ଡଲାସ,୨୮ ।୭ (ଏଜେନ୍ସି): ଆମେରିକାରେ ଖେଳା ଯାଇଥିବା ୨୩ତମ ଫିଫା ବିଶ୍ୱକପ୍‌କୁ ସବୁ ଦୃଷ୍ଟିରୁ ସର୍ବବୃହତ୍ ବିଶ୍ୱକପ୍ ଭାବେ ସ୍ୱୀକୃତି ଦେଇଛି ଫିଫା । ଫିଫା ପକ୍ଷରୁ କୁହାଯାଇଛି, ଏହି ବିଶ୍ୱକପ୍ ୩ଟି ଦେଶର ୧୬ଟି ଷ୍ଟାଡିୟମ୍‌ରେ ୩୯ ଦିନ ଧରି ଚାଲିଥିଲା । ଏଥିରେ ୧୨୪୮ ଜଣ ଖେଳାଳି ଭାଗ ନେଇଥିଲେ । ୬୮ ଲକ୍ଷ ଦର୍ଶକ ବିଶ୍ୱକପ୍‌କୁ ଷ୍ଟାଡିୟମ୍‌ରେ ଦେଖିଥିଲେ । ବିଶ୍ୱରେ ପୂର୍ବରୁ ଅନୁଷ୍ଠିତ ବିଶ୍ୱକପ୍ କିମ୍ବା ଆୟୋଜିତ ହେଉଥିବା ଯେ କୌଣସି କ୍ରୀଡ଼ା ପ୍ରତିଯୋଗିତା ଅପେକ୍ଷା ଏହା ବୃହତ୍ତମ । ଏହି ବିଶ୍ୱକପ୍ ପରିଚାଳନା କରିବାକୁ ୪୩,୦୦୦ ସ୍ୱେଚ୍ଛାସେବୀ, ୭୩,୭୦୦ ଜଣ ସୁରକ୍ଷା କର୍ମଚାରୀ ପରିଚାଳନା କରିବାରେ ସହାୟତା ଦେଇଥିଲେ । ଡଲାସରେ ପ୍ରତଷ୍ଠା କରାଯାଇଥିବା ମିଡିଆ ସେଂଟରରେ ଏକାଥରକେ ୧,୦୦୦ ସାମ୍ବାଦିକଙ୍କୁ କାମ କରିବା ସୁଯୋଗ ଦିଆଯାଇଥିଲା ।

ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ 'ସକାଳ' ପକ୍ଷରୁ 'ସବୁଜ ଅଭିଯାନ'




ଚନ୍ଦ୍ରଶେଖର ପେଟ୍ରୋଲ ପମ୍ପ, ଭୁବନେଶ୍ୱର



ଟାଙ୍ଗୀ (କଟକ)



ଖୋର୍ଦ୍ଧା



ନୟାଗଡ଼



ବାଲେଶ୍ୱର



ବାରିପଦା



ବ୍ରହ୍ମପୁର



ବୁଢ଼ାରଜା ପେଟ୍ରୋଲ ପମ୍ପ, ସମ୍ବଲପୁର

MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta transforming for good | ନାଲକୋ NALCO | TPWODL | JSW JFE JSW JFE Steel Limited | Paradeep Phosphates